Split by PDF Splitter

# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା ।

ଭାଗ ୨୯ ସଂଖ୍ୟା ୭ | ତା ୧୦ ଇ ମାହେ ଫିବୃଆରି ସନ ୧୮୯୪ ମସିହା। ମୂ। ମାଘ ୩୦ କମାସ ସନ ୧୩୦୧ ସାଲ ଶନିବାର । | ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩୲ ପଶ୍ଚାଦେୟ ଟ ୩॥


## ବିଜ୍ଞାପନ ।

ଓଡ଼ିଆ
ସନ ୧୮୯୩।୯୪ ମସିହାର

## ନୂତନ ପଞ୍ଜିକା ।

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ପୂର୍ବ-ପ୍ରାୟ ଛପା ହୋଇ ବିକ୍ରୟ ହେଉଅଛି ।
ବଡ଼ ଖଣ୍ଡକୁ ଟ୦।୵ ଡାକମାସୁଲ ଟ୦୵
ଛୋଟ ଖଣ୍ଡକୁ ଟ୦୵ ଡାକମାସୁଲ ଟ୦୬


ଅପ୍ରସମିଦ୍ଧ ହାବୁଲ ପଶ୍ଚିମ ଓ ପଞ୍ଜାବ ଭ୍ରମଣ କରୁ ମଧ୍ୟ ଭାରତରେ ପଶିଅଛନ୍ତି । ଏଣେ ଚେମ୍ବେ-ଲସ ମଧ୍ୟ ଭାରତରେ ପଶିଅଛନ୍ତି। ଏଣେ ଚେମ୍ବେ-ଲସିଦ୍ଧ ସେ. ଅଞ୍ଚଳମାନ ବୁଲି କଲିକତାକୁ ଆସୁଅଛନ୍ତି । ଆଗାମି ବୁଧବାର ସେଠାରେ ପଶୁ-ସ୍ଥ ବୈଠକ ଆରମ୍ଭ କରିବେ ।

———

ଗବର୍ଣ୍ଣମେଣ୍ଟଙ୍କ ମୁଦ୍ରାସମ୍ବନ୍ଧୀୟ ନୂତନ ଆଇ-ନ ଫଳପ୍ରଦ ହେବାର ଦେଖା ଯାଉ ନାହିଁ । ଧାର୍ଯ୍ୟ ଟଙ୍କା ପ୍ରତି ଏକ ଶିଲିଂ ଚାରିପେନସ୍ ଧାର୍ଯ୍ୟ ହୋଇଥିଲା ମାତ୍ର କଲିକତାର ସେକ୍ରେଟରୀ ଏକସି-ଲିଂ ଛଅପେନସ୍ରୁ ଊଣାଦରରେ ହୁଣ୍ଡି ବିକ୍ରୟ କରିବାକୁ ବାଧ୍ୟ ହୋଇ ଅଛନ୍ତି ।

———

ନବଦ୍ୱୀପର ପ୍ରଧାନ ନୈୟାୟିକ ମହା ମହୋ-ପାଧ୍ୟାୟ ଭୁବନମୋହନ ବିଦ୍ୟାରତ୍ନଙ୍କର ପର-ଲୋକ ହେବାରୁ ତାହାଙ୍କ ସ୍ଥାନରେ କିଏ ପ୍ରଧାନ ପଣ୍ଡିତ ହେବେ ଏଥିର ତର୍କ ହେଉଥିବା ବେଳେ ଲାଗିଥିଲା ସମ୍ପ୍ରତି ଅବଗତ ହେଲୁଁ ଯେ ପଣ୍ଡିତ ଯଦୁନାଥ ସାର୍ବଭୌମ ପ୍ରଧାନ ନୈୟାୟି-କ ପଣ୍ଡିତ ବୋଲି ସ୍ୱୀକୃତ ହୋଇ ଅଛନ୍ତି ଏବଂ ଗବର୍ଣ୍ଣମେଣ୍ଟ ସର୍ବୋଚ୍ଚ ବୃତ୍ତି ଏହାଙ୍କୁ ପ୍ରଦାନ କରି ଅଛନ୍ତି ।

———

ଶକ୍ତିପୁରରେ ଏକବ୍ୟକ୍ତି ହରିନାମ ସଂକୀର୍ତ୍ତ-ନରେ ମୋହ ଯାଉଥିଲେ । ଏକା ସମୟରେ ଭାବରେ ବିଭୋର ହୋଇ ଏକଦିନ ପର୍ଯ୍ୟନ୍ତ ଅଚେତନ ପଡ଼ି ରହୁଥିଲେ ଏବଂ ହରିନାମ ଶୁଣି ପୁନର୍ବାର ଚେତନା ପାଉଥିଲେ । ଅଳ୍ପଦିନହେ-ଲା ରତନପ୍ରାମାଣିକର ଘରେ ସଂକୀର୍ତ୍ତନ ଶୁଣି ସେ ଅଜ୍ଞାନ ହୋଇ ପଡ଼ିଗଲା ଏବଂ ସେହିଭାବରେ ଏକଦିନ ରହି ତାହାର ପ୍ରାଣ ବାହାରିଗଲା । ଡାକ୍ତରମାନେ ଏହାକୁ କେଉଁରୋଗର ମୃତ୍ୟୁ କହିବେ ? ଅଥବା ଏପରି ଅଜ୍ଞାନ ହେବା କୌଣସି ରୋଗ ନୁହେ କି ?

———

ମାନ୍ଦ୍ରାଜର ଏକ ସମ୍ବାଦପତ୍ରରେ ଲେଖା ଅଛି ଯେ ଅମ୍ଭମାନଙ୍କର ନୂତନ ବଡ଼ଲାଟ ଏଲ-ଗିନ ବାହାଦୁର କାଉନସିଲ ଏବଂ ମଧ୍ୟ ସ୍ପର୍ଶ କରନ୍ତି ନାହିଁ । ଏକଥା ସତ୍ୟ ହେଲେ ଲାଟ-ବାହାଦୁରଙ୍କୁ ବୈଷ୍ଣବପ୍ରକୃତିର ଲୋକ ବୋଲି-ବାକୁ ହେବ ଏବଂ ତାହା ହେଲେ ହିନ୍ଦୁ ପ୍ରଧାନ ଭାରତରେ ସେ ସୁଯୋଗ୍ୟ ଶାସନକର୍ତ୍ତା ଅଟନ୍ତି । ମାତ୍ର ଗବର୍ଣ୍ଣମେଣ୍ଟପ୍ରାସାଦରେ ଭୋଜନ କରି ସାହେବମାନେ ଯେଉଁ ତୃପ୍ତିଲାଭ କରୁଥିଲେ ମଦ୍ୟ ମାଂସର ବିରୋଧୀ ଶାସନକର୍ତ୍ତାଙ୍କ ଆମଳ-ରେ ତହିଁରୁ ବଞ୍ଚିତ ହୋଇ ବଡ଼ ଅସ୍ତବ୍ୟସ୍ତ ହେବେ ।

———

ମହାନଦୀ ଓ କାଠଯୋଡ଼ୀର କେଉଁସ୍ଥାନରେ ଇଷ୍ଟକୋଷ୍ଟ ରେଲବାଟର ସେତୁମାନ ନିର୍ମାଣ କରିବାକୁ ହେବ ଏହା ସ୍ଥିର କରିବା କାରଣ ଇଣ୍ଡିଆ ଗବର୍ଣ୍ଣମେଣ୍ଟଙ୍କ ଇଞ୍ଜିନିୟର ହୋରେସ-ବେଲ ସାହେବ ଏବଂ ଇଷ୍ଟକୋଷ୍ଟ ରେଲବାଟ-ର ପ୍ରଧାନ ଇଞ୍ଜିନିୟର ବେଲସାହେବ ଏସପ୍ତା-ହରେ ଏ ନଗରକୁ ଆସି ଅଛନ୍ତି । ଓଡ଼ିଶା-ରେଲ ଶୀଘ୍ର ନିର୍ମାଣ କରିବାକୁ ଗବର୍ଣ୍ଣମେଣ୍ଟ ବଡ଼ ବ୍ୟସ୍ତ ଥିବାର ଦେଖାଯାଏ ଏବଂ ଟଙ୍କାର ଅସୁ-ସାର ନ ହେଲେ ତିନିବର୍ଷରେ ରେଲବାଟ ନିର୍ମାଣ ହେବାର ଆଶା ହେଉଅଛି ।

———

ମାନ୍ଦ୍ରାଜରେ ଯେତେ ଲବଣ ପ୍ରସ୍ତୁତ ହୁଅଇ ତେତେ ବିକ୍ରୟ ହୁଅଇ ନାହିଁ । ଏହା ଦେଖି ଗବର୍ଣ୍ଣମେଣ୍ଟ ନିୟମ କରି ଅଛନ୍ତି କି ପାଞ୍ଚବର୍ଷରୁ ଅଧିକକାଳ କୌଣସି ଗୋଲାରେ ଲବଣ ପଡ଼ି ରହିଲେ ତାହା ନଷ୍ଟ କରିବାକୁ ହେବ । ଏହି

Digitized by srujanika@gmail.com

Split by PDF Splitter



କମ୍ପାନୀମାନଙ୍କରେ ଏବର୍ଷ ୨ଲକ୍ଷରୁ ଅଧିକ ଲବଣ ପ୍ରସ୍ତୁତ ହେବ । ଏହିଦେଶରେ ବିଲାତ ଲବଣ ହେତୁ ଦେଶୀୟ ଲବଣର ଖରଚ କମି ପଡ଼ୁଅଛି ତହିଁ ଉପରେ ପଡ଼ିରହିବା ଲବଣ ନଷ୍ଟ ହେଲେ ଦେଶୀୟ ଲବଣ ପ୍ରସ୍ତୁତ କରିବାକୁ ଲୋକଙ୍କର ସାହସ ରହିବ ନାହିଁ । ଏହିପରି ଦେଶୀୟ ଦ୍ରବ୍ୟର ବ୍ୟବସାୟ ଉଠି ନ ଯିବ କାହିଁକି ?

———

ବିଗତ ବଡ଼ଲାଟ ଲର୍ଡ-ଲାନ୍ସଡାଉନ୍ ବାହାଦୁର ଏ ଦେଶର କେଉଁ ଉପକାର ବା ଅପକାର କରି ଗଲେ ତାହା ଜଣାପଡ଼ୁ ନାହିଁ ମାତ୍ର ତାହାଙ୍କ ପ୍ରତିମୂର୍ତ୍ତି ସ୍ଥାପନ ନିମନ୍ତେ ଏଥିମଧ୍ୟରେ ୮୦ ହଜାରରୁ ଅଧିକ ଟଙ୍କା ସ୍ୱାକ୍ଷରିତ ହୋଇ ଅଛି । ଇଉରୋପୀୟ କର୍ମଚାରୀ ବଣିକ ପ୍ରଭୃତିଙ୍କ ପ୍ରତି ତାହାଙ୍କର ପରମ ଅନୁଗ୍ରହ ଥିବାରୁ ସେମାନେ ଦେବେ ନାହିଁ ଅବଶିଷ୍ଟ ସମସ୍ତ ଟଙ୍କା ଦେଶୀୟ ଲୋକମାନେ ଦାନ କରି ଅଛନ୍ତି । ଦେଶୀୟ ଲୋକମାନେ ମୂର୍ତ୍ତିପୂଜା କରନ୍ତି ବୋଲି କେଉଁ ମୂର୍ତ୍ତିରେ ନୁହନ୍ତି ? ତାହା ହୋଇଲେ ଦେବମନ୍ଦିରମାନଙ୍କରେ ଅଧିକ ଟଙ୍କା ବ୍ୟୟ କରୁଥାନ୍ତେ । ଫଳତଃ ବର୍ତ୍ତମାନ କାଳରେ ଦେବ ମୂର୍ତ୍ତିଠାରୁ ମନୁଷ୍ୟମୂର୍ତ୍ତି ଅଧିକ ଆଦରଣୀୟ ହୋଇଅଛି ଏବଂ ଏହା ତୋଷାମଦପ୍ରିୟତାର ପରିଚୟ ଭିନ୍ନ ଅନ୍ୟ କିଛି ନୁହଇ ।

———

ଅଷ୍ଟ୍ରେଲିଅଦ୍ୱୀପରେ ଇଂରାଜଙ୍କର ଯେଉଁ ଉପନିବେଶ ଅଛି ସେଠା ଶାସନକର୍ତ୍ତା ଉଇଲସନ ଓ ରୋଡ଼ନୀମାନଙ୍କ ଦୁଇଜଣ ସାହେବଙ୍କୁ ପଠାଉ ଅଛନ୍ତି । ସେମାନେ ଶୀଘ୍ର ଭାରତକୁ ଆସି ଲବଣୀ ଦୁଧ ଏବଂ ଖାଦ୍ୟ ସେ ରାଜ୍ୟରୁ ତାହାଙ୍କରେ ଆଣି ଭାରତବର୍ଷରେ ବିକ୍ରୟ କରିବାର ବନ୍ଦୋବସ୍ତ କରିବେ । ଉଇଲସନ ସାହେବ ଜଣେ ବିଚକ୍ଷଣ କର୍ମଚାରୀ । ସେ ବିଦେଶକୁ ଲବଣୀ ଓ ଦୁଧ ପଠାଇବାର ଏମନ୍ତ କୌଶଳ କରିଅଛନ୍ତି ଯେ ଛମାସ ରହିଲେ ସୁଦ୍ଧା ତାହା ନଷ୍ଟ ହେବ ନାହିଁ, କେବଳ ବରଫ ସାହାଯ୍ୟରେ ଏହାସବୁ ରକ୍ଷା ହେଉଅଛି ବିଲାତକୁ ଗତବର୍ଷ ଖ୍ରକଣଲକ୍ଷ ଟଙ୍କାର ଲବଣୀ ରପ୍ତାନି ହୋଇଥିଲା ଏବଂ ଏବର୍ଷକୁ ବୃଦ୍ଧି ହେବାର ଦେଖାଯାଏ । ଦୁଧ ୨ ପାଣି ମାସ ଟିନ ଫରୁଅରେ ରପ୍ତାନି ହେଉଅଛି ଏବଂ ତିନିଗୁଣ ଜଳ ମିଶାଇଲେ ସଦ୍ୟ ଦୁଗ୍ଧପରି ହେଉଅଛି ।

ଅତି ଦୁଃଖର ବିଷୟ ଯେ ଲବଣୀ ଓ ଦୁଗ୍ଧ ଖାଦ୍ୟ ହେବ ଏବଂ ଲବଣୀକୁ ଘିଅ ହୋଇ ଯାଇବ । ଇଂରାଜମାନଙ୍କ ବାଣିଜ୍ୟର କେତେ କୌଶଳ ବାହାର କରୁଅଛନ୍ତି ।

———

ଶୁଣାଯାଉ ଅଛି ଯେ ଶିକ୍ଷାବିଭାଗର ଡାଇରେକ୍ଟର ମାନ୍ୟବର କଫ୍ଟ ସାହେବ ଆଗାମି ଟ୍ରେନିଂ ସ୍କୁଲ ପରିଦର୍ଶନକାର୍ଯ୍ୟରେ ଏ ନଗରରେ ପ୍ରବେଶ ହେବେ । ଏ ସମୟରେ ତାହାଙ୍କର ଓଡ଼ିଶାକୁ ଶୁଭାଗମନ ବଡ଼ ଅନ୍ତର ହୋଇ ନାହିଁ କାରଣ ଏଠା ମେଡିକାଲ ସ୍କୁଲ ଉଠି ଯିବାର ପ୍ରସ୍ତାବ ଶୁଣି ସର୍ବସାଧାରଣ ଲୋକମାନେ ବ୍ୟାକୁଳ ଅଛନ୍ତି ତାହା ସେ ଅବଗତ ହୋଇ ପାରିବେ । ବାସ୍ତବରେ ଉକ୍ତ ବିଦ୍ୟାଳୟଟି ଉଠିଗଲେ ଦୁଃଖିତ ଓଡ଼ିଆର ଦୁର୍ଗତି ବୃଦ୍ଧି ବିନା ଅନ୍ୟ କିଛି ଫଳ ହେବ ନାହିଁ । ଅମ୍ଭେମାନେ ନଗରବାସୀ ସମ୍ଭ୍ରାନ୍ତ ଲୋକଙ୍କୁ ଅନୁରୋଧ କରୁଅଛୁଁ ଯେ ସେ ଉକ୍ତ ମହୋଦୟଙ୍କ ସହିତ ସାକ୍ଷାତ କରି ଉକ୍ତ ସ୍କୁଲ ଉଠିଗଲେ ଯେ ସମସ୍ତ ଅପକାର ହେବ ତାହା ସବୁ ତାହାଙ୍କୁ ଭଲରୂପେ ଜଣାଇବାରେ ତ୍ରୁଟି କରିବେ ନାହିଁ ଏବଂ ଏହି ବିଷୟରେ ତାହାଙ୍କ ନିକଟରେ ସର୍ବସାଧାରଣଙ୍କ ସ୍ୱାକ୍ଷରିତ ଖଣ୍ଡିଏ ଆବେଦନ ପତ୍ର ଉପସ୍ଥିତ ହେବାର ଉଚିତ । ଏଥିରେ କି କେହି ଉଦ୍ଯୋଗୀ ହେବେ ନାହିଁ ?

———

ବଙ୍ଗପ୍ରଦେଶର ରେଭେନ୍ୟୁବୋର୍ଡଙ୍କର ଗତ ଦସମ୍ବରମାସ ତା ୩୦ ରଖ ଲିଖିତ ଏକ ନିର୍ଦ୍ଧାରଣ କଲିକତାଗଜେଟରେ ସର୍ବ ସାଧାରଣଙ୍କ ଗୋଚରାର୍ଥ ପ୍ରକାଶିତ ହୋଇ ଅଛି । ତହିଁରୁ ଜଣାଯାଏ ଯେ ଗୋଟିଏ ସବ ଡିବିଜନର ଟ୍ରେଜେରୀମାନଙ୍କରେ ନିଯୁକ୍ତ ଥିବା ପୋଦାର ପାଞ୍ଚବର୍ଷ କାଳ କ୍ରମାଗତ ଷ୍ଟାମ୍ପକାଗଜ ଉପରେ ଅନେକ ଟଙ୍କାର ଷ୍ଟାମ୍ପ ଆତ୍ମସାତ କରି ସରକାରଙ୍କର ବହୁତ କ୍ଷତି କରି ଅଛି । ଅନୁସନ୍ଧାନରେ ଜଣାଗଲା ଯେ ସବଡିବିଜନର ଅଧିକାରୀମାନେ ସେହି ପୋଦାରହାତରେ ଷ୍ଟାମ୍ପ ଓ ତତ୍ସମ୍ବନ୍ଧୀୟ ସମସ୍ତ କାଗଜପତ୍ର ଲେଖିବା କାର୍ଯ୍ୟ ନ୍ୟସ୍ତ କରିଥିଲେ ଏବଂ ସବଡିଭିଜନଠାରୁ ସବରେଜିଷ୍ଟ୍ରି କୌଣସି ଆଇନ ଅନୁସାରେ କାର୍ଯ୍ୟ କରୁ ନ ଥିଲେ । ଅର୍ଥାତ ପୋଦାର ଅପଣା ମନକୁ ଯେତେ ଷ୍ଟାମ୍ପ ବାହାର କରି ନେଉଥିଲା ଏବଂ ସାମୟିକ ହିସାବମାନ ପ୍ରସ୍ତୁତ କରି ଦେଉଥିଲା ଓ ସବର ଟ୍ରେଜେରୀରୁ ଷ୍ଟାମ୍ପ ଆଣାଇ ନେଉଥିଲା । ଷ୍ଟାମ୍ପ କିଶ୍ୱସ୍ତ କର ୧୮—୭୨ ପୃଷ୍ଠାରେ ଯେସମସ୍ତ ନିୟମ ଲେଖାଅଛି ତଦନୁସାରେ କାର୍ଯ୍ୟ ହୋଇଥିଲେ ଏହି ଚୋରି କଦାଚ ଘଟି ନ ଥାନ୍ତା ମାତ୍ର ସମସ୍ତ ଅଧିକାରୀ ଏକା ପୋଦାରର ବିଶ୍ୱାସରେ କାର୍ଯ୍ୟ କରିଅଛନ୍ତି ସୁତରାଂ ନ୍ୟୂନାଧିକ ସମସ୍ତଙ୍କର ଦୋଷ ହୋଇ ଅଛି । ପୋଦାର ଫୌଜଦାରୀସୋପର୍ଦ୍ଦ ହୋଇ ଦୋଷୀ ହେବାରୁ ଦଣ୍ଡ ହୋଇ ଅଛି । ସମସ୍ତ ହିସାବପତ୍ର ପୋଦାରହାତରେ ଲେଖାଥିଲା । ଓ ସବ ଟ୍ରେଜେରୀର ତତ୍ତ୍ୱାବଧାରକ ପ୍ରମାଣ ନ ଦେବାରୁ ସବ ଟ୍ରେଜେରୀର ଖଜାଞ୍ଚି ପାଇଁ ଲେଖିଲେ ସେ ଓ ପୂର୍ବ ସବ ଟ୍ରେଜେରୀମାନେ ବରଖାସ୍ତ ହୋଇ ଅଛନ୍ତି ଏବଂ ସେମାନଙ୍କ ଜାମିନ ଟଙ୍କାରୁ କ୍ଷତିର ଉଚିତ ପରିମାଣ ଆଦାୟ କରିବାର ଉପାୟ ଲାଗିଅଛି । ସଦର ଖଜଣାଖାନାର ଖଜାଞ୍ଚି ଓ ମେହରର ଷ୍ଟେସନର ଭୂଲ ନ ଧରିବା ଅପରାଧ ନିମନ୍ତେ ଅର୍ଥଦଣ୍ଡ ଦେଇଅଛନ୍ତି ଏବଂ ସବଡିବିଜନ ଅଫିସର ଓ ଟ୍ରେଜେରୀ ଅଫିସରମାନେ ଆପଣା ତ୍ରୁଟି ହେତୁରୁ ଦାୟୀ ହୋଇ ଅଛନ୍ତି । ସମ୍ପ୍ରତି ସେମାନଙ୍କଠାରୁ କ୍ଷତି ହୋଇଥିବା ଟଙ୍କାର କେତେକାଂଶ ଆଦାୟ ହେବ ।

———

କଟକ ଜେଲଖାନାର କାଣ୍ଡ ।

ଏଠା ଜେଲର ଅଦ୍ଭୁତ ନମକହାରାମିର ଗୋଟିଏ ରହସ୍ୟ କଥା ଶୁଣି ପାଠକମାନଙ୍କୁ ନ ଜଣାଇ ଥାନ୍ତି ନାହିଁ ପାରିଲୁଁ । ଗତ ୧୮୯୩ ସାଲର ଅଗଷ୍ଟ ମାସ ଅଠରଶ ସାଲ ଧରି ନ ପଡ଼ିବାରୁ ସେଥିରୁ ବାଙ୍କି ରହି ମଳ ବଢ଼ିଲା ଛତୁଁ ସନ ୧୮୯୩ ସାଲ ଅର୍ଥାତ ଗତ ଅପ୍ରେଲ ଜନ୍ତୁ ଲେଖକଙ୍କ ସମ୍ବନ୍ଧୀୟ ସେହି ଚାଲୁବର ଟଙ୍କା ଖରଚର ଚେଷ୍ଟା ହୋଇଥିଲା । ତହିଁର ବୃତ୍ତାନ୍ତ ଏହି ଯେ ସେସମୟରେ ଜେଲଖାନାବାସୀ କଏଦୀମାନଙ୍କ ବସ୍ତ୍ରାଦି ପ୍ରସ୍ତୁତ ନିମନ୍ତେ ଜେଲ ସୂତା କିଣିବା ନିମନ୍ତେ ହୋଇଥିଲା ମାତ୍ର ସେହି ସାଲୁଖାନି ପ୍ରସ୍ତୁତ କରିବାପାଇଁ ତାହା ଚଳିବ ନାହିଁ ଲେଖିଲାରେ ଲାଟ୍ରବନୀସମ୍ପୂର୍ଣ୍ଣରୁ ଲେଖିଥିବା ପିତା-ଅପିତା ହେଲା । ସେ ଚାଲୁବର ଅଠପଣି ବସ୍ତ୍ର ୧୦୦୦ ଟଙ୍କା ପ୍ରଭୃତି କମିଶନର ଅସିଷ୍ଟାଣ୍ଟ ସୁପରଇଣ୍ଟେଣ୍ଡେଣ୍ଟ ୮୦୦ ଟଙ୍କା ପାଇଲା

Digitized by srujanika@gmail.com

ଓ ସମ୍ଭବତଃ ଉକ୍ତ ବାଷ୍ଟାନଶ୍ଚ ସାହାଯ୍ୟରେ ଚାଲାଣରେ ଖବର ଶୂନ୍ୟସ୍ଥଳେ ଭନଅଙ୍କବସାଇ ୧୦୦୦୦୯ ଙ୍କାର ପାଉଣି ପାଇଗଲା । ଖଜା-ଞ୍ଚିଖାନା ଡେପୁଟୀ ବାବୁ ସ୍ୱାକ୍ଷର ସମୟେ ଚାଲାଣର ଅଙ୍କର ପରିବର୍ତ୍ତନ ଦେଖି ହସ୍ତ-ର ଇଂରେଜୀରେ ଟ ୧୦୦୦୯ ଙ୍କା ଲେଖି ଦେଲେ । ଚାରପରଦାର ଏପରି ପୂର୍ଣ୍ଣ ଟଙ୍କାର ... ନେଇଗଲା ମାତ୍ର କଟ୍କଦନ ଉପରେ ... ହିସାବର କାଳ ହେବାରୁ ସରକାରୀହିସାବ-ର ଥିବା ଚାଲାଣରେ ପରିବର୍ତ୍ତନ ହୋଇ ନ ... ଟ ୩୦୩୦୯ଙ୍କା ରହିଗଲା । ତହୁଁ ତହବି-ସାବରେ ଟ ୩୦୩୦ ଙ୍କା ମଞ୍ଜୁର ହୋଇଯାଇ ଜମି-... ହଲମରେ ଆସିଲା । ଚଳମିଲସ୍ତହାର ... ହୁଅନ୍ତେ ସେହି ଚାରପରଦାର ପୂର୍ଣ୍ଣ-ଙ୍କାର ବୃତ୍ତାନ୍ତ ପାଉଣି ଯେଉଁ କଟକ ଅସି ... ଯେ ତହବିଲ ସିରସ୍ତାରେ ଥିବା ଚାଲାଣ-ରେ ଟ ୩୦୩୦ ଙ୍କା ରହିଯାଇ ଅଛି ଓ ଖଜା-... ଏକାଉଣ୍ଟ ହିସାବରେ ଅବଶ୍ୟ ଟ ୩୦୩୦ ଙ୍କା ... ଥିଲା ଏହେତୁ କେହି ଚତୁର ବ୍ୟକ୍ତି କାରପ-ଦାରକୁ କହିଦେଲା କି ଏପରି ସ୍ଥଳେ ...ଙ୍କାର ପାଉଣି ଦେଖାଇଲେ ତାହା ... ଥିବା ଦୋଷରେ କାରବାସ ଯିବାକୁ ... । ତହୁଁ କାରପରଦାର "ମୈବ ମା ... ନ କାହେ ବାକ୍ୟକୁ ଅନୁସରଣ କରି ... ବାକୀ ଟଙ୍କା ଦରଖାସ୍ତ ଦ୍ୱାରା ଜଷ୍ଟମରେ ଦାଖଲ କରାଇ ଦେଲା ଓ ମହାଲ ନିଲମରୁ ରକ୍ଷା ପାଇଲା । ଏ ଅମ୍ଭଙ୍କର ଏକ ପ୍ରକାର ସାମାନ୍ୟ ଦଣ୍ଡ ସଙ୍ଗେ ସଙ୍ଗେ ହୋଇଗଲା ।

ଥିବା ପଡ଼ଥିବା ଅମ୍ଭଙ୍କ ସକ୍ରାନ୍ତରେ ହର୍ଷ-ବଇଥିଲ ନାଏବ କହେ ଭେନଓଡା ଚାଲାଣ-ମାନ ଲେଖିଥିବା ଓ ସେଥିରେ ପୂର୍ବ ଟଙ୍କା ଲେଖା ଥିବାର ଦେଖି ମୁଁ ଦସ୍ତଖତ କରି ପୂର୍ବ ଟଙ୍କା ତାହା ଜମା ଦେଇ ଓ ସେ ଟଙ୍କା ଯେଉଁ ଖଜଣାଖାନକୁ ଯିବା ସମୟେ ମୁଁ କଟେଶରୁ ଗ୍ଳଇଗଲ । ସେ ଏଥର କହେ ମାତ୍ର ଚାଲ-ଓଡା କେବ ଚାଲାଣମାନରେ ମୋହର ଦସ୍ତ-ଖତ ନ ଥିବାରୁ ମୋହ ହାତର ଲେଖାବୋଲି ମୁଁ କହିପାରୁ ନାହିଁ ଯହିଁରେ ମୋହର ଦସ୍ତ-ଖତ ଅଛି ତାହାକି ମୋହ ହାତର । କରୁ ଏ ଟଙ୍କା ମୁଁ ଖଜଣାଖାନାରେ ଦାଖଲ କରି ନାହିଁ ବା ନାଏବଠାରୁ ନେଇ ନାହିଁ । ଏପ-

———

ରସ୍ଥଳେ କଏ ସ୍ୱୈର ପାଠକମାନେ ଅନା-ୟାସେ ଅନୁମାନ କରିପାରନ୍ତି । ତଦନ୍ତ ଲାଗିଅଛି ।

———

### ବାଲେଶ୍ୱର ମୋକଦମା ।

ରଘୁନାଥ ମହାପାତ୍ରର ନାଲିସି ଫୌଜଦାରୀ ମକଦମାରେ ମେଦନୀପୁରର ମାଜିଷ୍ଟ୍ରେଟ ଅସାମି ରାଜା ବୈକୁଣ୍ଠନାଥଦେଙ୍କ ଉପରେ ଦଣ୍ଡବିଧି ଆଇନର ଦ ୩୬୫ ଧା ଅନୁସାରେ ଅଭିଯୋଗ କରି ବିଗତବର୍ଷ ଗତ ନବମ୍ବର ମାସ ତା ୨୫-ରଖରେ ତାହାଙ୍କୁ ମୁକ୍ତି ଦେବାରୁ ସେହି ମୁକ୍ତି ଅଦେଶ ବିରୁଦ୍ଧରେ ଶ୍ରୀ ଯୁକ୍ତ ବାନର୍ଯ୍ୟା ସାହେବ ବାରିଷ୍ଟର ମୁଦେଇ ରଘୁନାଥପକ୍ଷରୁ ଗତ ଜାନୁଆରୀ ମାସ ତା ୨୯ ରଖରେ ହାଇକୋର୍ଟ-ରେ ମୋସନକର ମୋକଦମା ପୁନର୍ବିଚାରର ପ୍ରାର୍ଥନା କଲେ । ପାଠକମାନଙ୍କର ସ୍ମରଣ ଅଛି ଯେ ଏଥି ପୂର୍ବେ ଏହି ମୋକଦମା ବାଲେଶ୍ୱର-ମାଜିଷ୍ଟ୍ରେଟଙ୍କ ବିଚାରାଧୀନରେ ଥିବା ସମୟରେ ଦୁଇଥର ହାଇକୋର୍ଟରେ ମୋସନ ହୋଇ ଶେ-ଷରେ ମୋକଦମା ମେଦନୀପୁରକୁ ବଦଳହୋଇ ଯାଇଥିଲା ଏବଂ ଯଦ୍ୟପି ନ ମେଦିନୀପୁର ମାଜି-ଷ୍ଟ୍ରେଟଙ୍କ ସ୍ୱଏ ପ୍ରକାଶିତ ନ ହେଲା ଏବଂ ତହିଁର ଦୋଷଗୁଣ କହି ଜଣା ନ ଗଲା ତଥାପି ତାହାଙ୍କ ନିଷ୍ପତ୍ତିକୁ ଶେଷ ନିଷ୍ପତ୍ତି ବୋଲି ସମସ୍ତେ ମନେ କରିଥିଲେ । ପୁଣି ହାଇକୋର୍ଟରେ ସେ ମାମଲା ଉଠିବା କଥା ଅସମ୍ଭବ ବୋଧ ହୋଇପାରେ ମାତ୍ର ଶ୍ରୀଯୁକ୍ତ ବାନର୍ଯ୍ୟା ସାହେବ ଯେଉଁ ହେତୁରେ ମୋକଦମା ଉଠାଇ ଅଛନ୍ତି ତାହା ନିତାନ୍ତ ଅଯୌକ୍ତିକ ବୋଲାଯାଇ ନ ପାରେ ଏବଂ ତହିଁର ମୀମାଂସା ଆବଶ୍ୟକ ସନ୍ଦେହ ନାହିଁ । ସେ ଦେ-ଖାଇ ଅଛନ୍ତି ଯେ ରାଜାଙ୍କ ଦରଖାସ୍ତ ମତେ ମୋକଦମା ମୂଲତବି ହୋଇ ତା ୨୪ ରଖ ନ-ବମ୍ବର ଧାର୍ଯ୍ୟ ହୋଇଥିଲା । ଏଥିମଧ୍ୟରେ ତା ୨୧ ରଖ ନବମ୍ବରେ ରଘୁନାଥ ଚନ୍ଦନନଗରକୁ ଚାଲାନ ହୋଇଯାଇ ହାଜତରେ ରହିଲା ଏବଂ ଡିସେମ୍ବର ମାସ ତା ୧ ରଖରେ ମୁକ୍ତି ପାଇଲା । ତା ୨୪ ରଖ ନବମ୍ବରରେ ମୋକଦମା ପେସ ହେବା ବେଳେ ରଘୁନାଥ ସେଠାରେ ଉପସ୍ଥିତ ହୋଇ ପାରିଲା ନାହିଁ ଏବଂ ତାହାଙ୍କ ଓକିଲ ମା-ମଲାର ସମସ୍ତ ବିବରଣ ଜାଣିପାରି ନ ଥିଲେ । ସୁତରାଂ ମୋକଦମାର ପ୍ରଧାନ ବିଷୟ ଅର୍ଥାତ୍ ଯେଉଁଠାରୁ ରଘୁନାଥକୁ ରାଜା ଧରନେଇ ଯାଇ କଏଦ କରିଥିଲେ ସେସ୍ଥାନ ବ୍ରିଟିସ ଜମା

ଫରାସିରାଜ୍ୟ ତାହା ଭୁକ୍ତ ପ୍ରମାଣ କରିବାକୁ ସେ ଅବକାଶ ପାଇଲେ ନାହିଁ । ରଘୁନାଥ ପକ୍ଷରୁ ମୋକଦମା ସ୍ଥଗିତ ରଖିବାର ମଧ୍ୟ ପ୍ରାର୍ଥନା ହୋଇଥିଲା । ମୋକଦମା ସ୍ଥଗିତ ରଖିବା ମାଜି-ଷ୍ଟ୍ରେଟଙ୍କର ଉଚିତଥିଲା । ସେ ତାହା ନ କରିବା ଏବଂ ତଦ୍ୱାରା ଫରିଆଦିକୁ ଆପଣା ମୋକଦମା ପ୍ରମାଣ କରାଇବାର ସୁଯୋଗ ନ ଦେବାରୁ ବିଚା-ରରେ ତ୍ରୁଟି ହୋଇଅଛି ଏବଂ ଏପରି ସ୍ଥଳେ ହାଇକୋର୍ଟଙ୍କର ହସ୍ତକ୍ଷେପ କରିବାର ଅଧିକା-ର ଅଛି । ହାଇକୋର୍ଟ ଏହି ଆପତ୍ତି ଯୁକ୍ତି-ସଙ୍ଗତ ଜ୍ଞାନ କରି ଏହି ମର୍ମରେ ଆଦେଶ ପ୍ରଚାର କରି ଅଛନ୍ତି ଯେ ନବମ୍ବର ମାସ ୨୪ ରଖରେ ଯେସମସ୍ତ ସାକ୍ଷିଙ୍କର ଯୋବାନବନ୍ଦି ହେଲା ସେ-ମାନଙ୍କୁ ଜେରା କରିବାର ସୁଯୋଗ ମୁଦେ-ଇକୁ ଦିଆଯାଇ ନ ଥିବା ହେତୁରେ ପ୍ରକାରାନ୍ତରେ ମୁଦେଇକୁ ସେ ସୁଯୋଗ କାହିଁକି ଦିଆ ନ ଯିବ ଏବଂ ସେହି ହେତୁରେ ମାଜିଷ୍ଟ୍ରେଟଙ୍କର ତା ୨୫ ରଖ ନବମ୍ବରର ଆଜ୍ଞା କାହିଁକି ରଦ ନ ହେବ ଏଥିର ହେତୁ ସେ ଦର୍ଶାଇବେ ।

ଗୋଟିଏ ମୋକଦମା ପୁଣି ଅନେକଥର ହାଇ-କୋର୍ଟରେ ମୋସନ ହେବା ସୁବିଚାରର ଅନୁକୂଳ ନୁହଇ । ଏଥିରେ କେବଳ ଓକିଲ ମୁକ୍ତାରଙ୍କର ଲାଭ ମାତ୍ର ପକ୍ଷମାନେ କେତେ ଅର୍ଥବ୍ୟୟ ଓ କଷ୍ଟ ଭୋଗ କରୁଅଛନ୍ତି ତହିଁର ସୀମା ନାହିଁ । ବ୍ରିଟିସ ଗବର୍ଣ୍ଣମେଣ୍ଟଙ୍କ ବିଚାରପ୍ରଣାଳୀର ଦୋଷ-ହେତୁ ଏପରି ଘଟିବାର ବୋଲାଯାଇ ନ ପାରେ ଏହା କେବଳ ନିମ୍ନବିଚାରକର୍ତ୍ତାଙ୍କ ଦୋଷରୁ ଘଟିଅଛି । ଆଇନସଙ୍ଗତରୂପେ ପ୍ରଥମରୁ କାର୍ଯ୍ୟ ହୋଇଥିଲେ ଏତେ ହରବରରେ ପଡ଼ିବାର ହୋଇ ନ ଥାନ୍ତା । ହାଇକୋର୍ଟଙ୍କ ନିଷ୍ପତ୍ତିର ଫଳ ଯଥା ସମୟରେ ଜଣାଇବ ।

———

## ସାପ୍ତାହିକ ସମ୍ବାଦ ।

ଏକର୍ଣ୍ଣ ପ୍ରତର ପରିମାଣ ଅଧିକ ବୌଲ ହୋଇଅଛି । କଟକରେ ବୃଷ୍ଟି ହେଲେ ଅଧିପରିଷ୍କା ଏପରି ଭଲ ହେବ ।

ଗତ କେତେକ ଦିନରୁ ଶୀତ ବଳିଷ୍ଠ ଭବା ହୋଇ କଷ୍ଟକାଳ ପୂର୍ଣ୍ଣିମାରେ ଉପସ୍ଥିତ ହୋଇଅଛି ଓ ଜନ-ବେଳେ ତାପ ଜଣାଯାଇ ଅଛି ।

ଏ ନଗରର ଠାକୋ ଓଲଉଠା ଦେଖାଯାଉଅଛି । ସେହିର ପ୍ରାଦୁର୍ଭାବ ଅନୁସାରେ ଏ ନଗରରେ କିଛି ଅଧିକ ହୋଇଅଛି ମାତ୍ର ତହିଁପାଇଁ ପୁଲିସ ବ୍ୟସ୍ତ ହେବାର ଜଣା-ଯାଉ ନାହିଁ ।

a new meeting under the garb of soidisant and borrowed title, at the premises of a sojourner Chowdhry Asmat Ali Saheb of Barisal; and by using there all sorts of cursings and abusive languages to some of their muslin brethern.

The Meeting was, I regret to say, presided by the owner of the building named above, a perfect gentleman and well-to-do Zemindar, and the members present were not more than 15 in number, besides a dozen other men belonging to one one and same family.

I need not dwell here upon the proceedings of the meeting, if any were recorded, but I feel myself called upon to lay before the public the demeanor with which it was characterized and leave the matter to you and your numerous readers to do justice to it.

Now I beg to ask you, Mr. Editor, if you in your long experience, have ever come across a meeting of any class and creed in which cursings and abusive languages were ever poured fourth to their brethern, as has been done in the meeting in question, composed of 2 or 3 Moulavis and few other followers of the Prophet Mohamad (Peace be to him.) The Koran enjoins that "Algheebato Ashado Minaz-Zina." i. e. to practice cursing and abusive languages behind any man, is as sinful as adultery. From this it will be seen that the conduct of the meeting was in defiance of Koranic teaching.

O tempora! O mores! when will my brother (peace be with him) I ask him for the sake of mortality, improve himself in his manners in society? There is no time for him to be lost, as one of his legs is already in the grave which is staring at his wrinkled face with demoniac mouth wide open to receive him for ever. I would again ask my muslim brother: Is it manly on his part to stab a man on his back? Is he not amenable to the laws of God and the laws of land of which he by his long experience might have learned a good deal.

In concluding this my short epistle, I sincerely hope, my dear Mr. Editor, you will be so pleased as to give this an early insertion.

Your sincerely
A Katakite Muslim.

---

ମହାଶୟ !

ଗତ ତା ୩ ରଖ ଫେବୃୟାରୀର ଦୀପିକାରେ ଜଣେ ପତ୍ରପ୍ରେରକ ବାବୁ ମଧୁସୂଦନ ରାଓଙ୍କ ବ୍ୟାଖ୍ୟାନ ଓ ଶ୍ରୀଯୁତ ଗୁପ୍ତ ସାହେବଙ୍କ ମନ୍ତବ୍ୟ ସମ୍ବନ୍ଧରେ ଯାହା ଲେଖିଅଛନ୍ତି, ସେବିଷୟରେ ମୋହର କିଛି ବକ୍ତବ୍ୟ ଅଛି । ଅନୁଗ୍ରହପୂର୍ବକ ଆପଣଙ୍କ ପତ୍ରିକାରେ ପ୍ରକାଶ କରି ବାଧିତ କରିବା ହେବେ ।

୧ । ବକ୍ତାଙ୍କ କଥାର ତାତ୍ପର୍ଯ୍ୟ ଯାହା ପତ୍ରପ୍ରେରକ ଲେଖିଅଛନ୍ତି ତାହା ଠିକ ନୁହେ । ବ୍ରାହ୍ମଧର୍ମରେ ଯାହା ଅଛି, ଅନ୍ୟ ଧର୍ମରେ ତାହା ନାହିଁ, ଏକଥା ବକ୍ତା କୌଣସିଠାରେ କହି ନାହାନ୍ତି । ସକଳ ସମ୍ପ୍ରଦାୟମଧ୍ୟରେ ଯେଉଁ ସାର୍ବଭୌମିକ ସତ୍ୟ ନିହିତ ଅଛି, ବ୍ରାହ୍ମସମାଜ ତାହାହିଁ ଗ୍ରହଣ କରେ । ଯେଉଁ ସବୁ ମତ ବା ଅନୁଷ୍ଠାନ ଜାତି ଜାତି ଓ ଧର୍ମ ଧର୍ମ ମଧ୍ୟରେ ବିରୋଧ ଉପସ୍ଥିତ କରୁଅଛି, ସେ ସମସ୍ତ ଦୂର କରି ସକଳ ମନୁଷ୍ୟଜାତି ମଧ୍ୟରେ ସାର୍ବଭୌମିକ ମିଳନ ସଂସ୍ଥାପନ ହିଁ ବ୍ରାହ୍ମସମାଜର ଲକ୍ଷ୍ୟ । ସୁତରାଂ ବ୍ରାହ୍ମସମାଜ କୌଣସି ସମ୍ପ୍ରଦାୟ, କୌଣସି ଶାସ୍ତ୍ର ବା କୌଣସି ମହାଜନଙ୍କୁ ଉପେକ୍ଷା କରି ନ ପାରେ ବରଂ ବିନୀତ ଶିଷ୍ୟରୂପେ ସମସ୍ତଙ୍କ ପଦତଳେ ବସି ସତ୍ୟ ଶିକ୍ଷା କରିବା ବ୍ରାହ୍ମସମାଜର ପ୍ରଧାନ କାର୍ଯ୍ୟ । ସକଳସମ୍ପ୍ରଦାୟମଧ୍ୟରେ ଯାହା ସାର, ଯାହା ସୁନ୍ଦର, ଯାହା ପବିତ୍ର ତାହା ବ୍ରହ୍ମସମାଜର ଆଦର୍ଶ ମଧ୍ୟରେ ଏକୀଭୂତ ହୋଇଅଛି । ବ୍ରାହ୍ମସମାଜ ସମସ୍ତଙ୍କୁ ସାଦରେ ଆପଣା ବକ୍ଷରେ ସ୍ଥାନ ଦେଇଅଛି । ବ୍ରାହ୍ମସମାଜର ଏହି ମହୋଚ୍ଚ ଆଦର୍ଶର ଉଚ୍ଚ ଅଙ୍ଗ କରି ବକ୍ତା ବିନୀତଭାବରେ ଏ କଥା ସ୍ୱୀକାର କରିଥିଲେ ଯେ ବ୍ରାହ୍ମମାନେ ଆତ୍ମଜୀବନରେ ଏ ଆଦର୍ଶ ଦେଖାଇପାରି ନାହାନ୍ତି ଏବଂ ସେଥିପାଇଁ ବକ୍ତା ସମସ୍ତଙ୍କର ଆଶୀର୍ବାଦ ଭିକ୍ଷା କରିଥିଲେ । ଭଲ ଏଥିରେ ଅହଙ୍କାର ବା ଆଡ଼ମ୍ବରର କଥା କଣ ରହିଲା ?

୨ । ଉପରେ ଗୁପ୍ତ ସାହେବ ଯେ ବକ୍ତାଙ୍କ ବିରୁଦ୍ଧରେ କିଛି କହିଥିଲେ, ଏକଥା ସତ୍ୟ ନୁହେ । ସେ ସମ୍ପୂର୍ଣ୍ଣରୂପେ ବକ୍ତାଙ୍କ କଥା ସମର୍ଥନ କରିଥିଲେ । ବରଂ ତାହାଙ୍କୁ ଅଧିକ କିଛି କହିଥିଲେ । ସେହି ଅଧିକା ଟିକକ ହିନ୍ଦୁସମାଜ ପକ୍ଷରେ ସର୍ବାପେକ୍ଷା ଆପତ୍ତିଜନକ ! କିନ୍ତୁ ପତ୍ରପ୍ରେରକ ସେହି କଥାକୁ ସେନ ଏତେ ଆସ୍ଫାଳନ କରୁଅଛନ୍ତି ! ହିନ୍ଦୁସମାଜ ଯେ ବ୍ରାହ୍ମସମାଜର ବିଦ୍ୱେଷୀ, ତାହାର ସର୍ବପ୍ରଧାନ କାରଣ ବ୍ରାହ୍ମମାନଙ୍କର ଜାତିଭେଦବିଦ୍ୱେଷିତା (Its crusada agsinst caste) ଏହି ଜାତିଭେଦବିଦ୍ୱେଷୀ ଏକା ବ୍ରାହ୍ମମାନେ ନୁହନ୍ତି—ପୂର୍ବେ ୨ ସଂସ୍କାରକମାନେ ମଧ୍ୟ ଜାତିଭେଦର ମୂଳୋତ୍ପାଟନରେ ବ୍ରତୀ ହୋଇଥିଲେ ଏବଂ ବର୍ତ୍ତମାନ ସୁଦ୍ଧା ହିନ୍ଦୁର ପ୍ରଧାନ ଧର୍ମମନ୍ଦିରରେ ( ଜଗନ୍ନାଥ ) ଜାତିଭେଦ ନାହିଁ । ଏହି କଥା କହି ସାହେବ ମହୋଦୟ ପ୍ରଶ୍ନ କରିଥିଲେ, "ଯାହା ଧର୍ମମନ୍ଦିରରେ ଦୂଷଣୀୟ ନୁହେ, ତାହା ଅନ୍ୟତ୍ର ଦୂଷଣୀୟ ହେବ କାହିଁକି ? " ଏଥିରୁ କେଉଁ କଥାଟା "ବ୍ରାହ୍ମତନ୍ତ୍ର" ଙ୍କୁ ମଳିନ କରି ଦେଲା, ଆଉ "ହିନ୍ଦୁ ସୂର୍ଯ୍ୟ" ଙ୍କୁ ଉଜ୍ଜ୍ୱଳ କରି ଦେଲା ? ବୋଧ ହୁଏ ପତ୍ରପ୍ରେରକ "ଚୈତନ୍ୟ" "ବୁଦ୍ଧ" "ବୈଷ୍ଣବ" "ଜଗନ୍ନାଥ" ଏହି ସବୁ ନାମ ଶୁଣି ଭାବ ମୋହିତ ହୋଇପଡ଼ିଥିଲେ ! ସୁତରାଂ ସାହେବଙ୍କ କଥାର ମର୍ମ ବୁଝି ପାରି ନାହାନ୍ତି ।

୩ । ପତ୍ରପ୍ରେରକ ଆଧୁନିକ ବ୍ରାହ୍ମମାନଙ୍କୁ ନିନ୍ଦା କରି ମହାତ୍ମା ରାମମୋହନ ରାୟଙ୍କୁ ଖୁବ ପ୍ରଶଂସା କରିଅଛନ୍ତି । ରାମମୋହନ କି "ବ୍ରାହ୍ମ" ନାମର ପ୍ରବର୍ତ୍ତକ ନୁହନ୍ତି ? ସେ କି ୧୬ ବର୍ଷ ବୟସରେ ପ୍ରତିମାପୂଜାର ତୀବ୍ର ପ୍ରତିବାଦ କରି ପିତୃଗୃହରୁ ତାଡ଼ିତ ହୋଇ ନ ଥିଲେ ? ହିନ୍ଦୁସମାଜର ନାନାବିଧ କୁସଂସ୍କାର ଓ କୁପ୍ରଥାର ମୂଳୋତ୍ପାଟନ କରିବାପାଇଁ କୃତସଂକଳ୍ପ ହୋଇ ନ ଥିଲେ ? ଜାତିଭେଦପ୍ରଥାର

Split by PDF Splitter
Digitized by srujanika@gmail.com

ମସ୍ତକରେ ପଦାଘାତ କଲେ ରାମମୋହନ ମ୍ଳେଚ୍ଛଦେଶ ବିଲାତକୁ ଯାଇ ନ ଥିଲେ ? ଏହି ସକଳ କାରଣରୁ କ ଉଦାରଚିତ୍ତ ହିନ୍ଦୁସମାଜ ତାଙ୍କପ୍ରତି ଖଡ୍ଗହସ୍ତ ହୋଇ ନ ଥିଲା ? ତେବେ ରାମମୋହନ ଓ ବର୍ତ୍ତମାନ ବ୍ରାହ୍ମଙ୍କ ମଧ୍ୟରେ ଅପର ବ୍ୟବହାରରେ ପ୍ରଭେଦ କେଉଁଠାରେ ?

୪ । ପତ୍ରପ୍ରେରକଙ୍କୁ ଆଉ ଗୋଟିଏ ପ୍ରଶ୍ନ ଏହି ଯେ, ସେ ଗୁପ୍ତ ସାହେବଙ୍କ କୃତ "ଅ-ଲ୍ପକ ହିନ୍ଦୁ" ଙ୍କ ସହିତ ଆହାର କରିବାକୁ ପ୍ରସ୍ତୁତ କି ନା ? ହିନ୍ଦୁସମାଜ ଯେବେ ସେପରି କରେ, ତେବେତ ବାହ୍ମସମାଜର ପତନ ଲାଭ ! ବ୍ରାହ୍ମମାନଙ୍କର ଅନେକ ପରିଶ୍ରମ ଓ କଷ୍ଟ କମିଯିବ, ଦେଶର ମଧ୍ୟ ପ୍ରଭୂତ ଉପକାର ସାଧିତ ହେବ ! ଇତି ।

କଟକ } ବଶମ୍ବଦ
୭।୨।୯୪ } ଶ୍ରୀ ବିଶ୍ୱନାଥ କର

---

ମହାଶୟ !

ଅଧଃ ପ୍ରକଟିତ କତିପୟ ପଂକ୍ତି ଆପଣଙ୍କ ପତ୍ରିକାରେ ପ୍ରକାଶ କରି ବାଧିତ କରିବା-ହେବେ ।

ଆମ୍ଭମାନଙ୍କର ମାନନୀୟ ଉତ୍କଳ ଶିକ୍ଷାବିଭାଗର ସୁଯୋଗ୍ୟ ଇ: ଷ୍ଟେକୁର ମହୋଦୟ ତା ୨୩।୧।୯୪ ରେ ପୁରୀ ହାଇସ୍କୁଲ ପରିଦର୍ଶନୋପଲକ୍ଷେ ଉପସ୍ଥିତ ହୋଇ ୨।୨।୯୪ ରେ କଟକ ଅଭିମୁଖରେ ଯାତ୍ରା କଲେ । କିନ୍ତୁ ମହାଶୟଙ୍କର ଏଠା ଅବସ୍ଥିତି କାଳରେ କେତେକ ବିଷୟର ସୂତ୍ରପାତ ତାଙ୍କ ନିକଟରେ ହୋଇଥିଲା; ସେ ସମସ୍ତ ସାଧାରଣ ଜାଣିବା ଅବଶ୍ୟକ ବିବେଚନା କରି ଇନ୍ଧରୁ କେତେଗୋଟି ନିମ୍ନରେ ପ୍ରକାଶ କଲୁଁ । ଯଥା ।

୧ । ହାଇସ୍କୁଲ ହେଡ଼ ମାଷ୍ଟର ମହୋଦୟ ନିମ୍ନସ୍ଥ କେତେକ ଶିକ୍ଷକ ଓ ଛାତ୍ରମାନଙ୍କଠାରୁ ସମାନ୍ୟ ସ୍ୱାର୍ଥ ଉତ୍କୋଚସ୍ୱରୂପ ଗ୍ରହଣ କରନ୍ତି କହି ଅପବାଦ ଅଶ୍ରୁତ ପ୍ରଚଳିତ ।

୨ । ଅନୁପସ୍ଥିତ ନେଟିଭ ଡାକ୍ତର ବାବୁ ଗଗନଚନ୍ଦ୍ର ଦାସଗୁପ୍ତଙ୍କୁ ଅଡ଼ିସନାଲ ମାଷ୍ଟର ବାବୁ ମାଗୁଣି ଦାସ ଅପବାଦ ଦେଇ ଅପମାନସୂଚକ କେତେକ କଥା ସ୍କୁଲ ସମୟରେ ତୃତୀୟଶ୍ରେଣୀ ଛାତ୍ରମାନଙ୍କ ନିକଟରେ କହିଥିବାର ।

୩ । ହାଇସ୍କୁଲ ଛାତ୍ର ଗୋପବନ୍ଧୁ ଦାସ ଇନ୍ଦ୍ରଧନୁରେ ପ୍ରବନ୍ଧ ଲେଖୁଥିବାର ।

ପାଠକେ ! ପ୍ରଥମ ଓ ଦ୍ୱିତୀୟ ଅଭିଯୋଗ ବିଷୟ ବସ୍ତୁର ହେଲା ଅଦ୍ୟାପି ତାହା ପ୍ରକାଶ ହୋଇ ନାହିଁ; ସମ୍ଭବତଃ କଟକ ମୁକାମରୁ ଇନସ୍ପେକ୍ଟର ଇଃ ମହୋଦୟ ପଠାଇ ଦେବେ; କିନ୍ତୁ ତୃତୀୟ ଅଭିଯୋଗଟି, ଅତି ଚମତ୍କାର ଓ ଇତସ୍ୱଜନକରୂପେ ବିସ୍ତୃତ ହୋଇଅଛି; ସମସ୍ତ ପ୍ରକାଶ କଲେ ପ୍ରବନ୍ଧ ବଡ଼ ହେବ ଏହି ଭୟରେ ନ ଲେଖି ସାଂକ୍ଷେପ ଭାବରେ ବ୍ୟକ୍ତ କଲୁଁ । ଯଥା ।

ବାବୁ ମହୋଦୟ ଏଠାରେ ପ୍ରବିଷ୍ଟ ହୋଇ ଜନୈକ ଲୋଭାନ୍ଧବାଦୀ ଶିକ୍ଷକଙ୍କୁ ଇନ୍ଦ୍ରଧନୁ ପତ୍ରିକାର ଚର୍ଚ୍ଚା କେଉଁମାନେ କରନ୍ତି ଏ-ସମ୍ବନ୍ଧରେ କେତେକ ପ୍ରଶ୍ନ କରିଥିଲେ, ଉତ୍ତରରେ କୌଣସି ଲୋକ କେଳାମୀ ଚିଠିଦ୍ୱାରା ଜଣାଇଦେଲା ଯେ ଗୋପବନ୍ଧୁ ଦାସ ଛାତ୍ର ଆପଣଙ୍କ ବିରୁଦ୍ଧରେ ଇନ୍ଦ୍ରଧନୁରେ ପ୍ରବନ୍ଧ ଲେଖିଅଛି ଓ ସ୍କୁଲର ହେଡ଼ମାଷ୍ଟର ତାହା ସଂଶୋଧନ କରି ଦେଇଥାନ୍ତି; ଇଃ ଷ୍ଟେକୁର ମହୋଦୟ ଉକ୍ତପତ୍ର ପ୍ରାପ୍ତ ହୋଇ ସ୍କୁଲ ପରିଦର୍ଶନ ସମୟରେ ହେଡ଼ ମାଷ୍ଟରଙ୍କ ସହିତ ଉକ୍ତ ବିଷୟର ଅନୁସନ୍ଧାନରେ ପ୍ରବୃତ୍ତ ହେଲେ ନାମୋଲ୍ଲିଖିତ ବାଳକ ପଢୁଥିବା ଶ୍ରେଣୀରେ ଉପସ୍ଥିତ ହୋଇ ପରୀକ୍ଷା କରିବା ସମୟରେ ମଧ୍ୟ ପ୍ରଶ୍ନ କରୁଥିଲେ କେଏ ଏ ଶ୍ରେଣୀରେ ରଚନା କରି ପାରନ୍ତି ? ଇନ୍ଦ୍ରଧନୁ କେଏ ପଢ଼େ କି ନା ? ଏବଂ ଇନ୍ଦ୍ରଧନୁରେ କିଏ ପ୍ରବନ୍ଧ ଲେଖେ କି ନା ? ଇତ୍ୟାଦି ପରେ ଶେଷରେ ଗୋପବନ୍ଧୁଙ୍କୁ ଇନ୍ଦ୍ରଧନୁରେ ପ୍ରବନ୍ଧ ଲେଖିଥିବାର ପଚାରିବାରୁ ସେ ଲେଖି ନ ଥିବାର କହିଲା; ଉତ୍ତରରେ କେତେକ ମାଷ୍ଟର ଓ ଶ୍ରେଣୀସ୍ଥ ବାଳକମାନଙ୍କୁ ପଚାରିବାରେ ସେମାନେ ଜାଣି ନ ଥିବାର ବ୍ୟକ୍ତ କଲେ; ଉପରନ୍ତୁ ହେଡ଼ ମାଷ୍ଟର ଉକ୍ତ ଗୋପବନ୍ଧୁର ଅନୁପସ୍ଥିତିକାଳରେ କେତେକ ବାଳକମାନଙ୍କଠାରୁ ସାକ୍ଷ୍ୟ ସାବୁଦ ନେଇଥିଲେ ଏପରି ବିନା ମୂଲରେ ନୋଟିସ ଦେଇ ଜଣାଇଁ ଦେଲେ ଯେ ଗୋପବନ୍ଧୁ ଇନ୍ଦ୍ରଧନୁକୁ ପ୍ରବନ୍ଧ ଲେଖି ମନା କରିଥିବାରୁ ମିଥ୍ୟା କହିବା ଦୋଷରେ ୮-୭ ର ବୃତ୍ତି କଟମାନା କରାଗଲା ଓ ଗତବର୍ଷ ପରୀକ୍ଷାର ପାରଦର୍ଶିତାନୁସାରେ ଯେଉଁ ପ୍ରାଇଜ ପାଇଥାନ୍ତା ତାହା ବର୍ଜିତ କରାଗଲା ।

ପାଠକେ ! ଏପରି ନ୍ୟାୟବିଚାର ଦେଖିଲ କି? ଇଃ ଷ୍ଟେକୁର ମହୋଦୟ ଶିକ୍ଷକ ମାନଙ୍କମଧ୍ୟରୁ କେତେକ ଲୋକଙ୍କୁ ପଚାରିଥିଲେ ଯେ "ତୁମ୍ଭେମାନେ ଇନ୍ଦ୍ରଧନୁ ଆଣ କି ନା ? ଇନ୍ଦ୍ରଧନୁ ପଢ଼ାପଢ଼ି କର କି ନା? ଇନ୍ଦ୍ରଧନୁ ନିମନ୍ତେ ବେଦାସକ୍ତିଦ୍ କଭ ପଠାଅ କି ନା ? ଇତ୍ୟାଦି ଏ ପ୍ରଶ୍ନମାନଙ୍କରେ ପଢୁଥିବା ଲେଉଥିବା ଶିକ୍ଷକମାନେ ମଧ୍ୟ ଇନ୍ଦ୍ରଧନୁ ଗ୍ରହଣକରିବାର ମନା କରି ଗଲେ ହେଡ଼ମାଷ୍ଟର ମହୋଦୟ ସେମାନେ ମିଛ କହିଲେ ବୋଲି ତାଙ୍କର କଷ୍ଟ ଦଣ୍ଡ ହୋଇଅଛି କି ? ନା ସେମାନେ ଶିକ୍ଷକ ସାଙ୍ଗରାଇ ।

ପାଠକେ ! ହେଡ଼ମାଷ୍ଟରଙ୍କର ଏ କାର୍ଯ୍ୟ କେତେଦୂର ସଙ୍ଗତ ହୋଇଅଛି ଆପଣମାନେ ବିଚାରକରିବେ; ଆମ୍ଭର କହିବାର କାରଣ ଏହି ଯେ ଇନ୍ଦ୍ରଧନୁର ଗୌରବ ଅତି ବୃଦ୍ଧାଯୁବକ, ବାଳକ, ଶିକ୍ଷକ; ଗ୍ରହଣକର୍ତ୍ତ୍ୟ ପ୍ରାଚୀନ ସମସ୍ତେ ଉପଲବ୍ଧି କରିବାରୁ ସମସ୍ତଙ୍କର ଆଦରର ସାମଗ୍ରୀ ହୋଇଅଛି କହିବାଭଲେ, ଓଡ଼ିଶାର କୌଣସି ଖବରକାଗଜ ଇନ୍ଦ୍ରଧନୁପରି ଆଦରଣୀୟ ଅଦ୍ୟପର୍ଯ୍ୟନ୍ତ ହୋଇ ନାହିଁ; ଏଥିରେ ଯଦି କର୍ତ୍ତୃପକ୍ଷମାନେ ଏପରି ଦଣ୍ଡ ଦେବେ ତେବେ ପ୍ରକାରାନ୍ତରେ ଇନ୍ଦ୍ରଧନୁପ୍ରତି ବିଦ୍ୱେଷ ଜାତ କରାଇଲାପରି ହେବ, ପ୍ରକାଶ ଥାଉ ସେ ଉପରୋକ୍ତ ବିବରଣରେ ଯେବେ କିଛି ଭ୍ରମ ଥାଏ ତେବେ ହେଡ଼ମାଷ୍ଟର ମହୋଦୟ ଯଥାର୍ଥ ବିବରଣ ସାଧାରଣରେ ପ୍ରକାଶ କରି ବାଧିତ କରିବା ହେବେ; ଇତି ।

୫।୨।୯୪ } ବଶମ୍ବଦ
ପୁରୀ } ଶ୍ରୀ—ସ

---

ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ ଜଗମୋହନ ଦାସ | କଲିକତା | ୫ ୩୲ |
| „ ଅଦ୍ୱୈତଚରଣ ଦାସ | ଢେଙ୍କାନାଳ | ୫ ୧୲ |
| „ ଅଭିରାମଚରଣ ଦାସ | କୁଜଙ୍ଗ | ୫ ୧୲ |
| „ ଲକ୍ଷ୍ମଣ ଦାସ | ବନ୍ଧୁଭିକ୍ଷିହାଟ | ୫ ୩୲ |
| „ ସନାତନ ପଟ୍ଟନାୟକ | ଫଇଲବାଡ଼ | ୫ ୧୲ |
| „ ବିଶ୍ୱନାଥ ପଟ୍ଟନାୟକ | ଦେବଗଡ଼ | ୫ ୩୲ |
| „ ଭଗବାନ ଘୋଷ | ବାଲେଶ୍ୱର | ୫ ୩୲ |

Digitized by srujanika@gmail.com

# ବିଜ୍ଞାପନ।

ନୟାଗଡ଼ ପୋଲିସ ବିଭାଗରେ ନିମ୍ନଲିଖିତ କର୍ମଚାରୀ ନିଯୁକ୍ତ ହେବାର ଆବଶ୍ୟକ। ସବ ଇନ୍‌ସ୍ପେକ୍ଟର ଓ ହେଡ଼ କନଷ୍ଟେବଲ କାର୍ଯ୍ୟ ପାଇଁ ଯେଉଁମାନେ ପ୍ରାର୍ଥୀ ହେବେ ସେମାନଙ୍କ ଆବେଦନପତ୍ର ପ୍ରଶଂସାପତ୍ରମାନଙ୍କ ସହିତ ଅମ୍ଭ ନିକଟକୁ ପଠାଇ ଦେବେ। କନଷ୍ଟେବଲ କାର୍ଯ୍ୟ ପାଇଁ ଲୋକ ମନୋନୀତ କରିବା କାରଣ ବାବୁ ଜଗବନ୍ଧୁ ଦାସ ଡେପୁଟି ଇନ୍‌ସ୍ପେକ୍ଟର ଅଫ କଲେକ୍ଟର କଟକଙ୍କୁ ଅନୁରୋଧ କରାଯାଇଅଛି। ପ୍ରାର୍ଥୀମାନେ ତାଙ୍କ ନିକଟରେ ଦରଖାସ୍ତ ସହିତ ଉପସ୍ଥିତ ହେଲେ ଓ ସେମାନଙ୍କୁ ବାବୁ ମହୋଦୟ ଉପଯୁକ୍ତ ବୋଲି ଜାଣିଲେ ମନୋନୀତ କରି ଏଠାକୁ ପଠାଇଦେବେ। ପ୍ରକାଶ ଥାଉ କି କନଷ୍ଟେବଲ କାର୍ଯ୍ୟ କେବଳ ଶିକ୍ଷିତ ପଶ୍ଚିମା ଦେଶୀ କିମ୍ବା ପୋଲିସରେ କାମ କରିଥିବା ଲୋକଙ୍କୁ ଦିଆଯିବ।

ବେତନ।

| | | | |
|---|---|---|---|
| ସବ ଇନ୍‌ସ୍ପେକ୍ଟର | ମାସିକ ବେତନ | ଟ ୩୦ ଙ୍କା | ୧ |
| ହେଡ଼ କନଷ୍ଟେବଲ ୧ମ ଶ୍ରେଣୀ | " | ଟ ୧୫ ଙ୍କା | ୧ |
| " ୨ୟ ଶ୍ରେଣୀ | " | ଟ ୧୦ ଙ୍କା | ୧ |
| " ୩ୟ ଶ୍ରେଣୀ | " | ଟ ୮ ଙ୍କା | ୨ |
| କନଷ୍ଟେବଲ ପ୍ରତ୍ୟେକଙ୍କୁ | " | ଟ ୬ ଙ୍କା | ୨ |
| " " | " | ଟ ୨ ଙ୍କା | ୧୫ |

୨୦।୧।୯୪

Nayagur Raj office } DARPANARAYAN DAS, Manager.

---

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜ୍ଞାତ କରାଯାଉଅଛି ଯେ ଆଗାମୀ ମାର୍ଚ୍ଚମାସ ମଧ୍ୟରେ ଅନୁଗୁଳ ଦକ୍ଷିଣ ଜଙ୍ଗଲରୁ ଗୋ ୫୦୦ (ପାଞ୍ଚଶହ) ଟା ଶାଳଗଛ ବିକ୍ରୟ କରାଯିବ। ଯେକେହି ନେବାକୁ ଇଚ୍ଛା କରନ୍ତି ସେମାନେ ନିମ୍ନସ୍ୱାକ୍ଷରକାରୀଙ୍କଠାରୁ ପାଇ ପାରିବେ।

ଫି ୨ ଟ ଓ ତଦୂର୍ଦ୍ଧ୍ୱ ମୋଟାଗଛ କାଟିବାକୁ ଦିଆଯିବ। କୌଣସି ଗଛ ଚୋରି ପଡ଼ିଲେ ଜରିମାନା ଦିଆଯିବ। ପ୍ରତ୍ୟେକ ଟେଣ୍ଡରର ଦାମ ଚାରିଅଣା ମାତ୍ର।

ଅନୁଗୁଳ } ଶ୍ରୀ କେଦାରନାଥ ମଜୁମଦାର<br>
୨୭।୧।୯୪ } ଏକ୍‌ଷ୍ଟ୍ରା ଏସିଷ୍ଟାଣ୍ଟ କମିସନର ଅନୁଗୁଳ ଡିଭିଜନ।

---

# ଶ୍ରୀମଦ୍ଭଗବଦ୍‌ଗୀତା।

ଦ୍ୱିତୀୟ ସ୍କରଣ।

ବହୁଳ ଟୀକା ଓ ସରଳ ଭାଷାନୁବାଦ ସହିତ ମୁଦ୍ରିତ ହୋଇ କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି। ମୂଲ୍ୟ ପୂର୍ବପ୍ରାପ୍ତ ଅଠଅଣା ଓ ମୋଫସଲକୁ ଡାକମାସୁଲ ଦୁଇପଇସା।

ଶ୍ରୀବ୍ରଜଶଙ୍କରବସୁ।

---

# ସଂଗୀତସାର

## ନୂତନ ନୂତନ ନୂତନ

ସୁଲଭ ଉତ୍କଳ ସଙ୍ଗୀତ ପୁସ୍ତକ<br>
ସଙ୍ଗୀତ ସଂଖ୍ୟା ଶତାଧିକ।<br>
ମୂଲ୍ୟ ଟ ୦ ।/ ଛଅଣା ମାତ୍ର।

ଓଡ଼ିଆ ସଙ୍ଗୀତମାନଙ୍କରୁ ବାଛିବାଛି ସାର ସଂଗୃହୀତ ହୋଇ ଏହି ନୂତନ ପୁସ୍ତକ ମୁଦ୍ରିତ ହୋଇଅଛି। ଏଥିରେ ନାନାପ୍ରକାର ସ୍ୱର ରାଗିଣୀ ଓ ନୂଆ ସଙ୍ଗୀତ ସନ୍ନିବେଶିତ ହୋଇଅଛି। କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି।

---

# ତୃତୀୟପାଠର ବ୍ୟାଖ୍ୟା।

ଏଥିରେ ପୁସ୍ତକାନ୍ତର୍ଗତ କଠିନ ଶବ୍ଦମାନଙ୍କର ଅର୍ଥ, ବ୍ୟୁତ୍ପତ୍ତି, ସମାସ ପ୍ରଭୃତି ଓ ଦୁର୍ବୋଧ ସ୍ଥଳମାନଙ୍କର ଭାବ ଲିଖିତ ଏବଂ ଐତିହାସିକ ଓ ଭୌଗୋଳିକ ବିବରଣ ସନ୍ନିବେଶିତ ହୋଇଅଛି। ଇଣ୍ଟରମିଡିଏଟ ସ୍କୁଲର ପ୍ରଥମଶ୍ରେଣୀର ଛାତ୍ରମାନଙ୍କ ଓ ଛାତ୍ରବୃତ୍ତି ସ୍କୁଲର ତୃତୀୟଶ୍ରେଣୀର ଛାତ୍ରମାନଙ୍କ ପକ୍ଷରେ ଏ ପୁସ୍ତକ ଅତୀବ ପ୍ରୟୋଜନୀୟ। ଅନେକ ଶିକ୍ଷକ ମଧ୍ୟ ଏଥିରୁ ସାହାଯ୍ୟ ପାଇ ପାରିବେ। ମୂଲ୍ୟ ଚାରିଅଣା। କଟକ ବଡ଼ଦାଣ୍ଡରେ ପ୍ରିଣ୍ଟିଂକମ୍ପାନିଙ୍କ ଛାପାଖାନାରେ ବିକ୍ରୟ ହେଉଅଛି।

---

# ନୂତନ ସଂସ୍କରଣ।

ଚଉତିଶା ବ୍ୟାକରଣର ପଞ୍ଚମସଂସ୍କରଣ ପ୍ରକାଶିତ ହୋଇଅଛି। ମୂଲ୍ୟ ଚାରିଅଣା।

ପଞ୍ଚମସଂସ୍କରଣ ଚଉତିଶା ବ୍ୟାକରଣର ବ୍ୟାଖ୍ୟା ପ୍ରକାଶିତ ହୋଇଅଛି ମୂଲ୍ୟ ତିନିଅଣା।

---

ସରଳ ଭୂଗୋଳପାଠର ପରିବର୍ଦ୍ଧିତ ପଞ୍ଚମ ସଂସ୍କରଣ ପ୍ରକାଶିତ ହୋଇଅଛି। ମୂଲ୍ୟ ଛଅଣା। ରାଜ୍ୟବିଭାଗ ଏବଂ ଶାସନସମ୍ବନ୍ଧରେ ଯେଉଁ ପରିବର୍ତ୍ତନମାନ ନୂତନ ଘଟିଅଛି ତାହା ଏହି ସଂସ୍କରଣରେ ସନ୍ନିବେଶିତ ହୋଇଅଛି।

ଶ୍ରୀ ସୀତାନାଥ ରାୟ<br>
ରାୟ ପ୍ରେସ, କଟକ।

---

# ଶୀଘ୍ର ନିଅ ! ନିଅ ! ନିଅ ! !

ପୁସ୍ତକ ସଂଖ୍ୟା ଅଳ୍ପ ଅଛି।

ଗ୍ରାହକମାନଙ୍କ ସୁବିଧା ନିମନ୍ତେ ଅମ୍ଭ ପ୍ରଣୀତ ଓ ପ୍ରକାଶିତ ପୁସ୍ତକମାନ ଅଦ୍ୟଠାରୁ ଅର୍ଦ୍ଧ ମୂଲ୍ୟରେ ବିକ୍ରୟ ହେବ।

| | | |
|---|---|---|
| ସଙ୍ଗୀତ ସାଗର ପ୍ରଥମ ତରଙ୍ଗ | | ଟ ୦ ।/ |
| ଏଜନ | ଦ୍ୱିତୀୟ ଏଜନ | ଟ ୦ ।/ |
| ଏଜନ | ତୃତୀୟ ଏଜନ | ଟ ୦ ।/ |
| ଏଜନ | ଚତୁର୍ଥ ଏଜନ | ଟ ୦ ।/ |
| ଜାନକୀଚମ୍ପୂ | | ଟ ୦ / |
| କପିଳାସ କ୍ଷେତ୍ର | | ଟ ୦ / |

ଏହି ପୁସ୍ତକମାନ କଟକ ପ୍ରିଂଟିଂକମ୍ପାନିଙ୍କ ଛାପାଖାନାରେ, ଚୌଧୁରୀବଜାରସ୍ଥ ବାବୁ ଶ୍ରୀ ରାମପ୍ରସନ୍ନ ମୁଖୋପାଧ୍ୟାୟଙ୍କ ଦୋକାନରେ, ଚୌଧୁରୀବଜାରସ୍ଥ ବାବୁ ଲକ୍ଷ୍ମୀନାରାୟଣ ନାୟକଙ୍କ ଡାକ୍ତରଖାନାରେ ଏବଂ ବାଲୁବଜାରସ୍ଥ ପଣ୍ଡିତ ଗୋପୀନାଥଙ୍କ ଦୋକାନରେ ମିଳିବ।

କଟକ } ଶ୍ରୀ ଦାମୋଦର ପଟ୍ଟନାୟକ।<br>
୨।୧।୯୩ }

---

# ବିଚାମସାହେବଙ୍କ ବଟିକା।

## ( BEECHAM'S PILLS. )

ପଲିବିଲେତନାରେ ଏକ ୨ ଖଣ୍ଡିଅର ମୂଲ୍ୟ ଏକ ୨ ମୋହରକୁ ଶସ୍ତା ବୋଲିଯାଇ ପାରେ।

ଏ ବଟିକା କେବଳ ଉଦ୍ଭିଦପଦାର୍ଥରେ ପ୍ରସ୍ତୁତ ହୋଇ ଅଛି। ଏଥିରେ ପାରଦ ଅଥବା ଅନ୍ୟାନ୍ୟ ଧାତୁ ବା ଧର୍ମବାଧକର ଦ୍ରବ୍ୟ ନାହିଁ। ଏହା ସବୁ ଜାତିରେ ପ୍ରସ୍ତୁତ ହୋଇ ନାହିଁ କେବଳ ପ୍ରସ୍ତୁତ ହୋଇଅଛି।

ସକଳ ବୟସର ସ୍ତ୍ରୀ ପୁରୁଷଙ୍କ ପକ୍ଷରେ ସମାନ ଉପକାରୀ ବୋଲି ପୃଥିବୀରେ ବିଖ୍ୟାତ। ଥରେ ପରୀକ୍ଷା କଲେ ଏଥିର ଗୁଣ ଜାଣି ପାରିବ।

ଉଦରାମୟ, ପାକସ୍ଥଳୀରେ ବ୍ୟଥା, ମସ୍ତକବ୍ୟଥା, ଶୂଳରୋଗ, ଭୋଜନ ଉତ୍ତାରୁ ଉଦରର ପରିପୂର୍ଣ୍ଣତା ଓ ସ୍ଫୀତତା, ନିଦ୍ରାଳୁତା, ଶୈତ୍ୟ, ତାପୋ-

Split by PDF Splitter

Digitized by srujanika@gmail.com

Split by PDF Splitter



ଦ୍ଗମ, କ୍ଷୁଧାମାନ୍ଦ୍ୟ, ଶ୍ୱାସ, କୋଷ୍ଠବଦ୍ଧତା, ଋତୁ ଗର୍ଭବେଗ ଇତ୍ୟାଦି ସକଳପ୍ରକାର ସ୍ତ୍ରୀବ୍ୟାଧି ଓ ପୈତ୍ତିକ ପୀଡ଼ାରେ ଏହି ବଟିକା ଅମୋଘ ଔଷଧ । ଏବଂ ବହୁ ପରୀକ୍ଷାର ଓ ବୈଦ୍ୟଶାସ୍ତ୍ରସ- ମ୍ମତରେ ଅଭ୍ରାନ୍ତ ହୋଇଅଛି ।

ହିନ୍ଦୋସ୍ତାନର ସକଳନଗରର ଡିସ୍ପେନ୍- ସରୀ ଔଷଧାଳୟରେ ପ୍ରାପ୍ତ ହୁଅଇ । ମୂଲ୍ୟ ପ୍ରତିବଟୁଆ ପ୍ରକାର ଅନୁସାରେ ଟ ୦୧ ଟ ୦ ॥ ଓ ଟ ୦ ॥/ ଅଟଇ । ଡାକଖର୍ଚ୍ଚ ପୃଥକ୍ ଦେବାକୁ ହେବ ।


# New School Books.

JUST TO HAND.

Webb's Two hundred questions on Grammar and Idiom with Answers.

Webb's Keys to English Entrance Course for 1892 and 1893.

S. P. Ghosh's Key to English Entrance Course for 1894.

Chambers' Etymol. Dictionary

Webb's Condensed Dictionary.

Webb's International Do.

Whitehall Drawing Copy Books.

R. C. Dutt's History of India.

Catechism of History of India.

Buckley's History of England.

K. P. Basu's Algebra.

Royal Readers No. I to IV.

Manual of Geography.

Wall-maps and Atlases.

To be had of the Secretary, Printing Company, Durgha Bazar, Cuttack.



## ଲୁଗା ଓ ନାନାଦ୍ରବ୍ୟର ଦୋକାନ ।

ଏହି ସହର କଟକ ଚୌଧୁରୀବଜାର ଶସ୍ତ୍ର ବାବୁ ଗୌରୀଶଙ୍କର ରାୟଙ୍କ ବସା ସନ୍ନିକଟରେ ଆମ୍ଭମାନଙ୍କର ଦୋକାନରେ ଢେଙ୍କାନାଳି, ନାଲିଚା, ରେଶମୀ ଓ ଖେର ଲୁଗା ଓ ଅନ୍ୟାନ୍ୟ ପ୍ରୟୋଜନୀୟ ଦ୍ରବ୍ୟ ଅତି ସୁଲଭ ଏବଂ ଏକ ନିଶ୍ଚିତ ଦରରେ ବିକ୍ରୟ ହେଉଅଛି ।

ପ୍ରତ୍ୟେକ ଲୁଗାର ଖରିଦ ଦର ସେହି ଲୁଗା- ଉପରେ ଲେଖା ଅଛି ଭଦ୍ର ଗ୍ରାହକମାନଙ୍କ ପକ୍ଷରେ ଏହା ବଡ଼ ସୁବିଧା । ଯେହେତୁ ଦରଦାମ କରିବାର ଆବଶ୍ୟକତା ନାହିଁ । କେବଳ ଦାମ ଦେଖି ତହିଁ ଉପରେ ମୁନଫା କଷି ମୂଲ୍ୟ ଦେଲେ ଲୁଗା ନେଇ ପାରିବେ । ସମସ୍ତ ଗ୍ରାହକଙ୍କ ପକ୍ଷରେ ଏକଦର କାହାଠାରୁ ଅଧିକ ବା ଊଣା ନିଆଯାଏ ନାହିଁ ।

ଅନ୍ୟାନ୍ୟ ଦ୍ରବ୍ୟ ମଧ୍ୟରୁ କେତେକ ଦ୍ରବ୍ୟର ନାମ ଓ ମୂଲ୍ୟ ନିମ୍ନେ ଲେଖା ଗଲା । ଗ୍ରାହକମାନେ ଜିନିଷ ଦେଖି ବଜାର ସଙ୍ଗେ ମିଳାଇଲେ ପ୍ରତ୍ୟକ୍ଷ ଦେଖିବେ ଯେ ଆମ୍ଭମାନଙ୍କର ମୂଲ୍ୟ ଯଥାସମ୍ଭବ ଅଳ୍ପ ଅଟଇ ।

ନଗଦ ମୂଲ୍ୟରେ ମୋଫସଲକୁ ଡାକଯୋଗେ ଦ୍ରବ୍ୟ ପଠାଯାଏ ଏବଂ ଟଙ୍କା ପ୍ରତି ଅନ୍ତତଃ ଚାରିଅଣା ଅଗ୍ରିମ ପଠାଇଲେ ଭେଲ୍ୟୁପେଏବଲ ଡାକରେ ଦ୍ରବ୍ୟ ପଠାଇବାକୁ ପ୍ରସ୍ତୁତ ଅଛୁଁ ।

### ତଫସିଲ ।

| ଜିନିଷର ନାମ | ମୂଲ୍ୟ |
|---|---|
| ଅଟୋମେଟିକ ପେନସିଲ | ଗୋ ୧ ଟ ୦ ।/ |
| କଲ ଓ ବ୍ଲେକ ପେନସିଲ | ଗୋ ୧ ଟ ୦ /୧ |
| ଉଡ଼ିଆ ପେନସିଲ | ଡ ୧ ଟ ୦ ॥ |
| ନକସା କାଗଜ | ଦ ୧ ଟ ୦ ୫/ |
| ଫୁଲସ୍କେପ କାଗଜ ସରୁଆ | ଦ ୧ ଟ ୦ /୩ |
| ଏକ୍ସଲ ରୁଲବାଲା | ଦ ୧ ଟ ୦ /୬ |
| ଏକ୍ସଲ ନରମ | ଦ ୧ ଟ ୦ /୩ |
| ଫାନସୀନୋଟପେପର ଓ ଲଫାଫା | ଦ ୧ ଟ ୬ । |
| ଡାକକାଗଜ ସରୁଆ | ଦ ୧ ଟ ୦ / |
| ଏକ୍ସଲ ମଧ୍ୟମ | ଦ ୧ ଟ ୦ / |
| ଲଫାଫା ନରମ ଶ ୧୦୦ ଟ ୦୫/ | ଗୋ ୨୫ ଟ ୦/୩ |
| ଏକ୍ସଲ ମଧ୍ୟମ ଶ ୧୦୦ ଟ ୦ ॥ | ଗୋ ୨୫ ଟ ୦ ୯ |
| ଚାଉଳକାଗଜ ୧୬ ପଣି | ଦ ୧ ଟ ୦ /୩ |
| ସିହାଇ | ବୋ ୧ ଟ ୦ ୷ |
| ଏକ୍ସଲ ଗୁଣ୍ଡି ଏହାକୁ ଅଧବୋତଲ ଜଳରେ ମିଶାଇ ଫୁଟାଇ ପରେ ଛାଣି ଦେଲେ ଉତ୍ତମ ସିହାଇ ପ୍ରସ୍ତୁତ ହେବ | ବ ୧ ଗ୍ରୁଲ ଟ ୦ /୬ |
| ସୀଲଟ ପେନସିଲ | ବ ୧ ଟ ୦ ॥ |
| ରବର | ଖ ୧ ଟ ୦ ॥/ |
| ହଂସପକ୍ଷୀ କଲମ | ଗୋ ୨୫ ଟ ୦ ।/ |
| ଷ୍ଟିଲ କଲମ (ନିବ) ସରୁଆ | ଡ଼ ୧ ଟ ୦ / |
| ଏକ୍ସଲ୍ ଜିରଥା | ଡ଼ ୧ ଟ ୦ ୯ |
| ଏକ୍ସଲ୍ ଚଡ଼ମାଗଜକୋଣମ | ଗୋ ୧ ଟ ୦ ୬ |
| କାଚଦୁଆତ ଢାଙ୍କୁଣି ସହିତ (ଭଲଆବାଲା) | ଗୋ ୧ ଟ ୦ । |
| ଏକ୍ସଲ ସାଧାରଣ | ଗୋ ୧ ଟ ୦/୬ |
| ଲାଲଫିତା ସରୁଆ | ଗ ୧ ଟ ୦ ॥ |
| କୋଟମ୍ୟାର ବେଗ ସୁନ୍ଦର | ଗୋ ୧ ଟ ୦ ୷ |
| ମନିବେଗ | ଗୋ ୧ ଟ ୦ / |
| ମୁଗୁନିପଥରର ଫସ୍ପିକ୍ଡା ଓ ରୂପେଲିକଣ୍ଠାବାଲା | ଗୋ ୧ ଟ ୬ । |
| ଲେଭେଣ୍ଡର | ଗୋ ୧ ଟ ୧୧ |
| ମେକସର ଅଏଲ | ଗୋ ୧ ଟ ୦ ୩ |
| ସାବୁନ ସରୁଆ | ଖ ୧ ଟ ୦ /୯ |
| ଫୁଲଦାନୀ | ଗୋ ୧ ଟ ୧/ |
| ଦେବାଲଗିର ଝାଡ଼ଲ୍ୟା | ଗୋ ୨ ଟ ୪ । |
| ଏକ୍ସଲ ଏକଡାଳିଆ | ଗୋ ୧ ଟ ୨ |
| କେଟ | ଗୋ ୧ ଟ ୬ |
| ଅସ୍ତ୍ରସେଟ | ଗୋ ୧ ଟ /୬ |
| ଛାତ | ବ ୧ ଟ ୦ /୩ |
| ସାନପଗଡ଼ୀ | ଗୋ ୧ ଟ ୫ ୯ |
| ବନାରସୀ ସପ୍ତ ଢଙ୍ଗ | ଖ ୧ |
| ପେଡ଼ାର ଏହାକୁ କୌଣସି ପାତ୍ରରେ ରଖି ନିଆଁରେ ଉତ୍ତଳାଇ ଜୋଠା ଶିଶର ଫାଟରେ ଲଗାଇ ଦେଲେ ପାଣି ପଡ଼ିବାର ବନ୍ଦ ହେବ | ସେ ୧ ଟ ୦ |

କଟକ ଚୌଧୁରୀ ବଜାର } ଅରଜବନ୍ଦ କର କମ୍ପାନି


ଉତ୍କଳଦୀପିକାର ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା ।—

ପ୍ରଥମଥର ପ୍ରକାଶ

| | |
|---|---|
| ଧାଡ଼ିପ୍ରତି | ଟ ୦ ୵ |
| ଅର୍ଦ୍ଧସ୍ତମ୍ଭକୁ | ଟ ୨୧ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ ୩୧ |

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ ତହିଁର ଖର୍ଚ୍ଚ ଟ ୦ ୮ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ପ୍ରକାଶ ଖର୍ଚ୍ଚ ପ୍ରଥମଥରର ଅର୍ଦ୍ଧ ଓ ଦୁଇଗୁଣ ଯଥାକ୍ରମେ ହେବ

ଅଧିକ ଦିନର ପ୍ରକାଶ ମୂଲ୍ୟ ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନସଙ୍ଗେ ପଠାଇବାକୁ ହେବ ।

☞ ଏହି ଉତ୍କଳଦୀପିକା ସହର କଟକ ପ୍ରିଣ୍ଟିଂ କମ୍ପାନି ଯନ୍ତ୍ରରେ ଶ୍ରୀ ... ଦ୍ୱାରା ମୁଦ୍ରିତ ଓ ପ୍ରକାଶିତ ହେଉ

Digitized by srujanika@gmail.com

Split by PDF Splitter



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା ।


୪୧ ଭାଗ | ତା ୧୭ ଚୈତ୍ର ମାହେ ଚିତ୍ରଣ ସନ ୧୩୧୪ ସାଲ । ମୂ । ୫ ୬ ଇଂ. ଇଂରାଜୀ ୧୯୦୬ ସାଲ ଶନିବାର । | ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩୯
୭ ସଂଖ୍ୟା | | ଡାକମାଶୁଲ ଟ ୨୯



## ବିଜ୍ଞାପନ ।

ଓଡ଼ିଆ

ସନ ୧୩୧୪।୧୫ ମହିହାର

### ନୂତନ ପଞ୍ଜିକା ।

କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ପୂର୍ବ ପ୍ରାୟ ଛପା ହୋଇ ବିକ୍ରୟ ହେଉଅଛି ।

ବଡ଼ ମୂଲ୍ୟ ଟ ୦।୯ ଡାକମାଶୁଲ ଟ ୦/

ଛୋଟ ମୂଲ୍ୟ ଟ ୦/ ଡାକମାଶୁଲ ଟ ୦୬


ବ୍ରାହ୍ମଣ ଏବଂ ବୈଷ୍ଣବ ଜାତିର ପୁଣ୍ଣିମା ସ୍ତ୍ରୀ-ଲୋକଙ୍କୁ ବାଣ୍ଟିଦେବାକାରଣ କଲିକତାର ସର ଶୌରୀନ୍ଦ୍ରମୋହନ ଠାକୁର ଅଢ଼େଇଲକ୍ଷ ଟଙ୍କାର ସୋଲକକାଗଜ ପ୍ରାଡବ୍ୟବସ୍ଥା-ପତ୍ରରେ ଅର୍ପଣ କରିଅଛନ୍ତି । ଏ ଦାନ ପ୍ରଶଂସନୀୟ ଅଟେ ।

———

ଦୁଇବର୍ଦ୍ଧମ ଏବଂ ଦକ୍ଷିଣପ୍ରଦେଶମାନଙ୍କରେ ଗତ ମାଘମାସରେ ବୃଷ୍ଟି ହୋଇଥିଲା । ଓଡ଼ିଶା-ସହ ସମସ୍ତ ବଙ୍ଗଦେଶରେ ମାଘମାସ ଶରେ ଜଳଗ୍ରୂଢ଼ର ଏକପ୍ରକାର ଗତ ଦେଲା ଅବଧି ବୃଷ୍ଟି ହୋଇ ନାହିଁ ଏବଂ ଅଭାବ ଦୁର୍ମିଳ ହେଉ-ଅଛି । ବୃଷ୍ଟି ଅଭାବରୁ ଚାଷ ଅଧିକ ବଢ଼ୁଅଛି ଏବଂ ଅମୃତଫଳପ୍ରଭ ଭଲ୍ ହୋଇଅଛି ।

—✕✱✕—

ମୁସଲମାନ ବନ୍ଧୁ ରେଜିଷ୍ଟାର କଟ୍ରେଗ ପ୍ରସଙ୍ଗ ସେନ ଏ ନଗରର କେତେକ ମୁସଲମାନଙ୍କ ମଧ୍ୟରେ ବଳାତକ ଏବଂ ମନୋମାଳିନ୍ୟ ଜାତ ହେବାର ଜଣାଯାଏ । ପ୍ରଯୁକ୍ତ ଶ୍ରୀ ନିଟ୍‌ବାବୁଙ୍କର ଅଶପୂ ଲେଖା ଅନ୍ୟାୟ ଏବଂ ଉଚିତ ବାଦ ପ୍ରତିବାଦ ସର୍ବସାଧାରଣଙ୍କ ସମ୍ମୁଖରେ ଉପସ୍ଥିତ ହୋଇଅଛି । ଅତଏବ ଏ-ସମ୍ବନ୍ଧରେ ଅନ୍ୟ ପ୍ରେରିତପତ୍ର ଅମ୍ଭେମାନେ ପ୍ରକାଶ କରିବୁଁ ନାହିଁ ।

———

ଏଠା ରେଭେନ୍ସା କଲେଜର ଅଧ୍ୟକ୍ଷ ଶ୍ରୀଯୁକ୍ତ ହଲର୍ଡ ସାହେବ ସମ୍ପ୍ରତି ନିୟମ କରିଅଛନ୍ତି କି ଯେଉଁ ଛାତ୍ର ଚୋଗା ପିନ୍ଧି ନ ଆସିବ ସେ ଜଣେ ଶ୍ରେଣୀରେ ପ୍ରବେଶ କରିପାରିବ ନାହିଁ । ସମସ୍ତେ ଜାଣନ୍ତି ଯେ ସ୍କୁଲକଲେଜର ଶୋଭା ଦିକ୍‌ବା ବାଦ ବଳ ପ୍ରବଳ କରାନ୍ତ ଗଛର ନ ହେଲେ ଖାଲିରେ ଉପରେ କେହି ପେନ୍ ସୁ ଲଭୁ ଅଦିବାକୁ ଭଲ ନହେ । ଏପରିସ୍ଥଳେ ଦରିଦ୍ର ପିଲାଙ୍କ ପକ୍ଷଶାସ୍ତ୍ରଙ୍କରୁ ବାହାରିକର ଦେବା କି ନ୍ୟାୟ କାର୍ଯ୍ୟ ନୁହେ ? ଅମ୍ଭେମାନେ ଭରସା କରୁଁ ଅଧ୍ୟକ୍ଷ ମହାଶୟ ଏହୁ ଦକ୍ଷେତ । କର ଚାଳର କଠୋର ନିୟମ ଉଠାଇ କରିବେ ।

—୦✻୦—

ଷ୍ଟାକାନ୍‌ରେ ପ୍ରକାଶିତ ଟେଲିଗ୍ରାଫରୁ ଜଣା-ଯାଏ ଅବଗତ ହେଲା ଯେ ଏବର୍ଷ ଏ ନଗର ଅଲ୍ପପାଣି କଠୋଭୋଗୀ ନଗରର ଅଧିକ ଜଳ ନ ଥିବାରୁ ଲୋକଙ୍କର ବିଶେଷ କଷ୍ଟ ହୋଇଅଛି । ବାସ୍ତବରେ ନଗରବାହିରେ କେଉଁଠି ସ୍ଥାନରେ ଗଭୀର ଜଳ ନାହିଁ ଯେ ନଗରବାସିଙ୍କର ପାନୀୟ ଜଳ ପ୍ରୟୋଜନୀୟ କାର୍ଯ୍ୟ ସମାଧା ହେବ । ଯେଉଁ ଯାହା ଅଛନ୍ତି ଢଙ୍ଗରେ କଂଶୀ କୃଡ଼ାକ ପରିସ୍କାର ଖାଇବା ଜଳ ଅଣିବାର ସୁବିଧା ନାହିଁ । ଅମ୍ଭେମାନେ ଆଶା କରୁଁ କି ମିଉନିସିପାଲ କମିଶନର-ମାନେ ଏହି ଅସୁବିଧା ନିବାରଣପକ୍ଷରେ ଶୀଘ୍ର ମନୋଯୋଗୀ ହେବେ ।

———

ଶୁଣା ଯାଉଅଛି ଯେ ବଙ୍ଗୀୟ ଲେଫ୍‌ଟେନାଣ୍ଟ ଗଭର୍ଣ୍ଣର ଆଗାମୀ ମାର୍ଚ୍ଚମାସ ଶେଷ ପର୍ଯ୍ୟନ୍ତ କଲିକତାରେ ରହିବେ । କୌଣସିଅଞ୍ଚଳ ଭ୍ରମଣ କରିବାକୁ ବାହାରିବେ ନାହିଁ । ମାସ ସର ଭଲ-ଯୁକ୍ତ ତାହାଙ୍କର ସ୍ଥିର ହୋଇ ବସିବାର ଜେଲ ନାହିଁ । ଏଥିମଧ୍ୟରେ ତାହାଙ୍କ ଭ୍ରମଣର ଏକ ଅନୁଷ୍ଠାନପତ୍ର ବାହାରିଅଛି । ଏବଂ ତହିଁରୁ ପ୍ରକାଶ ଯେ ସେ ଗତ ତା ୯ ତାରିଖ ଶୁକ୍ରବାର କଲିକତାରୁ ଯାତ୍ରା କରିଅଛନ୍ତି । ବହାରପ୍ରଦେଶର କେତେକ ସ୍ଥାନ ଭ୍ରମଣ କରି ଆଗାମୀ ତା ୨୨ ଖ୍ରେଲରେ କଲିକତାକୁ ଫେରିଆସିବେ । ବହାରର ଉଲ୍ଲେଖ କାର୍ଯ୍ୟ ଦେଖିବା ଏ ଭ୍ରମଣର ଉଦ୍ଦେଶ୍ୟ ବୋଲି ଅନୁମିତ ହେଉଅଛି ।

———

ଜଣେ ପତ୍ରପ୍ରେରକ ଲେଖିଅଛନ୍ତି କି କାଉ-ଜମାସ୍ତୁର ସାହେବଙ୍କ ଅଫିସମାନେ ନିଜ-

Digitized by srujanika@gmail.com

ଉପରେ ବାରବୋଟ ଥିବାବେଳେ ଯାତ୍ରୀମାନ-
ଙ୍କର ଚଢ଼ିବା ଓହ୍ଲାଇବା ନିଷେଧ ହୋଇଅଛି ।
ମାଝି ଏ ହୁକାର୍ଯ୍ୟ ଲଙ୍ଘନରେ ହେବା ଯେମନ୍ତ
ସୁବିଧାଜନକ ନହିଁ ଉପରେ ବା ତଳେ ସେଥିର
ନୁହଇ । ସୁତରାଂ ଯାତ୍ରୀମାନେ ଲଞ୍ଚର ପଥର-
କାନ୍ଥିରୁ ବୋଟକୁ ଚଢ଼ିବା ପାଇଁ ଲମ୍ବସୂତ୍ର ଏବଂ
ସେମାନେ ବୋଟର ମାଝି ଖଲସିମାନଙ୍କ ଦ୍ୱାରା
ଆକର୍ଷିତ ହୋଇ ହାତାପିଟି କରୁଅଛନ୍ତି ।
ପକ୍ଷାନ୍ତରେ ଗନ୍ତବ୍ୟଯାତ୍ରୀମାନେ ଓହ୍ଲାଇ ପ୍ରଭୃତିଙ୍କୁ
ସନ୍ତୁଷ୍ଟ କରି ନ ପାରି ଅପମାନ ହେଉଅ-
ଛନ୍ତି । ବୋଟବାଲାଙ୍କ ହାତରେ ଯାତ୍ରୀଙ୍କ ଲାଞ୍ଛ-
ନାର ସୀମା ନାହିଁ । ପୋର୍ଟମାଷ୍ଟର ହାକିମମାନେ
ଏଥିର ପ୍ରତିକାର କରିବା ଦୂରେ ଥାଉ ଅଧିକ
କଷ୍ଟ ବଢ଼ାଉଅଛନ୍ତି ।

---

ପାଠକମାନଙ୍କର ସ୍ମରଣ ଥିବ ଯେ ବେଣା-
ହାର ପ୍ରବଳ ଦୁର୍ଗତ ହାହା ଜମୀଦାର
କେତେଗୁଡ଼ିଏ ପ୍ରଜା ହସ୍ତ ବୋଡ଼ାକ ଜମିଦାରଙ୍କୁ
ଛଡ଼ାଇ ନେବା ଅଭିପ୍ରାୟରେ ବାଣ ଦୁଷ୍ଟଲୋକ
ପରାମର୍ଶରେ ଗୋଟିଏ ବ ୭୦ ବର୍ଷ ବୃଦ୍ଧ
ଲୋକଙ୍କୁ ମାରି ପକାଇ ଜମିଦାରଙ୍କ ବନ୍ଧୁଙ୍କରେ
ହତ୍ୟାପରାଧ ଅଭିଯୋଗ କରାଇଥିଲେ କିନ୍ତୁ
ପୋଲିସ ତଦନ୍ତରେ ଦୁକ୍ତର ଉଦ୍ଦେଶ୍ୟ ବାହାର
ପଡ଼ିବାରୁ ଜମିଦାର ପ୍ରଜା ଗ୍ରେପ ହୋଇ
ଦୋଷୀ ସାବ୍ୟସ୍ତ ହୋଇଥିଲେ । ସେମାନଙ୍କ
ମଧ୍ୟରୁ ଜଣଙ୍କ ସାତବର୍ଷ କେଉଁଏ ଓ ବାକି
ଆସାମିମାନେ ଗୁରୁବର୍ଷ କେଉଁଏ ମିଆଦ ପାଇ
ଅଛନ୍ତି । ପୋଲିସ ଇନସ୍ପେକ୍ଟର ବାବୁ ଅନଙ୍ଗ-
ମୋହନ ମୁଖୋପାଧ୍ୟାୟ ଏହି ମୋକଦ୍ଦମାର
ଜଟିଳ ବୃତ୍ତାନ୍ତ ମଧ୍ୟରେ ପ୍ରବେଶ କରି ବହୁ
ପରିଶ୍ରମ ଓ କୌଶଳଦ୍ୱାରା ପ୍ରକୃତ ରହସ୍ୟ
ଉଦ୍ଘାଟନଦ୍ୱାରା ପ୍ରଶଂସାଭାଜନ ହୋଇଅଛନ୍ତି ।

---

ବଙ୍ଗୀୟଗବର୍ଣ୍ଣମେଣ୍ଟଙ୍କ ଅନୁରୋଧ ମତେ
ପ୍ରକାଶ କରୁଅଛୁଁ ଯେ ଗଭେଲେସଏଣ୍ଡ ଟୁକ୍ୱାବଙ୍ଗ
ଏବଂ ଆସାମପ୍ରଦେଶୀୟ ପରିଭ୍ରମଣ କରିବା ଅଭି-
ପ୍ରାୟରେ ଗତ ମୁଲୁକାର କଲିକତାରୁ ସାକ୍ଷାତର
ଅନ ଘାଟରେ ପହଞ୍ଚିବେ । ସେଠାରେ ଦ ଅ ନ
ଭାବ ତଳନମାସ ତା ୨୨ ଘଣ୍ଟରେ କଲିକ-
ତାକୁ ପ୍ରତ୍ୟାଗମନ କରିବେ । ତା ୧୪ ଘଣ୍ଟରେ
କଲିକତାରୁ ବାହାରି ତା ୨୬ ରଖ ସୋନପାଣି
କଟକରେ ପହଞ୍ଚିବେ ଏବଂ ସାକ୍ଷାତ ଏଠାରେ
ରହି ମାର୍ଚ୍ଚମାସ ତା ୭ ରଖ ସହବାର କଲିକ-
ତାକୁ ପ୍ରତ୍ୟାଗମନ କରିବେ । ସହକାର ହେନୁ-
ମାସ ତା ୭ ଘଣ୍ଟାରେ କଟକରୁ ଅସାନ୍ତ-
ଦେଶକୁ ଯାତ୍ରା କରି ଥିବଣ, ହିଲ୍ଲୀ, ଏବଂ
କେନ୍ଦୁପୁର ନଗରମାନଙ୍କରେ ମୁକାମ କରିବେ ।
କେଉଁଦନ ଜେଞ୍ଚଠାରେ ରହିବେ ତାହା
ପଷ୍ଟରୁ ଜଣାଇ ଦଆଯିବ । ଚହିଁରୁସ୍ତୁ ଯି-
ଘବାଟି ତା ୧୦ ଘଣ୍ଟରେ ଜବଲପୁରକୁ
ଅଛିବେ ଏବଂ ସେଠାରୁ ତା ୧୬ ଘଣ୍ଟରେ
ଯାତ୍ରା କରି ତା ୨୭ ଘଣ୍ଟରେ କଲିକତାରେ
ପହୁଞ୍ଚି ଅପ୍ରେଲମାସ ତା ୫ ରଖ ପର୍ଯ୍ୟନ୍ତ ଅବ-
ସ୍ଥିତ କରିବେ ।

---

### କଟକ ମେଡ଼ିକେଲସ୍କୁଲ

ଏଠା ମେଡ଼ିକେଲସ୍କୁଲ ଅଥାତ୍ ଚିକିତ୍ସା-
ଶାସ୍ତ୍ରବିଦ୍ୟାଳୟ ମୃତ ମହାତ୍ମା ଡାକ୍ତର ଷ୍ଟି-
ୱାର୍ଟ ସାହେବଙ୍କର ଗୋଟିଏ ପ୍ରଧାନ କୀର୍ତ୍ତି
ସେ ଓଡ଼ିଶାବାସିଙ୍କ ଦରିଦ୍ରତା ଏବଂ ଏଠାରେ
ଚିକିତ୍ସାର ଅଭାବ ପ୍ରତ୍ୟକ୍ଷ କରି ଅତ୍ୟନ୍ତ ଦୁଃଖିତ
ହୋଇ ଏହି ବିଦ୍ୟାଳୟ ସ୍ଥାପନର ପ୍ରସ୍ତାବ
କରନ୍ତେ ସେ ସମୟର କମିଶନର ଶ୍ରୀଯୁକ୍ତ ରେଭି-
ନ୍‌ଶା ସାହେବ ଯେଉଁ ଉତ୍କଳବନ୍ଧୁଙ୍କ ମଧ୍ୟରେ
ଅଗ୍ରଗଣ୍ୟ ଅଟନ୍ତି ଏବଂ ଯାହାଙ୍କ ଗୁଣ ଉତ୍କଳ-
ବାସିମାନେ କେବେହେଲେ ଭୁଲିଯାଇବେ ନାହିଁ
ଗବର୍ଣ୍ଣମେଣ୍ଟଙ୍କୁ ପ୍ରବର୍ତ୍ତାଇ ଏ ବିଦ୍ୟାଳୟ ସ୍ଥାପନ
କରାଇ ଏବଂ ଡାକ୍ତର ମହୋଦୟ ତହିଁରୁ
ସରକାରୀ ଏବଂ ଲୋକଙ୍କ କାର୍ଯ୍ୟରେ ଲାଗିଥିଲେ-
ହେଁ ଆପଣାର ଅଳ୍ପ ଅବସରକୁ ଦାନ ପାଇ-
ଶ୍ରମିକରେ ଶିକ୍ଷକତା ଏବଂ ପୁସ୍ତକପ୍ରକାଶ କା-
ର୍ଯ୍ୟରେ ନିଯୁକ୍ତ କରି ଏହି ବିଦ୍ୟାଳୟର
ଉଦ୍ଦେଶ୍ୟ ସଫଳ କଲେ । ତାହାଙ୍କ ପ୍ରସାଦରୁ
ଅନେକଗୁଡ଼ିଏ ଉତ୍କଳସନ୍ତାନ ଚିକିତ୍ସା ବିଦ୍ୟା
ଶିଖିକରି କେତେକ ସରକାରୀ କାର୍ଯ୍ୟ ଏବଂ
କେତେକ ସ୍ୱାଧୀନ ଚିକିତ୍ସା କରିବାଦ୍ୱାରା ଜୀବିକା
ନିର୍ବାହ କରୁଅଛନ୍ତି ଏବଂ ଇଂରାଜି ଚିକିତ୍ସା ଅତି
ଶୀଘ୍ର ପ୍ରଚଳିତ ସୁବିଧା ହେତୁ ଏ ପ୍ରଦେଶରେ
ବଢ଼ୁଅଛି । ସେହି ମେଡ଼ିକେଲ ସ୍କୁଲଦ୍ୱାରା ଓଡ଼ି-
ଶାର ଏତେ ଉପକାର ହେଉଅଛି ଯେ ଗବ-
ର୍ଣ୍ଣମେଣ୍ଟ ଏହି ତାହା ଉଠାଇଦେବାର ପ୍ରସ୍ତାବ
କରୁଅଛନ୍ତି କଣ ନାହିଁ କିନ୍ତୁ ଏ ପ୍ରସ୍ତାବକୁ
ଦୁଃଖୀ ଓଡ଼ିଶାବାସିମାନେ ସେ ବଜ୍ରପାତତୁଲ୍ୟ
ମଣୁଅଛନ୍ତି ଏଥିରେ ଅଣୁମାତ୍ର ସନ୍ଦେହ ନାହିଁ ।
ଓଡ଼ିଶାର ସମସ୍ତ ସମ୍ବାଦପତ୍ର ସମସ୍ୱରରେ ଏହି
ବିଦ୍ୟାଳୟକୁ ରକ୍ଷା କରିବା ନିମନ୍ତେ
ଗବର୍ଣ୍ଣମେଣ୍ଟଙ୍କୁ ଅନୁରୋଧ କରୁଅଛନ୍ତି ଏବଂ
ସାଧାରଣ ଲୋକେ ଅତ୍ୟନ୍ତ ବ୍ୟାକୁଳ ହୋଇ
ଆବେଦନ ପତ୍ରଦ୍ୱାରା ସେ ସେହି ପ୍ରାର୍ଥନା ଉପ-
ସ୍ଥିତ କରିବାକୁ ଚେଷ୍ଟା କରୁଅଛନ୍ତି । ଆମ୍ଭେ-
ମାନେ ଏକାନ୍ତ ଆଶା କରୁଁ ଯେ ଗବର୍ଣ୍ଣମେଣ୍ଟ
ଓଡ଼ିଶାବାସିଙ୍କର ଏହି ପ୍ରାର୍ଥନାପ୍ରତି ଯଥୋଚିତ
ମନୋଯୋଗୀ ହେବେ ଏବଂ ଏଠା ଚିକିତ୍ସା-
ବିଦ୍ୟାଳୟ ଉଠିଗଲେ ଓଡ଼ିଶାବାସିଙ୍କର ଯେ-
ଉଁ କ୍ଷତି ହେବ ତହିଁର ପୂର୍ବଚିନ୍ତା କରିବେ ।
ସହେତୁ ଏ ବିଦ୍ୟାଳୟ ଉଠାଇଦେବାର
ପ୍ରସଙ୍ଗ ସରକାରଙ୍କ କଳ୍ପନାରେ ଆସିଅଛି
ତାହା ନ ଥିବାରୁ ସେ ସମ୍ବନ୍ଧରେ ଆମ୍ଭେମାନେ
କିଛି କହିବାକୁ ଅକ୍ଷମ ମାତ୍ର ଏକଥା ନିଶ୍ଚୟ
ଯେ ଓଡ଼ିଶାବାସିମାନେ ଅନ୍ୟ ପ୍ରଦେଶକୁ ଯାଇ
ଶିକ୍ଷାଲାଭ କରିବାକୁ ସାହସୀ ନୋହନ୍ତି ତାହାନ୍ତ
ଏବଂ ଓଡ଼ିଶାବାସିଙ୍କର କଲିକତାପ୍ରବାସ ସ୍ତ୍ରୀଲୋକ
ଯିବା ଓ ସେଠାରେ ରହିବାର ଆଶାନୁରୂପ ସୁବି-
ଧା ହୋଇ ନାହିଁ ମଧ୍ୟ କେତେକ ସାମାଜିକ ପ୍ରତି-
ବନ୍ଧ ଅଛି । ଏଠା ବିଦ୍ୟାଳୟ ଉଠିଗଲେ
ଓଡ଼ିଆଙ୍କ ଶିକ୍ଷାର ଗୋଟିଏ ବାଟ ବନ୍ଦ ହେବ ।
ସରକାର ଜାଣିଶୁଣି ଏହା କରିବେ କି ?
ତାହା ପାଟନାପ୍ରଭୃତି ମେଡ଼ିକେଲସ୍କୁଲ ଅପେକ୍ଷା
କଟକ ମେଡ଼ିକେଲସ୍କୁଲରେ ଯଦ୍ୟପି ଅଳ୍ପ
ଛାତ୍ର ପଢ଼ନ୍ତି ମାତ୍ର ସେଥିରେ ଛାତ୍ରପ୍ରତି ସରକା-
ରଙ୍କ ବ୍ୟୟ ଅଧିକ ପଡ଼ୁ ନାହିଁ । ପ୍ରକୃତରେ
ଏଠା ବିଦ୍ୟାଳୟର ମୋଟ ବାର୍ଷିକ ବ୍ୟୟ
୬ ହଜାର ଟଙ୍କାରୁ ଅଧିକ ନୁହେ । ଅଥଚ
ଅନ୍ୟାନ୍ୟ ବିଦ୍ୟାଳୟର ବ୍ୟୟ ଏଥିର ଚତୁର୍ଗୁ-
ଣରୁ ଅଧିକ । ସୁତରାଂ ଏ ବିଦ୍ୟାଳୟ ଉଠି-
ଗଲେ ସରକାରଙ୍କର ବ୍ୟୟ ବିଶେଷ ଲାଘବ
ହେବ ନାହିଁ ମାତ୍ର ଏଠାଲୋକଙ୍କର ଅସୀମ
ଅସୁବିଧା ଓ କ୍ଷତି ହେବ । ବିଶେଷ ଭୂତପୂର୍ବ ଯେ
ମେଡ଼ିକେଲସ୍କୁଲମାନଙ୍କରେ ଯେ ପରିମାଣ
ଶିକ୍ଷା ବର୍ତ୍ତମାନ ଦିଆଯାଉଅଛି ତହିଁରୁ ଅଧିକ
ଶିକ୍ଷା ଦେବାର ଆବଶ୍ୟକ ହୋଇଅଛି । ଏଥି-
ପାଇଁ ସ୍କୁଲମାନଙ୍କର ବ୍ୟୟ ବୃଦ୍ଧିର ପ୍ରୟୋଜନ
ଏବଂ ସେହି ପ୍ରୟୋଜନୀୟ ଅର୍ଥ ସଂଗ୍ରହାର୍ଥେ
ଗୋଟିଏ ସ୍କୁଲ ଉଠାଇ ଦେବାର କଳ୍ପନା ହେଉ-
ଅଛି । ଯେବେ ଏ ଅନୁମାନ ସତ୍ୟ ହୁଏ
ତେବେ ମଧ୍ୟ ଏଠା ବିଦ୍ୟାଳୟକୁ ଉଠାଇଦେବା
ଯୁକ୍ତିସଙ୍ଗତ ହୋଇପାରେ ନ ପାରେ, କାରଣ
ଏଠାର ବ୍ୟୟ ଅତ୍ୟନ୍ତ ଊଣା ଏବଂ ଏହି ଅଳ୍ପ
ଟଙ୍କାଦ୍ୱାରା ଅନ୍ୟାନ୍ୟ ବିଦ୍ୟାଳୟର କେତେ ବ୍ୟୟ

Digitized by srujanika@gmail.com

Split by PDF Splitter



ଉପାୟେ ନିବାର୍ଯ୍ୟ ହେବ ନାହିଁ । ପକ୍ଷାନ୍ତରେ ସ୍ୱାସ୍ଥ୍ୟ ପ୍ରୟୋଜନପ୍ରତି ଦୃଷ୍ଟି ନ ରଖି କେବଳ ବ୍ୟୟ ହ୍ରାସ କରିବା ହିଁ ବାର ଗବର୍ଣ୍ଣମେଣ୍ଟଙ୍କର ସୁନାମ ବୋଲାଯାଇ ନ ପାରେ । ଅପର ଜନଗଣର ସ୍ୱାସ୍ଥ୍ୟ ବଢ଼ାଇବା ପାଇଁ ଜଣେ ଗରିବଙ୍କୁ ମାରିପକାଇବା ଠାରୁ ଯେଉଁ ସ୍ଥାନର ଲୋକ ଜନସାଧାରଣରେ ସୁଖରେ ରହିପାରେ ତାହା-ଠାରୁ ସାହାଯ୍ୟ କାଢ଼ିନେଇ ଗରିବଙ୍କୁ ଦେବା ଭଲ ବୋଲି ସମସ୍ତେ ସ୍ୱୀକାର କରିବେ । ବର୍ତ୍ତମାନ ସମସ୍ତ ବଙ୍ଗଦେଶରେ ୪ ସ୍ଥାନରେ ଚିକିତ୍ସାବିଦ୍ୟାଳୟ ଅଛି, ଯଥା ଶିଆଲଦା, ଢାକା, ପାଟନା ଓ କଟକ ଏଥିରୁ କଲିକତାରେ ଗୋଟିଏ ମେଡ଼ିକେଲ କଲେଜ ନାମରେ ଉଚ୍ଚ-ଚିକିତ୍ସା ବିଦ୍ୟାଳୟ ଅଛି ଏବଂ କଲିକତାର ଅବସ୍ଥା ବର୍ତ୍ତମାନ ଏମନ୍ତ ଉନ୍ନତ ହୋଇଅଛି ଏବଂ ଶିକ୍ଷାର ଆଦର ସେଠାରେ ଏତେ ଅଧିକ ହୋଇଅଛି ଯେ ସରକାର ସାହାଯ୍ୟ ନ କଲେ ସୁଦ୍ଧା ଯେମନ୍ତ ସାଧାରଣଶିକ୍ଷା ନିମନ୍ତେ ଅନେକ ସ୍କୁଲ ଓ କଲେଜ ସ୍ଥାପିତ ହୋଇଅଛି ଚିକିତ୍ସା-ସମ୍ବନ୍ଧେ ସେହିପରି ହୋଇପାରେ । ବାସ୍ତବରେ ବର୍ତ୍ତମାନ ସମୟରେ କଲିକତାରେ ଗୋଟିଏ ସ୍ୱାଧୀନ ମେଡ଼ିକେଲସ୍କୁଲ ଅଛି ମାତ୍ର ଅନ୍ୟ ତିନି ସ୍ଥାନରେ ସେପରି କିଛି ହୋଇ ନାହିଁ କମ୍ବା ଶୀଘ୍ର ହେବାର ସମ୍ଭବ ନୁହେଁ । ଅତଏବ ଯେବେ କୌଣସି ବିଦ୍ୟାଳୟରୁ ସରକାରଙ୍କ ସାହାଯ୍ୟ କାଢ଼ିନେବା ନିତାନ୍ତ ଆବଶ୍ୟକ ହୁଏ ତେବେ ଅସ୍ମାନଙ୍କର ଅଳ୍ପବୁଦ୍ଧିରେ ଏହିକଥା ସଙ୍ଗତ ବୋଧ ହେଉଅଛି କି କଲିକତାରେ ଗୋଟିଏ ସରକାରୀ ମେଡ଼ିକେଲ କଲେଜ ଏବଂ ଗୋଟିଏ ସ୍ୱାଧୀନ ମେଡ଼ିକେଲ ସ୍କୁଲ ବର୍ତ୍ତମାନ ଥିବାସ୍ଥଳେ ସେହି ନଗର ଅନ୍ତଃପାତି ଶିଆଲଦା ସ୍କୁଲକୁ ଉଠାଇ ଦିଆଯାଇ ପାରେ । ଏହି ବିଦ୍ୟାଳୟର ସରକାରୀ ବ୍ୟୟ ସର୍ବାପେକ୍ଷା ଅଧିକ ଅର୍ଥାତ୍ ବାର୍ଷିକ ଅଧଲକ୍ଷ ଟଙ୍କା । ଏହି ଟଙ୍କାରେ ଅପର ତିନିସ୍କୁଲର ବାର୍ଷିକ ପ୍ରବୃତ୍ତିସାଧନ ହୋଇ ବରଂ କିଛିଟଙ୍କା ଉଦ୍ବର୍ତ୍ତ ହୋଇପାରେ ଅତଏବ ଏଥିରେ ବିଶେଷ କ୍ଷତି ହେବାର ଆଶଙ୍କା ଆଦୌ ନାହିଁ । ପକ୍ଷାନ୍ତରେ ଢାକା ବା ପାଟନା କିମ୍ବା କଟକ ମେଡ଼ିକେଲ ସ୍କୁଲ ଉଠିଗଲେ ସେସବୁ ଅଞ୍ଚଳର ସମୂହ କ୍ଷତି ଏବଂ ସରକାରଙ୍କର ତାଦୃଶ ଲାଭ ନାହିଁ । ଚିକିତ୍ସାବିଦ୍ୟାଳୟ ସମ୍ବନ୍ଧରେ ବର୍ତ୍ତମାନ ଯେଉଁ କମିଟି ବସିଅଛି ତହିଁର ସୁଯୋଗ୍ୟ ମେମ୍ବର-ମାନେ ଏସବୁ ବିଷୟ ଉତ୍ତମରୂପେ ବିବେଚନା କରିବେ ଏହା ଅସ୍ମାନଙ୍କର ଦୃଢ଼ ବିଶ୍ୱାସ ଏବଂ ଅସ୍ମେମାନେ ବିନୀତଭାବରେ ସେମାନଙ୍କର ଅନୁକୂଳ ନିଷ୍ପତ୍ତି ପ୍ରାର୍ଥନା କରୁଅଛୁଁ ।

---

### ବଙ୍ଗୀୟ ମିଉନିସିପାଲିଟୀମାନଙ୍କର ସନ ୧୮୯୨।୯୩ ସାଲର କାର୍ଯ୍ୟବିବରଣ ।

ବଙ୍ଗପ୍ରଦେଶରେ ସର୍ବସୁଦ୍ଧା ୧୪୬ ମିଉନିସିପାଲିଟୀ ଅଛି ଏ ସମସ୍ତର ଲୋକସଂଖ୍ୟା ନ ୨୬୩୧୮୨ ଣ ଏବଂ ତହିଁ ମଧ୍ୟରେ ଟିକସଦାତାଙ୍କ ସଂଖ୍ୟା ନ ୪୬୪୮୦୦ ଣ ଅର୍ଥାତ୍ ଶତକଡ଼ା ନ ୧୭ ଣ । ମାତ୍ର ଟିକସଦାତାଙ୍କ ହାରାହାରି ସଂଖ୍ୟା ମଧ୍ୟରେ ବହୁତ ପ୍ରଭେଦ ଦେଖାଯାଏ । ଯଥା; ନବଅଭିଜ୍ଞାର ସାରନଗର ମିଉନିସିପାଲିଟୀର ଟିକସଦାତାଙ୍କ ସଂଖ୍ୟା ଶତକଡ଼ା ପ୍ରାୟ ନ ୬୪ ଣ କିନ୍ତୁ କଟକ ମିଉନିସିପାଲିଟୀରେ ନ ୮ ଣରୁ ଅଧିକ ନୁହଇ । କଟକଠାରୁ କେନ୍ଦ୍ରାପଡ଼ା ଓ ଯାଜପୁରରେ ଟିକସଦାତାଙ୍କର ଶତକଡ଼ା ଦ୍ୱିଗୁଣ ହେବାର ଦେଖି ଓଡ଼ିଶାକମିଶନର କହୁଅଛନ୍ତି ଶେଷଲିଖିତ ଦୁଇ ମିଉନିସିପାଲିଟୀଠାରୁ ଦରିଦ୍ରଙ୍କ ଅନୁପାତ କଟକରେ ଅଧିକ ହେବା ସମ୍ଭବ ନୁହଇ ଏବଂ ଏହି ଅସମତା ହେତୁ ମାନ୍ୟବର ଛୋଟଲାଟ ବିବେଚନା କରନ୍ତି ଯେ ଅନେକ ନଗରରେ ଟିକସ ଦେବା ଯୋଗ୍ୟ ଅନେକ ଲୋକ ଛାଡ଼ ପାଇଅଛନ୍ତି ।

ଉପରଲିଖିତ ୧୪୬ ମିଉନିସିପାଲିଟୀରେ ସର୍ବସୁଦ୍ଧା ୨୧୩୯ କମିଶନର ଅଛନ୍ତି । ଏମାନଙ୍କମଧ୍ୟରେ ଶତକଡ଼ା ନ ୯୬ ଣ ଇଂରାଜ ଏବଂ ଆଉ ସମସ୍ତେ ଦେଶୀୟ ଲୋକ । ବ୍ୟବସାୟ ଅନୁସାରେ ଶତକଡ଼ା ନ ୧୭ ଣ ସରକାରୀ କର୍ମଚାରୀ ନ ୨୨ ଣ ଜମିଦାର ନ ୨୩ ଣ ଓକିଲ ମୁକ୍ତାର ଏବଂ ନ ୧୨ ଣ ସାହୁମହାଜନ ଅଟନ୍ତି । କମିଶନରମାନଙ୍କ ଅଧିବେଶନ ଏବଂ ଉପସ୍ଥିତ ସଂଖ୍ୟା ଗତବର୍ଷଠାରୁ ଭଲ ଅଟେ ଏବଂ ଅଳ୍ପସ୍ଥଳରେ ମାସରେ ଏକଅଧିବେଶନରୁ ଊଣା ହୋଇଥିଲା । ନିର୍ବାଚନପ୍ରଥା ଅଳ୍ପ ମିଉନିସିପାଲିଟୀରେ ପ୍ରଚଳିତ ଅଛି ମାତ୍ର ଛୋଟଲାଟ ଆଶା କରନ୍ତି ଯେ ଏ ପ୍ରଥା ବୃଦ୍ଧି ହେବା ଉଚିତ ।

ମିଉନିସିପଲ ଟିକସ ବନ୍ଦୋବସ୍ତ କାର୍ଯ୍ୟରେ ଗବର୍ଣ୍ଣମେଣ୍ଟ ସନ୍ତୁଷ୍ଟ ଥିବାର ପ୍ରକାଶ ପାଉ ନାହିଁ । ହାରାହାରିରେ ଜଣପ୍ରତି ଟ ୦।୪ ଟିକସ ଧାର୍ଯ୍ୟ ହୋଇଅଛି । ୩୨ ମିଉନିସିପାଲିଟୀରେ ଜଣପ୍ରତି ଏକ ଟଙ୍କାରୁ ଅଧିକ ଏବଂ ୨୩ ମିଉନିସିପାଲିଟୀରେ ଅଠଅଣାରୁ ଊଣା ପଡ଼ିଅଛି । ଓଡ଼ିଶା ମଧ୍ୟରେ କଟକରେ ଜଣପ୍ରତି ଟ ୦।୫।୧୧ ପୁରୀରେ ଟ ୦।୪।୧ ଓ ବାଲେଶ୍ୱରରେ ଟ ୦।୨ ଟିକସ ପଡ଼ିଅଛି । ଗବର୍ଣ୍ଣମେଣ୍ଟଙ୍କର ଧାରଣା ଯେ ଟିକସଧାର୍ଯ୍ୟ କରିବାକାରଣ ଖାସ ଜଣେ ଅଫିସର ନିଯୁକ୍ତ ନ ହେଲେ କାର୍ଯ୍ୟ ଭଲ ହେବ ନାହିଁ ଏବଂ ଟିକସ ବୃଦ୍ଧି ନ ହେଲେ ଉନ୍ନତିସାଧକକାର୍ଯ୍ୟମାନ ହୋଇପାରିବ ନାହିଁ । ମାତ୍ର ଅସ୍ମାନଙ୍କର ବିଶ୍ୱାସ ହେଉଅଛି ଯେ ଖାସ ଜଣେ ଅଫିସର ହେଲେ ସେ ଆପଣା କାର୍ଯ୍ୟଦକ୍ଷତା ଦେଖାଇବା ସକାଶେ କଡ଼ାବନ୍ଦୋବସ୍ତ କରି ଗଲେ କମିଶନରମାନେ ତାହା ଉଶୁଲ କରିପାରିବେ ନାହିଁ ଏବଂ ଲୋକଙ୍କ ଉପରେ ଅତ୍ୟାଚାର ହେବ । ବନ୍ଦୋବସ୍ତ ଏବଂ ଉଶୁଲ ଏକହାତରେ ରହିଲେ ଦାୟିତ୍ୱର ନିଷ୍ପତ୍ତି ରହିବ । ଓ୍ୱାସିଲବାକି କାଗଜରୁ ପ୍ରକାଶ ଯେ ହାଲ ବର୍ଷରେ ମୋଟ ୨୬ ଲକ୍ଷ ୭୩ ହଜାର ଟଙ୍କା ମଧ୍ୟରୁ ୨୧ ଲକ୍ଷ ୨୫ ହଜାର ଟଙ୍କା ଉଶୁଲ ଏବଂ ୧ ଲକ୍ଷ ୨୨ ହଜାର ଟଙ୍କା ଛାଡ଼ ହୋଇଅଛି । କେବଳ ୨୦ ମିଉନିସିପାଲିଟୀ (ଏଥିମଧ୍ୟରେ କେନ୍ଦ୍ରାପଡ଼ା ଅଛି) ଶତକଡ଼ା ଟ ୯୨୧ କାରୁ ଅଧିକ ଉଶୁଲ କରିଅଛି ଏବଂ ଶତକଡ଼ା ଏକଟଙ୍କାରୁ ଅଧିକ ଛାଡ଼ ଦେଇ ନାହିଁ । ପକ୍ଷାନ୍ତରେ ପୁରୀ ଓ ବାଲେଶ୍ୱରସହିତ ୧୨ ମିଉନିସିପାଲିଟୀରେ ଶତକଡ଼ା ଟ ୧୦ କାରୁ ଅଧିକ ଛାଡ଼ ଦିଆଯାଇଅଛି । ଏତେଅଧିକ ଛାଡ଼ ଦେବା ନିତାନ୍ତ ଅସଙ୍ଗତ ଏବଂ ଏଥିରୁ ଜଣାଯାଏ ଯେ ଜମାବନ୍ଦି କାର୍ଯ୍ୟ ମନ୍ଦ ଅଟେ ଅଥବା ଉଶୁଲକାର୍ଯ୍ୟରେ ତ୍ରୁଟି ହୋଇଅଛି । ଯାହା ହେଉ ଗତବର୍ଷଠାରୁ ଏବର୍ଷର ଉଶୁଲକାର୍ଯ୍ୟ କିଛି ଭଲ ହୋଇଥିଲେହେଁ ସନ୍ତୋଷଜନକ ବୋଲାଯାଇ ନ ପାରେ । ମାନ୍ୟବର ଛୋଟଲାଟ ଜିଲ୍ଲା ହାକିମଙ୍କୁ ଏ ବିଷୟ ମନୋଯୋଗପୂର୍ବକ ଦେଖିବାକୁ ଲେଖିଅଛନ୍ତି ।

ବର୍ଣ୍ଣିତ ବର୍ଷର ସମସ୍ତ ଆୟ ୩୧ ଲକ୍ଷ ୪୩ ହଜାର ଓ ବ୍ୟୟ ୩୧ ଲକ୍ଷ ୨୧ ହଜାର ଟଙ୍କା ଅଟଇ କିନ୍ତୁ ତହବିଲ ବାକି ବର୍ଷାରମ୍ଭରେ ୩ ଲକ୍ଷ ୭୦ ହଜାର ଟଙ୍କା ଥିବା ପ୍ରଯୁକ୍ତେ ବର୍ଷ ଶେଷରେ ୪ ଲକ୍ଷ ୧୯ ହଜାର ଟଙ୍କା ହୋଇଅଛି ଶତକଡ଼ା ଟ ୧୦୯ କାରୁ ଅଧିକ ତହବିଲରେ ରଖିବା ଉଚିତ ନୁହଇ ବୋଲି

Digitized by srujanika@gmail.com

ମାନ୍ୟବର ଲେଷ୍ଟଲାଟ ଉପଦେଶ ଦେଇଅଛନ୍ତି ମାତ୍ର ଆୟ ଓ ବ୍ୟୟ ଉଭୟ ଗତବର୍ଷଠାରୁ ଅଧିକ ହେବାରୁ ସେ ସନ୍ତୋଷ ପ୍ରକାଶ କରିଅଛନ୍ତି । ଆୟ ବ୍ୟୟର ଉନ୍ନତି ମୂଳସମ୍ବନ୍ଧରେ ଲେଷ୍ଟଲାଟ ବାହାଦୂର ଅନେକ ଉପଦେଶ ଦେଇଅଛନ୍ତି । ତାହା ସବୁ ବିସ୍ତାରିତରୂପେ ଲେଖିବାର ସ୍ଥାନ ନାହିଁ । ଭରସା କରୁଁ ମ୍ୟୁନିସିପାଲ କମିଶନରମାନେ ଆପଣା ଅଫିସରେ ତାହା ପାଠ କରି ଅଭିଜ୍ଞତା ଲାଭ କରିବେ ।

ବଙ୍ଗୀୟ କମିଶନରମାନଙ୍କମଧ୍ୟରୁ କେହି ମ୍ୟୁନିସିପାଲିଟୀର କାର୍ଯ୍ୟର ଅନୁକୂଳରେ ଏବଂ କେହି ପ୍ରତିକୂଳରେ ମତ ପ୍ରକାଶ କରିଅଛନ୍ତି । ମାନ୍ୟବର ଲେଷ୍ଟଲାଟ ତାହା ସବୁ ପାଠ କରି କହିଅଛନ୍ତି ଯେ ବଙ୍ଗୀୟ ମ୍ୟୁନିସିପାଲିଟୀସମୂହର କାର୍ଯ୍ୟସମ୍ବନ୍ଧରେ ଯେଉଁ ବିବରଣ ପ୍ରକାଶିତ ହୋଇଅଛି ତହିଁରେ ତାହାଙ୍କର ଅସନ୍ତୋଷଭାବ କିଛି ମାତ୍ର ଜାତ ହୋଇ ନାହିଁ କାରଣ ସେ ସ୍ପଷ୍ଟ ଦେଖୁଅଛନ୍ତି କି ଯଦ୍ୟପି କୌଣସି ମ୍ୟୁନିସିପାଲିଟୀର କାର୍ଯ୍ୟନିର୍ବାହ ଗବର୍ଣ୍ଣମେଣ୍ଟଙ୍କ ନିର୍ଦ୍ଧାରିତ ମାପକୁ ଆସି ନାହିଁ ମାତ୍ର ଅନେକପ୍ରକାରରେ ଉନ୍ନତିର ଚେଷ୍ଟା ଦେଖାଯାଉଅଛି ଏବଂ କେତେକସ୍ଥଳରେ ପ୍ରଶଂସନୀୟ ଫଳଲାଭ ହୋଇଅଛି । ସହରସଫାଇ ପାଣିମାହାର ଚିକିତ୍ସା ଏବଂ ପ୍ରାଥମିକ ଶିକ୍ଷାରେ ପୂର୍ବଠାରୁ ଅଧିକ ଏବଂ ସଡ଼କ ଓ ଅମଲ ଖର୍ଚ୍ଚ ଗଣା ହୋଇଅଛି । କେବଳ ଟିକସଆଦାୟ ଏବଂ ସ୍କୁଲକାର୍ଯ୍ୟରେ ତ୍ରୁଟି ଦେଖାଯାଏ ମାତ୍ର ସମୟ ଏବଂ ଶିକ୍ଷାଦ୍ୱାରା ସେ ତ୍ରୁଟିମାନ ସଂଶୋଧିତ ହେବ ଏବଂ ସେ ଆଶା କରନ୍ତି ଯେ ବର୍ଷକୁ ବର୍ଷ କିଛି ଉନ୍ନତି ଦେଖିବେ ।

## ସାପ୍ତାହିକ ସମ୍ବାଦ ।

ବର୍ତ୍ତମାନ ମହାରାଜାଙ୍କର ମ୍ୟାନେଜର ରାଜା ବନବିହାରୀ କାପୁର ଏ ସହର ଜମିଦାର ସଭେଗମାନ ପରିଦର୍ଶନ କରି ଫେରି ଯାଇଅଛନ୍ତି ।

### କଲିକତା-ଗେଜେଟ ।

ସ୍ପେଷ୍ଟ୍ରେଣ୍ଟୀ କଲେକ୍ଟର ବାବୁ ରାଧାନାଥ ଘୋଷ ବୋର୍ଡ ଇନ୍ସପେକ୍ଟର ଜସ୍‌ପୁର ଗବର୍ଣ୍ଣମେଣ୍ଟ ମାହାଲର କର୍ପୋରେସ୍ ମ୍ୟାନେଜର ପଦରେ ନିଯୁକ୍ତ ହୋଇଅଛନ୍ତି ।

ପୁରୀ ମିଉନିସିପାଲିଟୀର ସାଧାରଣ ନିର୍ବାଚନ ଆଗାମୀ ମାର୍ଚ୍ଚମାସ ତା ୧୧ ରିଖ ଧାର୍ଯ୍ୟ ହୋଇ ଅଛି ।

ରଥସିଙ୍ଗାପୁର ଠାରୁ ଅବିଦିତ ସମ୍ବାଦରୁ ପ୍ରକାଶ ଯେ ସେଠାରେ ବୃଷ୍ଟି ଓ ତଳ ବୃକ୍ଷ ଉପରେ ଅମଦାର ମାନ୍ଦିର ନଷ୍ଟ ହୋଇ ଅଛି ।

ଷେଡ଼ବାଙ୍କ ପ୍ରତିଷ୍ଠାନଙ୍କ ପ୍ରଶଂସା କରିବା ଓ ସୁବ କଲୋଗଳ ଲାଗି ସେକ୍ରେଟେରିଙ୍କି ବଦଳାଇ କରିବା କାରଣ ଇଂରେଜଗବର୍ଣ୍ଣମେଣ୍ଟ ଯେଉଁ ଆଦେଶ କରିଥିଲେ ତାହା ପାଳନ କରିବାକୁ ଷେଡ଼ବ ପ୍ରସ୍ତୁତ ହୋଇ ତଦନୁଯାୟୀ ଆଦେଶ ପ୍ରଚାର କରି ଅଛନ୍ତି । ସୁବ ବଙ୍ଗଳା ଲାଗି ସେକ୍ରେଟେରିଙ୍କି ଷେଡ଼ବ ଅନ୍ୟତ୍ର କାର୍ଯ୍ୟ ଦେବେ ।

ବୁଝନୁଶ ଫରାସିସ୍ ଲୋକେ ବ୍ରହ୍ମଦେଶର ନାନା ସ୍ଥାନରେ ଭ୍ରମଣ କରି ବ୍ରହ୍ମସୀମାର ବଡ଼ ଜଙ୍ଗଲ ଓ ଘେନାଉଁବାସର ପୂର୍ଣ୍ଣ ନକ୍ସା ନେଇ ଯାଇଅଛନ୍ତି ସମ୍ବାଦ ମିଳିଲା । ଏମାନେ ସାଧାରଣ ଲୋକ ପ୍ରାୟ ଲୁଗା ପିନ୍ଧି ଥିବାରୁ ହଠାତ୍ ଧରାପଡ଼ିଲେ ନାହିଁ ।

କାମରୂପ ଜିଲ୍ଲାର ରଙ୍ଗିଆ ତହସିଲ କଚେରି ଲୋକମାନ ଭୂମିମାନେ ଖଜଣା ଅଧିକ ନ କରିବାକୁ ତାହା ଅଧିକସଂଖ୍ୟାଶେ ସେଠା ପ୍ରେରିତ ହୋଇଥିଲେ । ମାତ୍ର ତହିଁରେ କିଛି ଫଳ ନ ହେବାରୁ ସ୍ୱୟଂ ଡେପୁଟୀ କମିଶନର ସାହେବ ପୁଲିସ ସାହେବ ଓ ସୁବାଦଳ ନେଇ ସେଠାରେ ପହଞ୍ଚିଲେ । ଭୂମିମାନେ ସାହେବଙ୍କ ଦେଖିଲେ ଏବଂ ଉତ୍ତେଜିତ ହୋଇ ଲୁଟିନେଲେ । ସେମାନଙ୍କ ମଧ୍ୟରୁ କେତେକ ଲୋକଙ୍କ ସାହେବ ଧରିନେଲେ ଏବଂ ପ୍ରାୟ ପଚାଶଜଣ ଲୋକ ତାଙ୍କ ଘେରିଯାଇ ଧୃତଲୋକଙ୍କ ଉଦ୍ଧାର କରିବାର ଚେଷ୍ଟା କଲେ । ସାହେବଙ୍କ ଉପରେ ଟେକା ନିକ୍ଷେପ ମଧ୍ୟ ହୋଇଯାଇ ଥିବାର କଥିତ ହୁଏ ।

ମାନ୍ଦ୍ରାଜର ନଗର ବାହାରର ନାଇନ ସାହେବଙ୍କ ନାମରେ ସୁନ୍ଦର ସାହେବ ତାଙ୍କ ସ୍ତ୍ରୀ ସହିତ ବାହାରର ଦରୋଧ ସହବାସ କରିଥିବାର ଅଭିଯୋଗ ଆଣି ଅଛନ୍ତି । ମାନ୍ଦ୍ରାଜର ପ୍ରଧାନ ପ୍ରେସିଡେନ୍ସି ମେଜିଷ୍ଟ୍ରେଟଙ୍କ ଅଦାଲତରେ ଏ ମୋକଦ୍ଦମା ବିଚାରାଧୀନ ଅଛି ଓ ବାରିଷ୍ଟରଙ୍କ ନାମରେ ସମନ ଜାରି ହୋଇଅଛି ।

କଥିତ ହୁଏ ଯେ ପାନୀଭ ଶେଷ ଲୁଧିଆ ଓ ରାଜ ମଧ୍ୟରେ ସଡ଼କ ପ୍ରାଣଦଣ୍ଡ ହୋଇ ଯାଇ ଅଛି । ସନ୍ଧିପତ୍ର ଅନୁସାରୀ ତୀନ ନଉପେଶ ହୋଇ ରହିବାର ସ୍ଥିର ହୋଇଅଛି ।

ଲାହୋର ଠାରୁ ସମ୍ବାଦ ମିଳିଲା ଯେ ଗର୍ତ୍ତାଙ୍ଗି ଜିଲ୍ଲାରେ ଜ ୧୧ ଣ ପଠାଣ କୋ ୨୦ ଟା ଘୋଡ଼ା ବନ୍ଧୁକ ସହିତ ଧୃତ ହୋଇ ଅଛନ୍ତି । ଏମାନଙ୍କ ନାମରେ ମୋକଦ୍ଦମା ଶୀଘ୍ର ଠାରେ ବିଚାରିତ ହେବ ।

### ଉଡ଼ିଶ୍ୟା-ସମ୍ବାଦ ।

ଗତମାସରେ ଏହିବର୍ଷର ବନ୍ଦୋବସ୍ତ ମୌଜାଷ୍ଟି ଗୋଟିଏ ତୋମସାହି ଅଞ୍ଚାଳ ୪୦ ସନ ହେଲ ଅର୍ଦ୍ଧ ଭାଗ ସମ୍ପୂର୍ଣ୍ଣ ହୋଇଯାଇ ଅଛି । ମନୁଷ୍ୟ ଓ ପଶୁମାନଙ୍କ ବାସର ପରିକରଣ ତ୍ରୁଟିର କଥାମାତ୍ର ନାହିଁ । ସେମାନେ ଅତିଶୟ ଦୁଃଖୀ ଅର୍ଥାତ୍ ବୃଦ୍ଧ ବାଳିଶ ସିନ୍ଧୁ କରିବାବାକୁ ଆପଣାଙ୍କ ଲାଭକାଳବାତ କରନ୍ତି । ସେମାନଙ୍କର କଷ୍ଟ ଦେଖି ମହାରାଜ ମହୋଦୟ ସେମାନଙ୍କପ୍ରତି କୃପାକଟାକ୍ଷ ନିକ୍ଷେପପୂର୍ବକ ପୁନଃପ୍ରସୂତ କଳସମୂହ ଅପ୍ରୋଜନ କରିଲ ସଜକୋଷରୁ କେତେକ ଟଙ୍କା ସାହାଯ୍ୟ କରିଅଛନ୍ତି ।

ଏହିବର୍ଷରେ ମହାରାଜାଙ୍କର କେତେକ ଧାନଅମାର ଅବସ୍ଥାପିତ ଅଛି । ଉକ୍ତ ଅମାରମାନଙ୍କରୁ ପ୍ରଜାମାନେ ବେଠି ହିସାବରେ ଅନେକଙ୍କରୁ ଧାନ ବାଦ କରିଥିଲେ ବନ୍ଧୁ ପ୍ରତିବର୍ଷ ଫସଲର ଅବସ୍ଥା ଅତିବ ଶୋଚନୀୟ ହେବାରୁ ଅଦାୟପକ୍ଷେ ସେମାନଙ୍କର ଉଦ୍ଧାର ମନସ୍ଥାତ ସନ୍ଥିଥିଲେ । ଏବଂ ପ୍ରଜାଠାରେ ଲ ୫୦ ବା ୧୦୦ ଗଣ ବାକି ହେବାରୁ ମହାରାଜାଙ୍କ ଆଦେଶ ହୋଇଅଛି ଯେ ପ୍ରଜାମାନେ ଯାହା ହିସାବରେ ଦାଖଲ କରିବେ । ଏବଂ ପ୍ରଜାମାନଙ୍କ ସୁବିଧା ବଢ଼େଇବାରେ କେହି କେହି ମୂଲେ ଦାଖଲ କରିବେ ଓ କେହି ଅସଲରୁ ଅର୍ଦ୍ଧେକ ଛାଡ଼ ପାଇବେ ।

ଗତମାସ ତା ୩୦ ରିଖରେ ଗଞ୍ଜାମର ସୁପରିଣ୍ଟେଣ୍ଡେଣ୍ଟ ସାହେବ ମହୋଦୟ ଏ ନଗର ପରିଦର୍ଶନ କରିବାକୁ ଶୁଭଗମନ କରିଥିଲେ । ସାହେବ ମହୋଦୟଙ୍କ ଉପସ୍ଥିତ ସମୟରେ ତୋ ୧୦ ଟି ତୋପଧ୍ୱନି ହୋଇଥିଲା ଏବଂ ମହାରାଜା ମହୋଦୟଙ୍କ ହିଂଚୁ କଚେରୀଠାରୁ ଅର୍ଦ୍ଧମାଇଲପର୍ଯ୍ୟନ୍ତ ରାସ୍ତାର ଦୁଇପାର୍ଶ୍ୱରେ ପତାକାଇତ୍ୟାଦି ଶୋଭିତ ହୋଇ ତୁଲଗୋଟି ଫାଟକ ସୁସଜ୍ଜିତ ହୋଇଥିଲା । ସାହେବ ମହୋଦୟ ଉକ୍ତଦିବସ ରାତ୍ର ଆଠଘଣ୍ଟା ସମୟରେ ପ୍ରକାଶ୍ୟ ପରିଦର୍ଶନକୁ ଯାତ୍ରା କରିଥିଲେ । ସେହିଦିନ ସନ୍ଧ୍ୟା ସାତ ଘଣ୍ଟାଠାରୁ ରାତ୍ର ୧୦ ଘଣ୍ଟାପର୍ଯ୍ୟନ୍ତ ତେଲସନ୍ଧିରାଇତ୍ୟାଦିଦ୍ୱାରା ଗୋଟିଏ ମହୋତ୍ସବ ହୋଇଥିଲା । ତହିଁ ଆରଦିନ ସାହେବ ମହୋଦୟ ଏଠା କଚେରି, ସ୍କୁଲ, ଜେଲଖାନା ଇତ୍ୟାଦି ପରିଦର୍ଶନ କରିଥିଲେ । ଶୁଣାଯାଇ ସାହେବ ମହୋଦୟ ମହାରାଜାଙ୍କର କାର୍ଯ୍ୟପ୍ରଣାଳୀ ଦର୍ଶନରେ ସନ୍ତୁଷ୍ଟ ଜାହାନ୍ତି ।

### ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ
ସମୀପେଷୁ ।

ମହାଶୟ !

ଅପଣଙ୍କର ଜଗଦ୍‌ବିଖ୍ୟାତ ଦୀପିକାର ଏକପାର୍ଶ୍ୱରେ ଏ ପତ୍ରଟିକୁ ସ୍ଥାନ ଦାନ କରି ବିଶେଷ ବାଧିତ କରିବା ହେବ ।

ଅମ୍ଭର ଜ୍ୟେଷ୍ଠ ଗତ କାର୍ତ୍ତିକର ଅର୍ଥାତ୍ ପଠା ଏବଂ ନିଉମୋନିୟା ଓ ଅନ୍ୟାନ୍ୟ ରୋଗରେ ବିଶେଷରୂପେ ଆକ୍ରାନ୍ତ ହୋଇ ଅତିଶୟ ଶୋଚନୀୟ ଅବସ୍ଥାରେ ଥିଲେ । ଆମ୍ଭେମାନେ ତାହାଙ୍କର ଆରୋଗ୍ୟ ହେବାର ଆଶା ସମ୍ପୂର୍ଣ୍ଣରୂପେ ତ୍ୟାଗ କରି ବସିଥିଲୁଁ । ଏପର୍ଯ୍ୟନ୍ତ ଯେ ଯେପରି ଲୋକର ମୃତ ଅବସ୍ଥାରେ ବିଧି ଅନୁସାରେ କୋଷଳ ମଧ୍ୟ ପଢ଼ାଯାଏ ତାହା ମଧ୍ୟ ହୋଇଯାଇଥିଲା । ମାତ୍ର ବରସିବକାର ନିବାସୀ ଡାକ୍ତର ଯନ୍ତ୍ରଗୁହୀନ ଖାଁଙ୍କୁ ଅମ୍ଭେ ଡକାଇଥିବାରୁ ପୁଣି କେବଳ ଶେଷ ଅବସ୍ଥାରେ ମନ ବୁଝାଇବା ନିମନ୍ତେ ଡାକିଲୁଁ । ସେ ଈଶ୍ୱର ପ୍ରେରିତ ପରି ତାହାଙ୍କ କୃପାରୁ ଅପଣାର ଅବ୍ୟର୍ଥ ଚିକିତ୍ସାଦ୍ୱାରା ତାଙ୍କୁ ଜୀବଦାନ ଦେଇ ଆମ୍ଭମାନଙ୍କୁ ଚିରଋଣୀ କରିଅଛନ୍ତି । ସେହେତୁ ଅମ୍ଭମାନଙ୍କ ପରି ଲୋକ ଅର୍ଥ ଦାନଦ୍ୱାରା କେବେହେଁ ଉକ୍ତ ମହାଶୟଙ୍କର କୌଣସି ଉପକାର ସାଧନ କରି ପାରିବେ ନାହିଁ,

Split by PDF Splitter
Digitized by srujanika@gmail.com

Split by PDF Splitter



ତାହାଙ୍କର ଗୁଣ ସର୍ବସାଧାରଣଙ୍କରେ ପ୍ରକାଶ-ନ କରି ରହି ପାରିଲୁଁ ନାହିଁ । ସେ ଯେ ଅମୃତ-ହସ୍ତା ଏଥିରେ ଅଣୁମାତ୍ର ସନ୍ଦେହ ନାହିଁ । ମୋହୋର ସର୍ବସାଧାରଣଙ୍କୁ ବିନୀତ ନିବେଦନ ଏହିକି ଯେ ସେମାନେ ଅବଶ୍ୟକମତେ ଥରେ୵ ଉକ୍ତ ମହାଶୟଙ୍କଦ୍ୱାର ଚିକିତ୍ସିତ ହେଲେ ମୋହୋର ଆଶା ପୂର୍ଣ୍ଣ ହେବ ଓ ଗୁଣିଲୋକର ଆଦର ବୃଦ୍ଧି ହେବ ।

ଆପଣଙ୍କର

କଟକ } ବଶମ୍ବଦ
ହାଜି ଜୁସଫ ଅବା
ବକ୍ସିବଜାର } ଫର୍ମ ହାଜି ଯାଫର ପ୍ରଭା

---

ମହାଶୟ !

ନିମ୍ନ ଲିଖିତ ପ୍ରସ୍ତାବଟି ଅନୁଗ୍ରହ ପୂର୍ବକ ସଂଶୋଧନାନ୍ତେ ଭବଦୀୟ ପତ୍ରିକାପାର୍ଶ୍ୱେ ସ୍ଥାନ-ଦାନେ ଜନସମାଜର ଉପକାର ସାଧନ କରିବା ହେବେ ।

ଏ ବର୍ଷ ଅତ୍ରସ୍ଥ କାଠଯୋଡ଼ୀ ନଦୀରେ ପାଣି ଅତିଅଳ୍ପ ପରିମାଣରେ ଅଛି ଯାହା ଅଛି ତାହା ମଧ୍ୟ ଖରାଦିନରେ ଥିବାର ଦେଖାଯାଉ ନାହିଁ ଦିନକୁଦିନ କମି ହେଉଅଛି ଅତକାଳ ଯାହା ଅଛି ଏଥିରେ ମଧ୍ୟ ଲୋକଙ୍କର ଅବଗାହନ କରିବାର ନିତାନ୍ତ କଷ୍ଟ ହେଉଅଛି । ନଦୀର ଯେପରି ଅବସ୍ଥା ଦେଖାଯାଉଅଛି ଏଥିରୁ ବୋଧ ହୁଏ ଖରାଦିନରେ ସହରସ୍ଥ କୂପମାନ-ଙ୍କରେ ମୁଦ୍ଧା ବିଶେଷ ପାଣି ଥିବାର ସମ୍ଭାବନା ନୁହେ । ବୈଶାଖ ଜ୍ୟେଷ୍ଠମାସରେ ନଗରବାସୀ ଜନସାଧାରଣଙ୍କର ଜଳ ଅଭାବରୁ ଯେ କଷ୍ଟ ହେବ ତାହା କହିବା ବାହୁଲ୍ୟ । ପାଣି ପ୍ରାଣି-ମାନଙ୍କର ଜୀବନ ସ୍ୱରୂପ ଏହେତୁରୁ ପାଣି ଜୀବନ ଶବ୍ଦରେ ବାଚ୍ୟ ହୋଇଅଛି । ଏହି ଜୀବନର ଜୀବନ ଯେବେ ଖରାଦିନରେ ଯଥେଷ୍ଟ-ରୂପେ ନ ଥାଏ ତେବେ ଲୋକଙ୍କର ଜୀବନ-ରକ୍ଷାର ଅନ୍ୟ ଉପାୟ ନାହିଁ ବୋଲିଲେ ଅତ୍ୟୁକ୍ତି ହୁଏ ନା, ବିଶେଷତଃ ଗଭୀର ପାଣି ନ ହେଲେ ମନୁଷ୍ୟଙ୍କର ଗାଧୋଇ ତୃପ୍ତି ବୋଧ ହୁଏ ନା ମଧ୍ୟ ସ୍ୱାସ୍ଥ୍ୟର ଅନିଷ୍ଟ କରେ କିନ୍ତୁ କାଠଯୋଡ଼ୀ ଏଥର ଯେଉଁ ସମୟରେ ଜଳଶୂନ୍ୟରୂପେ ଦଶା ହେବେ ତାହା ବର୍ତ୍ତମାନ ଲକ୍ଷଣରେ ସ୍ପଷ୍ଟ ଜଣାଯାଉଅଛି ସୁତରାଂ ଯଦି ସରକାର ବାହାଦୂରଙ୍କ ସହାନୁଭୂତି ନ ହେଲେ ଲୋକଙ୍କର ମୁକ୍ତି ପାଇବାର ଅନ୍ୟତମ ଉପାୟ ନାହିଁ ଅତଏବ ପ୍ରାର୍ଥନା ଯେ ମହିମାକର କର୍ତ୍ତୃପକ୍ଷମାନେ ସର୍ବସାଧାରଣଙ୍କ ହିତାର୍ଥେ ଏକବାର ଉକ୍ତ ଲିଖିତ ନଦୀଗର୍ଭରେ ଦୃଷ୍ଟିପାତ କରି ଏଥିର ଗୋଟାଏ ଉପାୟ ସ୍ଥିର କରିତଃ ରାଜଧର୍ମ ରକ୍ଷା କରନ୍ତୁ । ଅଲମତି ବିସ୍ତରେଣ ।

୧।୨।୯୪
କଟକ } ଶ୍ରୀ
ବାଲୁବଜାର

---

ମହାଶୟ !

ନିମ୍ନଲିଖିତ କେତେକ ପଂକ୍ତିକୁ ଆପଣଙ୍କ ଜଗଦ୍ ବିଖ୍ୟାତ ପତ୍ରିକାର ଏକପାର୍ଶ୍ୱରେ କଣ୍ଟିଏ ସ୍ଥାନ ପ୍ରଦାନକରି ପ୍ରକାଶକଲେ ଲିଖିତ ପରିଶ୍ର-ମ କୃତକାର୍ଯ୍ୟ ହେବ ।

ଶ୍ରୀଶ୍ରୀଶ୍ରୀ ମଞ୍ଜୁଷା ରାଜାବାହାଦୂର ଏବଂ କନି-ଷ୍ଠଭ୍ରାତ ଶ୍ରୀ ରଘୁନାଥ ଆଟଘର ଦେବବାହାଦୂ-ର ୧୮୯୪ ସମ୍ବତ୍ସର ଜନୋରମାସ ତା ୨୬-ରିଖରେ ଶ୍ରୀପାଟଦେଉଙ୍କ ଉପନୟନ କୃତକାର୍ଯ୍ୟ ଉତ୍ସବରେ ଶ୍ରୀଶ୍ରୀ ରାଜା ବାହାଦୂର ସଭାମଣ୍ଡପରେ ଯେଉଁ ପଣ୍ଡିତସଭା କରାଇଥିଲେ ତାହା ଇତର ସ୍ଥାନମାନଙ୍କରେ ଅଦ୍ୱିତୀୟଅଟେ । ଉକ୍ତ ଦିନା-ରକ ଦିନଗଣ ଯେପରି ଅମଙ୍ଗଳରେ ବଞ୍ଚି ହୋଇଥିଲାପରି ଶ୍ରୀଶ୍ରୀଶ୍ରୀ ମହାରାଜ ବହୁଷ ବୃନ୍ଦ ଯେବେ ଏହି ସମାଜରେ ବଡ଼େ ହୋଇଥିବାରୁ ଉଦ୍‌ବଳ ଶୋଭିତଥିଲା । ପଣ୍ଡିତସମାଜ ଯାହା ଏଥପର୍ଯ୍ୟନ୍ତ ଅମ୍ଭ ପିତାମହା ଦକାଳରୁ ଦୃଷ୍ଟିଗୋ-ଚର ନ ହୋଇ କେବଳ ଭୂତ ବିକ୍ରମାଦିତ୍ୟ ମହାରାଜଙ୍କ କାଳରେ ହୋଇଥିଲା ବୋଲି ଇ-ତିହାସରେ ଶୁଣୁଥାଉଁ, ତାହା ସମ୍ପ୍ରତି ଦୃଷ୍ଟି ଗୋଚର କରିବାରେ ଇଦୃଶ ଅବସ୍ଥିତ ଦେଖି-ଲେ କେଉଁ ବ୍ୟକ୍ତି ଆନନ୍ଦାର୍ଣ୍ଣବରେ ପ୍ଲାବିତ ନ ହେବ ? ଏବାବଦ୍ ଶ୍ରୀଶ୍ରୀ ରାଜା ବାହାଦୂର ଓ ସଭାସ୍ଥିତ ସମସ୍ତ ଭଦ୍ରବ୍ୟକ୍ତି ମାନଙ୍କ ସମ୍ମିଳନରେ ନାନାଦ ନୃତ୍ୟଗୀତ ସହିତ ପଟୁଆର କରାଇ ଶ୍ରୀଶ୍ରୀ ମହାପ୍ରଭୁମାନଙ୍କ ଦର୍ଶନ ଶେଷ ହେଲା ବାଦ୍ ନାନାଦ ଚମତ୍କାର ଆତସବାଜି ମାନଙ୍କୁ ଅଗ୍ନି ଯୋଗକରାଇ ସ୍ୱ ମନ୍ଦିରକୁ ବିଜେକଲା ବାଦ୍ ଯାତ୍ରା ବନ୍ଦହେଲା ।

ତହିଁ ଆରଦିନ ବ୍ରାହ୍ମଣ ପ୍ରାୟ ୪୦ ହଜାର ଉପସ୍ଥିତ ଥିଲେ । ସେମାନଙ୍କୁ ନାନାଦ ମିଷ୍ଟଦ୍ରବ୍ୟ ଭୋଜନ ଓ ଉପଯୁକ୍ତରୂପେ ଦକ୍ଷିଣା ଦିଆଯି-ବାରୁ ସେମାନେ ଅତ୍ୟନ୍ତ ସନ୍ତୁଷ୍ଟ ମୁକ୍ତକଣ୍ଠ-ରେ ଶ୍ରୀଶ୍ରୀ ରାଜା ବାହାଦୂରଙ୍କୁ ସାଧୁବାଦ ଦେଇ ସ୍ୱ ସ୍ୱ ସ୍ଥାନାଭିମୁଖେ ପ୍ରସ୍ଥାନ କଲେ । ଉକ୍ତ ଉତ୍ସବ ଦର୍ଶନ ନିମନ୍ତେ ଅନ୍ୟାନ୍ୟ ରାଜ୍ୟ ମା-ନଙ୍କରୁ ଆମନ୍ତ୍ରିତ ହୋଇ ଭଦ୍ରବ୍ୟକ୍ତିମାନେ ଉ-ପସ୍ଥିତ ଥିଲେ ସେମାନଙ୍କୁ ଯଥୋଚିତ ପ୍ରକାରେ ମେଲାଣି ଦିଆଯିବାରୁ ଅତ୍ୟାନନ୍ଦରେ ଶ୍ରୀଶ୍ରୀ ରାଜା ବାହାଦୂରଙ୍କୁ ଅନେକ ଧନ୍ୟବାଦ ଦେଇ ବିଦାୟ ଗ୍ରହଣ କଲେ ।

ଶ୍ରୀ ଜଗତ୍ପିତା ଜଗଦୀଶ୍ୱରଙ୍କ ଠାରେ ମୋ-ହର ସର୍ବଦା ପ୍ରାର୍ଥନା ଏହିଯେ ଶ୍ରୀଶ୍ରୀ ମହାରାଜା-ଙ୍କର ଏତାଦୃଶ ରାଜମଣ୍ଡଳୀରେ ଯଶଃ ପତାକା ଉଡ଼ୀୟମାନ କରନ୍ତୁ । ଇତି ।

ରମ୍ଭା } ବଶମ୍ବଦ
୭।୨।୯୪ } ରାଧାଶ୍ୟାମ ଖାନସମା ପଟ୍ଟନାୟକ

---

ମହାଶୟ !

ଗତ ମାସ ତା ୩ ରିଖ ଦୀପିକାରେ ଜଣେ ପତ୍ରପ୍ରେରକ ଲେଖିଥିଲେ ଯେ ବ୍ରାହ୍ମମାନଙ୍କ ସାମ୍ବତ୍ସରିକ ଉତ୍ସବ ଉପଲକ୍ଷରେ ବାବୁ ମଧୁସୂ-ଦନ ରାଓ ବ୍ରାହ୍ମଧର୍ମର ପ୍ରଶଂସା କରି ଗୋଟିଏ ବକ୍ତୃତା କରିଥିଲେ ଏବଂ ସଭାପତି ମାନନୀୟ ଗୁପ୍ତସାହେବ ହିନ୍ଦୁଧର୍ମ ସପକ୍ଷରେ ମନ୍ତବ୍ୟ ପ୍ରକାଶ କରିଥିଲେ । ଏହା ଯଥାର୍ଥ ନୁହେ ବୋଲି ବାବୁ ବିଶ୍ୱନାଥ କର ତା ୧୦ ରିଖ ଦୀ-ପିକାରେ ପ୍ରତିବାଦ କରିଅଛନ୍ତି । ଉଭୟ ବାବୁ ମଧୁସୂଦନ ରାଓ ଓ ସଭାପତି ଶ୍ରୀଯୁକ୍ତ ଗୁପ୍ତସା-ହେବ ଏଠାରେ ବର୍ତ୍ତମାନ ବିଦ୍ୟମାନ । ଏପରି ସ୍ଥଳରେ ମଧୁବାବୁ ତାହାଙ୍କର ବକ୍ତୃତାର ସାରାଂଶ ଓ ଗୁପ୍ତସାହେବ ତାହାଙ୍କ ମନ୍ତବ୍ୟର ସାରାଂଶ ପ୍ରକାଶ କଲେ ଜନସାଧାରଣ ବିଶେଷ ଉପକୃ-ତ ହେବେ । ଏଥିପାଇଁ ଉଭୟ ସମାଜ ଉଭୟ କର୍ତ୍ତାଙ୍କୁ ବିଶେଷ କରି ଅନୁରୋଧ କରିବା ଉଚିତ । କାରଣ ଲେଖା ପଢ଼ା ଜାଣିବା ପ୍ରାପ୍ତ-ବୟସ୍କ ବ୍ୟକ୍ତିମାନଙ୍କୁ ନ ପାରି ସୁକୁମାର ମତି ବାଳକମାନଙ୍କୁ ଭୁଲାଇ ନେଉଥିବା ବ୍ରାହ୍ମମାନଙ୍କ ନାମରେ ଗୋଟିଏ ଅପବାଦ ଅନ୍ତତଃ କଟକରେ ପ୍ରଚଳିତ ଅଛି । କେତେକ ବର୍ଷ ପୂର୍ବେ କୃଷ୍ଣ-ଧନ ଗୋଲମାଲ ବୋଲି ଗୋଟିଏ ବଡ଼ ଆ-ନ୍ଦୋଳନ ହୋଇଥିଲା; ଏହା କେହି ଭୁଲି ନା-ହାନ୍ତି । ପୁଣି, ସେଦିନ ଅଉ ଗୋଟିଏ ହିନ୍ଦୁ ବ୍ରାହ୍ମଣ ପିଲା ବିଶ୍ୱନାଥ ବାବୁଙ୍କ ଘରଠାରେ

Digitized by srujanika@gmail.com

ଲିହ ପଲ୍ଲା ଛାଡ଼ି ବ୍ରାହ୍ମଧର୍ମରେ ଦୀକ୍ଷିତ ହେବାରୁ ତାହାର ପିତା ଅସି ତାହାକୁ କଲସ୍ଙ୍କ ହାତରୁ ନେଇ ଯାଇ ଅଛନ୍ତି । ବୋଧ ହୁଏ ସେ ପିଲାଟିର ଲେଖା ପଢ଼ା ଅଛଠାରୁ ଇତି ହେଲା; ତାହାର ପିତା ଏ ପର୍ଯ୍ୟନ୍ତ ତାକୁ ଶିକ୍ଷା ଦେବା ପାଇଁ ଯେଉଁ ଅର୍ଥ ବ୍ୟୟ କରିଥିଲେ ତାହା ପଣ୍ଡ ହେଲା; ପୁଅ ପାଠ ପଢ଼ି ଅର୍ଥ ଉପାର୍ଜ୍ଜନ କଲେ ସୁଖରେ ରହିବ ବୋଲି ଯେଉଁ ଆଶା କରିଥିଲେ ତାହା ନିର୍ମୂଳ ହେଲା; କାରଣ ହିନ୍ଦୁଠାରେ ଜାତିନାଶର ଦୁଃଖ ଓ ପରକାଳର ଦୁଃଖ ମଧ୍ୟରେ ଅଜ୍ଞାତ ପାତାଳର ପ୍ରଭେଦ; ପୁଅ ମୂଳରୁ ନଷ୍ଟ ହୋଇ ହିନ୍ଦୁ ଥିଲେ ପିଣ୍ଡ ମିଳାଏ ଦେଲେ ଏକା ପିତାର ନୁହେ ସାତ ପୁରୁଷର ସୁଖପ୍ରଦ ହେବ । ଏରୂପର କାରଣମାନଙ୍କରୁ କ୍ରିସ୍ତେନଙ୍କ ଘଟଣା ଦେଖି ସେ ଅଞ୍ଚଳର ଯେ କେହି ଲୋକେ ଉପଯୁକ୍ତ ଅଭିଭାବକ ବ୍ୟତୀତ ପିଲାଙ୍କୁ ଶିକ୍ଷା ଦେବାପାଇଁ କଟକ ପଠାଇବାକୁ ଅଗ୍ର ପଶ୍ଚାତ୍ ହେବେ; କେତେ ପିଲାଙ୍କର ଯେ ବିଦ୍ୟା ଲାଭର ପଥ କଣ୍ଟକିତ ହେବ, ତାହା ଯେଉଁମାନେ ଦେଶୀୟ ଲୋକଙ୍କର ମନୋଭାବ ଅବସ୍ଥା ପ୍ରଭୃତି ଜାଣନ୍ତି ସେମାନେ ସହଜରେ ବୁଝି ପାରିବେ । ମଧ୍ୟ ଏରୂପର ପିଲାମାନଙ୍କୁ ଅନ୍ୟଧର୍ମକୁ ନେବାରୁ ତପର ପାଦ୍ରୀମାନଙ୍କ ଲୋକସିନ୍ଧୁ ଉତ୍ତୋଳିତ ହୋଇ ଥାଏ, କପଟ ବ୍ୟବହାର ଭବ ସଙ୍ଗତ ବିଘର୍ଷି କରିଥାଏ କମସ୍ତ ଅଶ୍ରୁବାଇ ଭୂମିସିକ୍ତ କରିଥାଏ ତାହା ଅନେକଙ୍କ ବିଦିତ ଅଛି ଏବଂ ଅନେକେ ସହଜରେ ଅନୁମାନ କରି ପାରିବେ ଏହି ସବୁ ନିବାରଣ କରିବାପାଇଁ ସୁପ୍ରିଣ୍ଟେଣ୍ଡେଣ୍ଟଙ୍କର ମତ ଅମ୍ଭମାନଙ୍କ ବିଦ୍ୟାଳୟର ଛାତ୍ରମାନଙ୍କର ଜାଣିବାର ନିତାନ୍ତ ପ୍ରୟୋଜନ; ତାହାଙ୍କ ପ୍ରୟୋଜନ ଭାଷା ବ୍ୟବହାର ବୁଝାଇ ଦେବାର ଆବଶ୍ୟକ ନାହିଁ ।

ସୁପ୍ରିଣ୍ଟେଣ୍ଡେଣ୍ଟ ଓଡ଼ିଶାର ବର୍ତ୍ତମାନ ଉତ୍କଳେଶ୍ୱର ମନ୍ଦିର ପ୍ରଭୃତି ସମ୍ବନ୍ଧରେ ଯେପରି ମାତୃ-ମମତା ଦେଖାଇ ଅଛନ୍ତି ଏବଂ ଦେବମନ୍ଦିରମାନଙ୍କୁ ସାଇ ଯେପରି ସମ୍ମାନ କରିଥିବାର ଶୁଣାଯାଏ ତହିଁରୁ ତାହାଙ୍କ ମତଦ୍ୱାରା ଅନେକ ମଙ୍ଗଳ ସାଧନ ହେବ ।

ପରିଶେଷ ସମ୍ପାଦକଙ୍କଠାରେ ନିବେଦନ ଅନୁରୋଧ ଯେ ଯେଉଁ ସଂଖ୍ୟାରେ ଏହି ପତ୍ର ଛାପିବ ପ୍ରକାଶ ହେବ ତହିଁରୁ ଖଣ୍ଡିଏ ମଧ୍ୟ ବାବୁ ଓ ଖଣ୍ଡିଏ ସୁପ୍ରିଣ୍ଟେଣ୍ଡେଣ୍ଟଙ୍କଠାକୁ ପଠାଇ ଦେବା ହେବେ । ଇତି ।

କଟକ } ଆପଣଙ୍କର ବଶମ୍ବଦ
ତା ୧୩।୨।୯୪ ଇଙ୍ଗ } ଶ୍ରୀ ଡୁଭୁଲ ଛୁଟ ଛୁଟ

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ ହାଡ଼ି ଭଞ୍ଜ ମହାନ୍ତି | ଦେଉଗଡ଼ା | ଟ ୧୯ |
| " ଦଶରଥ ମହାନ୍ତି | ଜଗତ୍ସିଂହପୁର | ଟ ୩୯ |
| " ଦାମୋଦରଦାସ ବାହିନୀ | | ଟ ୩୯ |
| " ଓମେଦେହେଲ ମହାଜନ | ସମ୍ବଲପୁର | ଟ ୩୯ |
| " ଲୋକନାଥ ପାତ୍ର | କମ୍ପାଇଣି | ଟ ୩୯ |
| " କାଶୀନାଥ ମହାପାତ୍ର | ପାଲଲହରା | ଟ ୩୯ |
| " ଉତ୍ତମଣି ମହାପାତ୍ର | ଟେଲଙ୍ଗାପେଣ୍ଠ | ଟ ୩୯ |
| ରାଜା ଶ୍ରୀ ରଞ୍ଜିତ୍ସିଂହ ଦେବ | ପତିଆ | ଟ ୩୯ |
| ବାବୁ ଜଗନ୍ନାଥ ଦାସ | ମହାଙ୍ଗ ହଜୁର | ଟ ୩। |
| " ଟି,ସି, ସାନ୍ତ୍ରା | ଶୋର୍ଗା | ଟ ୧୫ |
| " ଗୋକୁଳାନନ୍ଦ ଦେ | ଅଠ | ଟ ୧୯ |

# ବିଜ୍ଞାପନ ।

## ବନାରସୀମାଲ ।

ବନାରସରେ ଅମ୍ଭର ଗୋଟିଏ ବାଣିଜ୍ୟ କୋଠୀ ଅଛି ଏବଂ ଅନେକ ରାଜା, ମହାରାଜା ଏବଂ ଜମିଦାରମାନଙ୍କ ସହିତ ଅମ୍ଭର କାରବାର ଅଛି । ଅମ୍ଭକୋଠୀରେ ବନାରସୀ ଜରିଦାର ବସ୍ତ୍ର ପ୍ରଭୃତି ଅଶାନରୂପ ସୁଲଭ ମୂଲ୍ୟରେ ବିକ୍ରୟ ହୁଅଇ ।

କେହି କୌଣସି ପଦାର୍ଥ ମଗାଇଲେ ଭେଲ୍ୟୁପେବଲ ପାର୍ଶ୍ୱଲରେ ପଠାଇ ଦିଆଯାଏ ମାତ୍ର ସେହି ପଦାର୍ଥ ମନୋନୀତ ନ ହେଲେ କିମ୍ବା ଅଧିକ ମୂଲ୍ୟର ବୋଧ ହେଲେ ଉକ୍ତ ପଦାର୍ଥ ଅମ୍ଭ ନିକଟକୁ ଓ୍ୱାପସ କରି ଦେଲେ ଅବଶ୍ୟ ଗ୍ରହଣ କରୁ ପସନ୍ଦମାଫିକ ପଦାର୍ଥ ପୁଣି ପଠାଇ ଦେବୁ କିମ୍ବା ଟଙ୍କା ଓ୍ୱାପସ ଦେବୁ । ତନ୍ନିମିତ୍ତ ମାଲ ମଗାଇବା ବ୍ୟକ୍ତିଙ୍କୁ ପଦାର୍ଥ ଯିବା-ଆସିବାର ଡାକମାସୁଲ ସହିବାକୁ ହେବ ।

ନିମ୍ନଲିଖିତ ପଦାର୍ଥମାନ ଅମ୍ଭର କୋଠୀରେ ବିକ୍ରୟ ନିମିତ୍ତ ସର୍ବଦା ପ୍ରସ୍ତୁତଥାଏ ।;—

ବନାରସୀ ଜରିଦାର ଶାଢ଼ୀ, ଜରିଦାର ଧୋତି ଚଦର, ସାଦା ଧୋତି ଚଦର, ଜରିଦାର ଟୋପି, କୋଟ, ଚୋଗା, କନଖାପ, ବାପ୍ତା, ସର୍ଜ୍ଜୀ, ବନାରସୀ ଦୋପଟ୍ଟା, ମଖମଲ, ସିଲ୍କରେ ତାରକଶା ଫେଟା, ରୁମାଲ, ସାଲ, ନାନାପ୍ରକାର ମୁଗା । ଏତଦ୍ଭିନ୍ନ ଅଭି ଯେ କୌଣସି ପ୍ରକାରର ପଦାର୍ଥ ବରାଦ କଲେ ତାହା ମଧ୍ୟ ପଠାଇ ଦଆଯିବ ।

ରୂପାର ଗିଲ୍ଟିକରା ବାଙ୍ଗାଳୀ ପ୍ରଭୃତି ତିଆରି କରାଇବାକୁ ଆଦେଶ ଦେଲେ ଅତ୍ୟନ୍ତ ସୁନ୍ଦର ରୂପେ ତିଆରି କରି ବନାଇ ଦିଆଯିବ ମାତ୍ର ଲୋକଙ୍କୁ ତହିଁର ଅନୁମାନିକ ଚତୁର୍ଥାଂଶ ମୂଲ୍ୟ ଅଗ୍ରିମ ପଠାଇବାକୁ ହେବ ।

ଅମ୍ଭ ନିକଟକୁ କେହି ପତ୍ର ଲେଖିବାକୁ ଇଚ୍ଛା କଲେ ହିନ୍ଦୀ କିମ୍ବା ଇଂରେଜୀ-ଭାଷାରେ ଲେଖି ଆପଣାର ପୂରା ନାମ ଧାମ ସ୍ପଷ୍ଟରୂପେ ଉଲ୍ଲେଖ କରି ଥିବେ ।

ଶ୍ରୀ ପାଲୁମଲ ଲେଭାନାଥ ।
କୁଞ୍ଜଗଲୀ ଫାଟକ, ବନାରସ ।

---

ଜା ଜଗୀବଲଦ ର ସି ଥାର୍ ଜାପ୍ପା ଥ ର
ଣ ଚପ୍ତଥିବା ଅ ବ ଶା ଉଇ ଯେକ ଲ ଲ ।୧।
ଇ ଶ୍ରୀଦ୍ବିଜଇ ବ ମା ଜସଚଇ ନୂ ଭ
ଦ ଉଷପ୍ରଦାନ ଉ ଭା ଅନୁଜ ରୂ ପ ଭ ।୨।
ସ୍ରୀ ଭ ଭୂମ୍ରଉଭ ସ ଦା ଦୁଃବଲ୍ ଯ ଲ ।
ବ ଜଳଜନଙ୍କ ଦ୍ ଶା ମୁକ୍ତଲଇ ଦୁ ଉ ।୩।
ନି ବେବଗ୍ରଉର୍ ଘ ଛ ଲିକଆ ବ ନା ଇ
ଭ ଲିବାରିଭାଉର ଉ ଭା ସୁଷାମର ଅ ଭ ।୪।
ବି ପଦ୍ମଜନର ଶ ପୀ ଉଭକାଶ ମ ଭ
ଙ୍ଗ୍ ଘନକରେ ଉ ବ ଭା ସ୍ୱଭପେ ଭ ଜ ଉ ।୫।
ଭ ଦ୍ୱସରେଶ୍ୱର ସ ଥା ସ୍ୱଷ୍ଟୀ ଯେବ୍ୟ ବ ଭ
ର ସ୍ୱଦଉର୍ତ୍ତ ଯ ଭା ସ୍ୱକାନ୍ତ ଦେଲେ ଇ ୬
ର ସିଦ୍ଧପଦବ ହ ଶ୍ରୀ ସ ମନଭ ତୋ ର
ଷ ଉସରେକଲ ଉ ଭା ଚଢଥିଲା ଷ ଉ ।୭।

ଏ ଗୀତର ୧ମ ବର୍ଣ୍ଣ, ୭ମ ବର୍ଣ୍ଣ, ୮ମ ବର୍ଣ୍ଣ ୧୩ଶ ବର୍ଣ୍ଣ ଏହି ବର୍ଣ୍ଣମାନଙ୍କରେ ସମ୍ମିଳିତ ହୋଇଅଛୁ ।

ଧ ସ୍ୱଘୋଷପସ୍ଥାସ୍ୱସା । ରୂ ଭ
ବ୍ୟ ସ୍ତବୋଇଷ୍ଟପ୍ରକାଶକ ଧି ଭ ।୧।
ବା ଜେ ପଣ୍ଡିତ ଧାର୍ମିକ ଦ ବ ବ
ରୂ ଦ୍ୱିବନ୍ଦ୍ରେ ଅଟଏକଦ ନ୍ତ୍ରେ ବ ।୨।
ଦ ଉବଳଭକ୍ତଙ୍କ ଉ ସ ଭ
ସ ଭ ଭୂମ୍ରି ଦ୍ୱିବର ସ ଉ ଦ ।୩।
ନ ଭ୍ର ଦୟାନ୍ତୁ ବୋଲିନ୍ତୁ ସ୍ୱ ବୋ ବ
ଲି ବେ ପାଶ୍ଚଲେ ମରମଙ୍କ ହେ ବ ।୪।
ଭ ଉଷାଭ ଓଡ଼ିଶାବକୁ ସ ଛ
ବୋ ଲି ଶୁକେ ବାଙ୍ଗୁଷାଏନ ରେଣୁ ଛ ।୫।
ଷ ଶ୍ରୀମୂଷର ସ୍ୱଧାବିଲ ଧ ଭ
ବୋ ଷଭଲ ଅଭକପର ଭ ର ।୬
ଏ ଗୀତର ୧ମ ବର୍ଣ୍ଣ ଓ ଦଶଟି ସମ୍ମିଳିତ ହୋଇଅଛୁ ।

Split by PDF Splitter
Digitized by srujanika@gmail.com

Split by PDF Splitter



## NOTICE.

The Indian Hemp Drugs Commission will visit Cuttack d take evidence of witnesses n the 26th February to the March 1894, their office being in the office of the Commi- ıer of the Orissa Division. hereby notified that the pro- dings of the Commission will open to the public.

Cuttack 13-2-94 } H. G. COOKE Offg. Commissioner.

ନୟାଗଡ଼ ପୋଲିସ ସବାଶେ ଇନ୍ସପେକ୍ଟର କର୍ମଚାରୀ ନିଯୁକ୍ତ ହେବାର ଆବଶ୍ୟକ । ସବ ଇନ୍ସପେକ୍ଟର ଓ ହେଡ଼ କନଷ୍ଟେବଲ କାର୍ଯ୍ୟ ଯେଉଁମାନେ ପ୍ରାର୍ଥୀ ହେବେ ସେମାନଙ୍କ ଦରଖାସ୍ତ ପ୍ରଶଂସାପତ୍ରମାନଙ୍କ ସହିତ ଅନୁ- ଟକୁ ପଠାଇ ଦେବେ । କନଷ୍ଟେବଲ କାର୍ଯ୍ୟ ପ ଲୋକ ମନୋନୀତ କରିବା କାରଣ ାରୁ ଇନସ୍ପେକ୍ଟର ସବ୍ ଡେପୁଟୀ ଇନ୍ସପେକ୍ଟର ଓ କଟକ ଅନୁରୋଧ କରାଯାଇଅଛି । ାର୍ଥୀମାନେ ତାଙ୍କ ନିକଟରେ ଦରଖାସ୍ତ ସହିତ ଉପସ୍ଥିତ ହେଲେ ଓ ସେମାନଙ୍କୁ ବାବୁମହୋ- ୟ ଉପଯୁକ୍ତ ବୋଲି ଜାଣିଲେ ମନୋନୀତ ର ଏଠାକୁ ପଠାଇବେ । ପ୍ରକାଶ ଥାଉ କି ସେଟଲିମେଣ୍ଟ କନଷ୍ଟେବଲ କାର୍ଯ୍ୟ କେବଳ କନଷ୍ଟ ଷ୍ଠିତ ଉପ୍ଲିମା କର୍ମ୍ମ ଶିକ୍ଷାପ୍ରାପ୍ତ ଲୋକକୁ ଅଯିବ ।

ତପସିଲ ।

| | | | |
|---|---|---|---|
| ସବ ଇନ୍ସପେକ୍ଟର | ମାସିକ ବେତନ | ଟ ୩୦ | ୧ |
| ହେଡ଼ କନଷ୍ଟେବଲ ୧ମ ଶ୍ରେଣୀ | „ | ଟ ୨୫ | ୧ |
| „ ୨ୟ ଶ୍ରେଣୀ | „ | ଟ ୨୦ | ୧ |
| „ ୪ଥ ଶ୍ରେଣୀ | „ | ଟ ୧୦ | ୨ |
| କନଷ୍ଟେବଲ ପ୍ରତ୍ୟେକକୁ | „ | ଟ ୯ | ୧୨ |
| „ „ | „ | ଟ ୭ | ୧୫ |

୧୮୯୪

Nayagur } DARPANARAYAN DAS Manager.

# ଶ୍ରୀମଦ୍ ଭଗବଦ୍ଗୀତା ।

ଦ୍ୱିତୀୟ ଖଣ୍ଡ ।

ବହୁଳ ଟୀକା ଓ ସରଳ ବ୍ୟାଖ୍ୟାନ ସହିତ ମୁଦ୍ରିତ ହୋଇ କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି । ମୂଲ୍ୟ ପୂର୍ବପ୍ରାପ୍ତ ଅଠଅଣା ଓ ଡାକମାସୁଲ ଦୁଇପଇସା ।

ଶ୍ରୀରାମଶଙ୍କର ରାୟ ।

# ସଂଗୀତସାର

## ନୂତନ ନୂତନ ନୂତନ

ସୁଲଭ ଉତ୍କଳ ସଙ୍ଗୀତ ପୁସ୍ତକ

ସଙ୍ଗୀତ ଶିକ୍ଷା ସହାୟକ ।

ମୂଲ୍ୟ ଟ ୦ ୵ ଛଅଣା ମାତ୍ର ।

ଓଡ଼ିଆ ସଙ୍ଗୀତମାନଙ୍କର ଯେତେକ ସାର ସଂଗୃହୀତ ହୋଇ ଏହି ନୂତନ ପୁସ୍ତକ ମୁଦ୍ରିତ ହୋଇଅଛି । ଏଥିରେ ନାନାପ୍ରକାର ସ୍ୱରଲିପି ଓ ନୂଆ ସଙ୍ଗୀତ ସନ୍ନିବେଶିତ ହୋଇ- ଅଛି । କଟକ ପ୍ରିଣ୍ଟିଂକୋମ୍ପାନିଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ।

## ତୃତୀୟପାଠର ବ୍ୟାଖ୍ୟା ।

ଏଥିରେ ପୁସ୍ତକାନ୍ତର୍ଗତ କଠିନ ଶବ୍ଦମାନଙ୍କର ଅର୍ଥ, ବ୍ୟୁତ୍ପତ୍ତି, ସମାସ ପ୍ରଭୃତି ଓ ଦୁର୍ବୋଧ ସ୍ଥଳମାନଙ୍କର ବିଶଦ ବୃତ୍ତି ଏବଂ ଐତିହାସିକ ଓ ଭୌଗୋଳିକ ବିବରଣ ସନ୍ନିବେଶିତ ହୋଇ- ଅଛି । ଏଣ୍ଟ୍ରାନ୍ସ ସ୍କୁଲର ପ୍ରଥମଶ୍ରେଣୀର ଛାତ୍ରମାନଙ୍କ ଓ ଛାତ୍ରବୃତ୍ତି ସ୍କୁଲର ତୃତୀୟଶ୍ରେଣୀର ଛାତ୍ରମାନଙ୍କ ପକ୍ଷରେ ଏ ପୁସ୍ତକ ଅତିବ ପ୍ରୟୋଜନୀୟ । ଅନେକ ଶିକ୍ଷକ ମଧ୍ୟ ଏଥିରୁ ସାହାଯ୍ୟ ପାଇ ପାରିବେ । ମୂଲ୍ୟ ଚାରିଅଣା । କଟକ ଦରଘାବଜାର ପ୍ରିଣ୍ଟିଂକମ୍ପାନିଙ୍କ ଛାପାଖାନାରେ ବିକ୍ରୀ ହେଉଅଛି ।

## ନୂତନ ସଂସ୍କରଣ ।

ବଣିକାଭୂଷଣର ପଞ୍ଚମସଂସ୍କରଣ ପ୍ରକାଶିତ ହୋଇଅଛି । ମୂଲ୍ୟ ଚାରିଅଣା ।

ପଞ୍ଚମସଂସ୍କରଣ, ବଣିକାଭୂଷଣର ବ୍ୟାଖ୍ୟା ପ୍ରକାଶିତ ହୋଇଅଛି ମୂଲ୍ୟ ଛଅଣା ।

ସର୍ବ ଭୂଗୋଳପାଠର ପରିବର୍ତ୍ତିତ ପଞ୍ଚମ- ସଂସ୍କରଣ ପ୍ରକାଶିତ ହୋଇଅଛି । ମୂଲ୍ୟ ଛଅ- ଅଣା । ସର୍ବ୍ୟଭାଗ ଏବଂ ଶାସନସମ୍ପର୍କରେ ଯେଉଁ ସବୁ ଭିନ୍ନମାନ ନୂତନ ସଂଘଟିତ ହୋଇ ଅଛି ତାହା ଏହି ସଂସ୍କରଣରେ ସନ୍ନିବେଶିତ ହୋଇଅଛି ।

ଶ୍ରୀ ଗୀତନାଥ ଗୁପ୍ତ

ସତ୍ୟ ପ୍ରେସ, କଟକ ।

## ଶୀଘ୍ର ନିଅ ! ନିଅ ! ନିଅ !!

ପୁସ୍ତକ ସଂଖ୍ୟା ଅଳ୍ପ ଅଛି ।

ଗ୍ରାହକମାନଙ୍କ ସୁବିଧା ନିମନ୍ତେ ଅମ୍ଭ ପ୍ରଣୀତ ଓ ପ୍ରକାଶିତ ପୁସ୍ତକମାନ ଅତଃପର ଅର୍ଦ୍ଧ ମୂଲ୍ୟରେ ବିକ୍ରୟ ହେଲା ।

| | | |
|---|---|---|
| ସଙ୍ଗୀତ ସାଗର ପ୍ରଥମ ତରଙ୍ଗ | | ଟ ୦ ୵ |
| ଏତତ | ଦ୍ୱିତୀୟ ଏତତ | ଟ ୦ ୵ |
| ଏତତ | ତୃତୀୟ ଏତତ | ଟ ୦ ୵ |
| ଏତତ | ଚତୁର୍ଥ ଏତତ | ଟ ୦ ୵ |
| ଗୀତଗୋବିନ୍ଦ | | ଟ ୦ ୵ |
| କପିଳାସ କ୍ଷେତ୍ର | | ଟ ୦ ୵ |

ଏହି ପୁସ୍ତକମାନ କଟକ ପ୍ରିଣ୍ଟିଙ୍ଗକମ୍ପାନିଙ୍କ ଛାପାଖାନାରେ, ବୁକ୍ ଏଜେଣ୍ଟ ବାବୁ ଶ୍ରୀ ରାମଚନ୍ଦ୍ର- ସିଂହ ମୁଖୋପାଧ୍ୟାୟଙ୍କ ଦୋକାନରେ, ଚୌଧୁରୀ- ବଜାରସ୍ଥ ବାବୁ ଲକ୍ଷ୍ମୀନାରାୟଣ ନାୟକଙ୍କ ଡା- କ୍ତରଖାନାରେ ଏବଂ ବାଲୁବଜାରସ୍ଥ ପଣ୍ଡିତ ଶ୍ରୀଗୋବିନ୍ଦରଥଙ୍କ ଦୋକାନରେ ମିଳିବ ।

କଟକ ୨୧।୧।୯୩ } ଶ୍ରୀ ଦାମୋଦର ପଟ୍ଟନାୟକ ।

## ବିଚ୍ମସାହେବଙ୍କ ବଟିକା ।

## ( BEECHAM'S PILLS. )

ଫଳପ୍ରଦତାରେ ଏକ ୨ ଗିନିଅର ମୂଲ୍ୟ ଏକ ୨ ମୋହରକୁ ସସ୍ତା ବୋଲାଯାଇ ପାରେ ଏ ବଟିକା କେବଳ ଉଦ୍ଭିଦପଦାର୍ଥରେ ପ୍ରସ୍ତୁତ ହୋଇ ଅଛି । ଏଥିରେ ପାରଦ ଅବା ଇତ୍ୟାଦି ଧାତୁ ବା ଧର୍ମହାନିକର ଦ୍ରବ୍ୟ କିଛି ନାହିଁ । ଏହା ସବୁ ହାତରେ ପ୍ରସ୍ତୁତ ନୋହି କଳରେ ପ୍ରସ୍ତୁତ ହୋଇଅଛି ।

ସକଳ ବୟସର ସ୍ତ୍ରୀ ପୁରୁଷଙ୍କ ପକ୍ଷରେ ସମାନ ଉପକାରୀ ବୋଲି ପୃଥିବୀରେ ବିଖ୍ୟାତ । ଥରେ ପରୀକ୍ଷା କଲେ ଏଥିର ଗୁଣ ଜାଣି ପାରିବ ।

ଉଦରାମୟ, ପାକସ୍ଥଳୀରେ ବ୍ୟଥା, ମସ୍ତକବ୍ୟଥା, ମୂର୍ଚ୍ଛାରୋଗ, ଭୋଜନ ପରଠାରୁ ଉଦରର ପରିପୂର୍ଣ୍ଣତା ଓ ସ୍ଫୀତତା, ନିଦ୍ରାହୀନତା, କୋଷ୍ଠବଦ୍ଧ, ଛାତିପୋ-

Digitized by srujanika@gmail.com

Split by PDF Splitter



ଦୃଷନ, ଛଧାମାନ୍ଦ୍ୟ, ଶ୍ୱାସ, କୋଷ୍ଠବଦ୍ଧତା, ବଳକ୍ଷୟ ଉର୍ଦ୍ଧ୍ୱବେଗ ଇତ୍ୟାଦି ସଞ୍ଜାତପ୍ରବାହ ସମ୍ବନ୍ଧ ଓ ପୈତ୍ତିକ ପୀଡ଼ାରେ ଏହି ବଟିକା ଅମୋଘ ଔଷଧ । ଏହା ଅଳ୍ପ ଦିନ ସେବନ କଲେ ଓ ପ୍ରବଳ ପ୍ରକୃତି ଶରୀରେ ଅତ୍ୟନ୍ତ ହୁଏ ।

ଭୁବନେଶ୍ୱରୀ ଔଷଧାଳୟରେ ପ୍ରାପ୍ତ ହୁଅଇ । ମୂଲ୍ୟ ପ୍ରତି ଶିଶି ଅକାର ଅନୁସାରେ ଟ ୦୫ ଟ ୦୫ ଓ ଟ ୦ ॥୵ ଅଛି । ଡାକମାଶୁଲ ପୃଥକ ଦେବାକୁ ହେବ ।

# New School Books.

## JUST TO HAND.

Webb's Two hundred questions on Grammar and Idiom with Answers.

Webb's Keys to English Entrance Course for 1892 and 1893.

S. P. Ghosh's Key to English-Entrance Course for 1894.

Chambers' Etymol. Dictionary

Webb's Condensed Dictionary.

Webb's International Do.

Whitehall Drawing Copy Books.

R. C. Dutt's History of India.

Catechism of History of India.

Buckley's History of England.

K. P. Basu's Algebra.

Royal Readers No. I to IV.

Manual of Geography.

Wall-maps and Atlases.

To be had of the Secretary, Printing Company, Durgha Bazar, Cuttack.

## ଲୁଗା ଓ ନାନାଦ୍ରବ୍ୟର ଦୋକାନ ।

ଏହି ସହର କଟକ ଚୌଧୁରୀବଜାର ଶ୍ରୀଯୁକ୍ତ ବାବୁ ଗୌରୀପ୍ରସନ୍ନ ସ୍ୱଙ୍କ ବସା ସଲଗ୍ନରେ ଆମ୍ଭମାନଙ୍କର ଦୋକାନରେ ଚନ୍ଦ୍ରକୋଣା, ବଙ୍ଗଳ, ରେଶମୀ ଓ ବେର ଲୁଗା ଓ ଅନ୍ୟାନ୍ୟ ପ୍ରୟୋଜନୀୟ ଦ୍ରବ୍ୟ ଅତି ସୁଲଭ ଏବଂ ଏକ ନିଷ୍ଠ ଦରରେ ବିକ୍ରୟ ହେଉଅଛି । ପ୍ରତ୍ୟେକ ଲୁଗାର ଖରିଦ ଦର ସେହି ଲୁଗା ଉପରେ ଲେଖା ଅଛି ଭଦ୍ର ଗ୍ରାହକମାନଙ୍କ ପକ୍ଷରେ ଏହା ବଡ଼ ସୁବିଧା । ଯେହେତୁ ଦରଦାମ କରିବାର ଆବଶ୍ୟକତା ନାହିଁ । କେବଳ ଦାମ ଦେଖି ତହିଁ ଉପରେ ମୁନଫା ଦେଇ ମୂଲ୍ୟ

ଦେଲେ ଲୁଗା ନେଇ ପାରିବେ । ଅନ୍ୟତ୍ର ଗ୍ରାହକଙ୍କ ପକ୍ଷରେ ଏହାଦ୍ୱାରା ଠକାଯିବାରୁ ଅଧିକ ବା ଭୟ କରିବାର ନାହିଁ ।

ଅନ୍ୟାନ୍ୟ ଦ୍ରବ୍ୟ ମଧ୍ୟରୁ କେତେକ ଦ୍ରବ୍ୟର ନାମ ଓ ମୂଲ୍ୟ ନିମ୍ନେ ଲେଖା ଗଲା । ଗ୍ରାହକମାନେ ତାଲିକା ଦେଖି ବଜାରର ଦରରେ ମିଶାଇଲେ ପ୍ରତ୍ୟକ୍ଷ ଦେଖିବେ ଯେ ଆମ୍ଭମାନଙ୍କର ମୂଲ୍ୟ ଯଥାସମ୍ଭବ ଅଳ୍ପ ଅଛି ।

ନଗଦ ମୂଲ୍ୟରେ ମୋଫସଲକୁ ଡାକଯୋଗେ ଦ୍ରବ୍ୟ ପଠାଯାଏ ଏବଂ ଟଙ୍କା ପ୍ରତି ଅନ୍ୟୂନ ଚାରିଅଣା ଅଗ୍ରିମ ପଠାଇଲେ ଭେଲ୍ୟୁପେଏବଲ ଡାକରେ ଦ୍ରବ୍ୟ ପଠାଇବାକୁ ପ୍ରସ୍ତୁତ ଅଛୁ ।

## ଷ୍ଟେସନରୀ ।

| ଦ୍ରବ୍ୟର ନାମ | ମୂଲ୍ୟ |
|---|---|
| ଷ୍ଟେଡ଼ମେଷ୍ଟ ପେନସିଲ | ଗୋ ୧ ଟ ୦ ।୵ |
| ଲାଲ ଓ ନେଳ ପେନସିଲ | ଗୋ ୧ ଟ ୦ ୵୧ |
| ଉତ୍ତମ ପେନସିଲ | ଦ ୧ ଟ ୦ ୵ |
| ଲେଖା କାଗଜ | ଦ ୧ ଟ ୦ ୫୵ |
| ଫୁଲସ୍କେପ କାଗଜ ସରସା | ଦ ୧ ଟ ୦ ୵ |
| ଏକଳ ରୁଲବାଲା | ଦ ୧ ଟ ୦ ୵୬ |
| ଏକଳ ନରମ | ଦ ୧ ଟ ୦ ୵ |
| ଫାଉଣ୍ଡେଶନପେପର ଓ ଲଫାଫା | ଦ ୧ ଟ ୨ । |
| ଡାକକାଗଜ ସରସା | ଦ ୧ ଟ ୦ ୵ |
| ଏକଳ ମଧ୍ୟମ | ଦ ୧ ଟ ୦ ୵ |
| ଲଫାଫା ନରମ ସ୧୦୦ଟ୦୵ | ଗୋ ୨୫ ଟ ୵ |
| ଏକଳ ମଧ୍ୟମ ସ୧୦୦ ଟ ୦ ୵ | ଗୋ ୨୫ ଟ ୦ ୯ |
| ପୋଷ୍ଟକାର୍ଡ ୧୬ ପଣ | ଦ ୧ ଟ ୦ ୵ |
| ଶୀହାରି | ଗୋ ୧ ଟ ୦ ୵ |
| ଏକ ଶୁଣ୍ଠି ଏହାକୁ ଅଧିକ ବୋତଲ ଜଳରେ ପକାଇ ଫୁଟାଇଲ ପରେ ଛାଣି ନେଲେ ଉତ୍ତମ ସିଆହି ପ୍ରସ୍ତୁତ ହେବ | ଦ ୧ ଶ୍ରଲ ଟ ୦ ୵୬ |
| ଶ୍ଳେଟ ପେନସିଲ | ଦ ୧ ଟ ୦ ୵ |
| ରବର | ଖ ୧ ଟ ୦ ୵ |
| ହଂସପକ୍ଷୀ କଲମ | ଗୋ ୨୫ ଟ ୦ ।୵ |
| ଲୁହା କଲମ (ନିବ) ସରସା | ଡ୍ର ୧ ଟ ୦ ୵ |
| ଏକଳ ନରମ | ଡ୍ର ୧ ଟ ୦ ୧୧ |
| ଏକଳ ଜର୍ମାନଭୂମିବୋଲିନ | ଗୋ ୧ ଟ ୦ ୬ |
| ହାତଦୁଆଲ ଘଣ୍ଟା ଲଘୁ (ଜଳଯାବାଲା) | ଗୋ ୧ ଟ ୦ । |
| ଏକଳ ସାଧାରଣ | ଗୋ ୧ ଟ ୦ ୵ |
| ଦଣ୍ଡ ଘଣ୍ଟା ମଝିଆ | ଖ ୧ ଟ ୦ ୵ |
| ହୋମିଓପ୍ୟାଥି ତେଲ | |
| ସୁବାସିତ | ଗୋ ୧ ଟ |
| ମହତେଲ | ଗୋ ୧ ଟ |
| ମୁକ୍ତାପଥରର ଫସ୍କିଣ୍ଡା ଓ ଲୁଗାଧରା କାଣ୍ଟା | ଗୋ ୧ ୧ |
| ଲେଭେଣ୍ଡର | ଗୋ ୧ ୫ |
| ନେଭିଆ ଏସେନ୍ସ | ଗୋ ୧ |
| ଶୀରୁଳ ସରସା | ଖ ୧ ଟ |
| ଫୁଲଦାନୀ | ଗୋ ୧ ୫ |
| ଦେଶୀଲାଣ୍ଟ ଓଡ଼ାଲିଶ୍ୟା | ଗୋ ୨ ଟ ୪ |
| ଏକଳ ଏକଡ଼ାଲିଆ | ଗୋ ୧ ଟ ୨ |
| ଟେକ | ଗୋ ୧ ଟ ୬ |
| ଅଷ୍ଟସ୍କେଟ | ଗୋ ୧ ଟ ୵ ୬ |
| ଛାତ | ଦ ୧ ଟ ୦ ୵ |
| ସାନ୍ଧ୍ୟତପଢ଼ି | ଗୋ ୧ |
| ଦନ୍ତାଗ୍ନି ସମ୍ଚୁର୍ଣ | ଦ ୧ |
| ଏଡ଼ାର ଏହାକୁ ଚୋପଡ଼ି ପାଟରେ ରଖି ନଅଁରେ ଭଲଭାବ ଟୋଠା ଖଳର ଫାଟରେ ଲଗାଇ ଦେଲେ ଘାଣି ପଡ଼ିବାର ବନ୍ଦ ହେବ ଗ୍ରେ | ୧ ଟ ୦ |

କଟକ } ଚୌଧୁରୀ ବଜାର } ଅନନ୍ତଚରଣ ଦତ୍ତ କମ୍ପାନୀ

ନୂତନ ବଳିପିକାର ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା—

ପ୍ରଥମଥର ପ୍ରକାଶେ

| | |
|---|---|
| ଧାଡ଼ିପ୍ରତି | ଟ ୦ ୵ |
| ଅଧସ୍ତମ୍ଭକୁ | ଟ ୬୧ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ ୩୧ |

ମାତ୍ର କୌଣସି ବିଜ୍ଞାପନ ଯେତେ ଛୋଟ ହେଲେ ହେଁ ଖର୍ଚ୍ଚା ଟ ୦୫ ରୁ ଊଣା ନେବା ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ପ୍ରକାଶେ ଖର୍ଚ୍ଚା ପ୍ରଥମର ଦେଢ଼ା ଓ ଦୁଇଗୁଣ ଯଥାକ୍ରମେ ହେବ

ଅଧିକ ଦିନର ପ୍ରକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପକମାନେ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା କଟକ ପ୍ରିଣ୍ଟିଂକମ୍ପାନୀ ଯନ୍ତ୍ରାଳୟରେ ମୁଦ୍ରିତ

Digitized by srujanika@gmail.com

Split by PDF Splitter

# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା ।

ଭାଗ ୨୯ । ସଂଖ୍ୟା ୮ | ତା ୨୪ ଫେବୃଆରି ମାହେ ... ସନ ୧୮୯୪ ଶନିବାର । ମୁ ତା ୧୪ ଫାଲଗୁନ ସନ ୧୩୦୧ ସାଲ ... । | ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩ । ପଶ୍ଚାଦେୟ ଟ ୩୧

## ବିଜ୍ଞାପନ ।

ଓଡ଼ିଆ

ସନ ୧୮୯୪।୯୫ ମସିହାର

## ନୂତନ ପଞ୍ଜିକା ।

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ପୂର୍ବ-ପ୍ରାୟ ଛପା ହୋଇ ବିକ୍ରୟ ହେଉଅଛି ।

ବଡ଼ ପଞ୍ଜି ଟ ।୵ ଡାକମାସୁଲ ଟ ୦/

ଛୋଟ ପଞ୍ଜି ଟ ୵ ଡାକମାସୁଲ ଟ ୦୯

---

କାଚିନ ଅଞ୍ଚଳରେ ଯେଉଁଠାରେ ଇଂରେଜ-ସେନା କାଚିନମାନଙ୍କୁ ଦମନ କରିବାରେ ବ୍ୟସ୍ତ ଥିଲେ ସେ ଭୂମିଖଣ୍ଡ ଚୀନ ଆପଣାର ରାଜ୍ୟ ବୋଲି ଦାବୀ କରୁଅଛନ୍ତି ଏବଂ ଏଥିନିମନ୍ତେ ଚୀନ ଓ ଇଂଲଣ୍ଡ ମଧ୍ୟରେ କଥା ବାର୍ତ୍ତା ଚାଲିଅଛି । ଦୋଷ କେଉଁ ପକ୍ଷର ସ୍ଥିର ଜଣା ଯାଇ ନାହିଁ । ତକରାର କରୁଁ ଅପୋଷରେ ଏ ବିଷୟ ନିଷ୍ପତ୍ତି ପାଇ ଯିବ ।

---

ବିବି ଆନାବେସାନ୍ତ ପାଠକଙ୍କଠାରେ ଅପରିଚିତା ନାହାନ୍ତି । ଏ ମହୋଦୟା ପ୍ରୟାଗମେଳା ସମୟରେ ନବ୍ୟ ପବିତ୍ର ଗଙ୍ଗାଜଳରେ ସ୍ନାନକରି ପୁଣ୍ୟବତୀ ହୋଇଥିବାର ସମ୍ବାଦ ମିଳିଲା । ଦେଶୀୟ ଲୋକଙ୍କ ସଙ୍ଗେ ଏହିପରି ମିଶିବାରେ ଏହାଙ୍କର ଆପତ୍ତି ଜଣା ନ ଥିଲା । ମାତ୍ର ସାହେବମାନେ ଅଧିକାଂଶ ଦେଶୀୟ ଲୋକଙ୍କୁ ଦେଖିଲେ ଘୃଣାରେ ମୁଖ ବିକଟାଳ କରନ୍ତି ।

---

କଲିକତାର ବିଖ୍ୟାତ ଡାକ୍ତର ଶମ୍ଭୁଚନ୍ଦ୍ର ମୁଖୋପାଧ୍ୟାୟ ଗତମାସ ତା ୭ ଦିନରେ ଇହଲୀଳା ସମ୍ବରଣ କରିଥିବାର ସମ୍ବାଦ ମିଳିଲା । ଏ ମହାଶୟ ବିଶେଷ ଯୋଗ୍ୟଲୋକ ଥିଲେ ଏବଂ ରଇସ୍‌ଓରୟତ ନାମକ ଇଂରେଜୀ ସାପ୍ତାହିକ ସମ୍ବାଦପତ୍ର ବ ୧୬ ବର୍ଷ କାଳ ଅତ୍ୟନ୍ତ ଯୋଗ୍ୟତାସହକାରେ ଇଂରାଜୀଭାଷାରେ ଚଳାଇଥିଲେ । ମୃତ୍ୟୁସମୟରେ ଏହାଙ୍କୁ ବ ୬୨ ବର୍ଷ ବୟସ ହୋଇଥିଲା ଏବଂ ଶ୍ୱାସରୋଗରୁ ମୃତ୍ୟୁ ଘଟଣା ହେଲା ।

---

ଛାରଭେଣର ମହାରାଣୀଙ୍କର ଉଇଲ ସମ୍ବନ୍ଧୀୟ ବୃହତ ମୋକଦ୍ଦମା ଅଦ୍ୟାପି ନିଷ୍ପତ୍ତି ହୋଇ ନାହିଁ । ମା ୭ ସ କାଳ ହେଲାରୁ ବର୍ତ୍ତମାନ ଉଭୟ ପକ୍ଷର କୋବାଲଦା ଓ ସବାଲ ଜବାବ ଆଦ ଶେଷ ହୋଇଥିବାର ସମ୍ବାଦ ମିଳିଲା । ଉଭୟ ପକ୍ଷର ବାରିଷ୍ଟରଙ୍କ ବକ୍ତୃତା ୪ ୧୫ ଦିନ କାଳ ହୋଇଥିଲା । କଥିତ ଅଛି ଫିସ୍‌ରେ ପଚାଶହଜାରରେ ସୁ ୨୦୦୦ ଟଙ୍କାରୁ ଊଣା ନୁହେ । ଅର୍ଥ ଅବା କେତେ ବ୍ୟୟ ହୋଇଥିବ ଏବଂ ଉଇଲରୁ ଉଭୟପକ୍ଷର ବାରିଷ୍ଟରମାନେ କେତେ ଅର୍ଥ ଅବା ଅନର୍ଥ ବାହାର କରୁ ନ ଥିବେ । ଦେଖାଯାଉ ନିଷ୍ପତ୍ତି କ'ଣ ହେବ ।

---

ବିହାର ପ୍ରଦେଶ ଚମ୍ପାରଣ ନାମକ ସ୍ଥାନରେ ବସ୍ତେଜ ଟାମସନ ମିଲର କମ୍ପାନୀ ବହୁକାଳରୁ କୃଷି ଓ କୃଷିଉତ୍ପନ୍ନ ଦ୍ରବ୍ୟର ବ୍ୟବସାୟ କରୁଅଛନ୍ତି । ସେହି କମ୍ପାନୀର ପ୍ରଧାନ ଅଂଶୀ ହୁଅଲ୍‌ଟର ଟାମସନ ସାହେବ ଅଳ୍ପ ଦିନ ହେଲା ଇହଲୀଳା ସମ୍ବରଣ କଲେ । ମୃତ୍ୟୁ ପୂର୍ବେ ସେ ଯେଉଁ ଉଇଲ କରି ଯାଇଅଛନ୍ତି ତହିଁରେ ବିହାର ପ୍ରଦେଶରେ ଶିକ୍ଷା ବିସ୍ତାର ନିମନ୍ତେ ଏକଲକ୍ଷ ଟଙ୍କା ଦାନ କରି ଉକ୍ତ ଟଙ୍କା ବଙ୍ଗଳାର ଲେପ୍ଟନାଣ୍ଟଙ୍କୁ ଦେବାକାରଣ ଲେଖିଅଛନ୍ତି । ଲେପ୍ଟନାଣ୍ଟ ମହୋଦୟ ଏହି ଟଙ୍କା ତାହାଙ୍କ ଇଚ୍ଛାମତେ ବ୍ୟୟ କରିବାର ବ୍ୟବସ୍ଥା କରିବେ । ଜଣେ ବିଦେଶୀ ସାହେବ ଯେଉଁଠାରେ ଦୀର୍ଘକାଳ ବାସ କରି ଅନେକ ଟଙ୍କା ଉପାର୍ଜ୍ଜନ କରିଥିଲେ ସେ ସ୍ଥାନର ହିତାର୍ଥେ ଏପରି ପ୍ରଶସ୍ତ ଦାନ କରିବା ସାମାନ୍ୟ ପ୍ରଶଂସାର ବିଷୟ ନୁହଇ ।

---

ଜମ୍ବୁଗଡ଼ର ଗୋଲମାଲ ଶେଷ ନ ହେଉଣୁ ଇଣ୍ଡୁବରରେ ମେଳି ହୋଇଥିବାର ସମ୍ବାଦ ମିଳିଲା । ଜମ୍ବୁଗଡ଼ର ମାନେଜରଙ୍କ ହେତୁ ସେଠା ପ୍ରଜାମାନେ ମାଲ ଉଠିଥିଲେ ଏଣୁ ଉଣ-ପୁର ଗୋଲମାଲର କାରଣ ନିଶ୍ଚିତରୂପେ ଜଣା ଯାଇ ନାହିଁ । ଏକ ଗଡ଼ଜାତର ଗୋଲମାଲର ମୀମାଂସା ମେଳିଆଙ୍କ ସପକ୍ଷରେ ହେବାରୁ ଅନ୍ୟ ଗଡ଼ଜାତରେ ମେଳିଆମାନେ ଗୋଲମାଲ ଉପ-

Digitized by srujanika@gmail.com

Split by PDF Splitter



ସ୍ଥିର କଲା ପରି ଜଣାଯାଉଅଛି । ଏହା ସତ୍ୟ ହେଲେ ମେଜିଷ୍ଟ୍ରେଟମାନଙ୍କର ଏପ୍ରକାର କାର୍ଯ୍ୟ ଅନ୍ୟାୟ ଅନୁକରଣ ହେତୁ ସେମାନଙ୍କୁ କଠିନ ଦଣ୍ଡରେ ଦଣ୍ଡୁଆଇବା ଉଚିତ ହେଉଅଛି । ଲାଟେହୁ ଏହିପ୍ରକାର ରୋବକାରୀ ଜାରିହି ଉପରୁ ଗୋଟିଏ ଜାତ ହେଲେ ସବୁ ଗଡ଼ଜାତରେ ବ୍ୟାପିଯିବ ଓ ଉଦ୍ଧାର କେମନ୍ତ ଅସମ୍ଭବ । ଅତଏବ ଅମ୍ଭେମାନେ ଆଶା କରୁଁ ଗଡ଼ଜାତର ସୁପରିଣ୍ଟେଣ୍ଡେଣ୍ଟସାହେବ ମେଜର କାର୍ଣ୍ଣ ଉତ୍ତମରୂପେ ତଦନ୍ତ କରି ଦୋଷୀବ୍ୟକ୍ତିଙ୍କି ଉଚିତ ଦଣ୍ଡ ପ୍ରଦାନ କରିବେ ।

---

ବିହାରବାସିମାନେ ଯେତେ ଆନ୍ଦୋଳନ କଲେହେଁ ସେ ପ୍ରଦେଶର ଜରିପକାର୍ଯ୍ୟ ସ୍ଥଗିତ ହେବାର ଆଶା ନାହିଁ । ଗତ ବର୍ଷରେ ଯେଉଁ ଅବେଦନପତ୍ର ପ୍ରେରିତ ହୋଇଥିଲା ତହିଁର ଉତ୍ତରରେ ଭାରତୀୟ ସେକ୍ରେଟେରୀ ତାହା ସମସ୍ତ ଅଗ୍ରାହ୍ୟ କରି ବଙ୍ଗୀୟ ଗଭର୍ଣ୍ଣମେଣ୍ଟଙ୍କ ଜରିପସମ୍ବନ୍ଧୀୟ ଆଦେଶ ସ୍ଥିର ରଖିଅଛନ୍ତି । କେବଳ ଖରଚର କେତେକ ଭାଗ ପ୍ରଜା ଓ ଜମିଦାର ଏବଂ କେତେକ ଭାଗ ସରକାର ଦେବେ ଏହିକଥା ବିବେଚନାଧୀନରେ ଅଛି । ଅମ୍ଭମାନଙ୍କ ବିବେଚନାରେ ଯେବେ ସମସ୍ତ ବ୍ୟୟର ସରକାର ଗ୍ରହଣ କରନ୍ତେ ତେବେ ଆନ୍ଦୋଳନ ଏତେ ସବୁ ହୁଅନ୍ତା ନାହିଁ । ବାସ୍ତବରେ ପ୍ରଜା ଜମିଦାର କେହି ଲୋଡ଼ୁ ନ ଥିବା ସ୍ଥଳେ ଜରିପର ଖରଚ ସେମାନଙ୍କଠାରୁ ଆଦାୟ କରିବା ନ୍ୟାୟସଙ୍ଗତ ହେଉ ନାହିଁ । ସରକାର ଯେବେ ନିତାନ୍ତ ବୁଝିଲେ ଯେ ପ୍ରଜାଙ୍କ ସୁରକ୍ଷା ନିମନ୍ତେ ଜରିପ ଆବଶ୍ୟକ ତେବେ ତହିଁର ବ୍ୟୟ ସ୍ୱତନ୍ତ୍ର ହେବାର ଉଚିତ ।

---

କଲିକତାଠାରେ ଜଣେ ଲୋକ ବଡ଼ବଜାରରୁ କେତେକଦ୍ରବ୍ୟ କିଣି କରି ନବନିର୍ମିତ ସେତୁପଥରେ ସନ୍ଧ୍ୟାସମୟରେ ଯାଉଥିବା ଅବସ୍ଥାରେ ଜଣେ ଲୋକ ତାହାର ପଛରୁ ଧକ୍କା ମାରିବାରୁ ଲୋକଟା ପଡ଼ିଗଲା ଓ ତାହାର କ୍ରୀତଦ୍ରବ୍ୟାଦି ହସ୍ତଚ୍ୟୁତ ହୋଇଗଲା । ସେ ଦ୍ରବ୍ୟାଦି ଗୋଟାଇବା ସମୟରେ ପଛରୁ ପୁଣି ଏକଧକ୍କା ଖାଇ ଲୋକଟା ପଡ଼ିଗଲା ଏମନ୍ତ ସମୟରେ ଧକ୍କା ଦେବା ଲୋକମାନେ ତାହାର ଦ୍ରବ୍ୟାଦି ନେଇ ପଳାଇ ଗଲେ । ବସ୍ତୁସ୍ୱାମୀଭାବରେ ଯୋଗାବନକ ଦୃଢ଼ରୂପେ ଧରିଥିବାରୁ ତେଣେ ରହି ଗଲା ଅଛିବରୁ ତାହାର ଶ୍ରେଷ୍ଠ ହୋଇଯାଇ ଅଛି । କଲିକତାର ସହରରେ ବଡ଼ସଡ଼କରେ ସନ୍ଧ୍ୟାସମୟରେ ଏକଲ ଲୋକ ହେବା ବଡ଼ ଆଶ୍ଚର୍ଯ୍ୟର ବିଷୟ ଅଟଇ । ଚୋରଙ୍କୁ ଅସାଧ୍ୟ କିଛି ନାହିଁ ମାତ୍ର ପୁଲିସର ଅକର୍ମଣ୍ୟତା ଏଥିରୁ ସ୍ପଷ୍ଟ ପ୍ରକାଶ ପାଉଅଛି । ଅମ୍ଭେମାନେ ଭରସା କରୁଁ ସହରର ଲୋକମାନଙ୍କ ଦ୍ରବ୍ୟାଦି ସଂରକ୍ଷଣାର୍ଥ ପୁଲିସ-କର୍ତ୍ତୃପକ୍ଷମାନେ ସମଧିକ ଯତ୍ନଶୀଳ ହେବେ । ଅତ୍ର ସହରରେ ଏ ଦୁର୍ଦ୍ଦଶା ଘଟୁଥିବା ସ୍ଥଳେ ମୋଫସଲର କଥା ଅବା କି କହିବୁଁ ।

---

ବଙ୍ଗଦେଶର ସାର୍ବନୀୟ ସ୍କୁଲର ଗୋଟିଏ ଛାତ୍ର ଗତବର୍ଷ ଏଣ୍ଟ୍ରେନ୍ସ ପରୀକ୍ଷା ଦେଇ ହାରି ଯାଇଥିବାରୁ ପୁନର୍ବାର ଏବର୍ଷ ପରୀକ୍ଷା ଦେବାକୁ କଲିକତାକୁ ଆସିଥିଲା, କିନ୍ତୁ ଫିସ ଦାଖଲ କରିବାର ରସିଦ ହଜିଯିବାରୁ ରସିଦ ପୁନଃ ପ୍ରାପ୍ତି ନିମନ୍ତେ ରେଜିଷ୍ଟ୍ରାରଙ୍କ ନିକଟରେ ଦରଖାସ୍ତ କଲା । ଦରଖାସ୍ତରେ ସେ ଗତ ବର୍ଷ ପରୀକ୍ଷାରେ ହାରିଯାଇଥିବା ବିଷୟ ଲେଖିଥିବାରୁ ଏହିଛାତ୍ର ଗତବର୍ଷ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଅଛି କି ନା ରେଜିଷ୍ଟ୍ରାର ବହି ଅନୁସନ୍ଧାନ କରିବାରେ ଜଣାଗଲା ଯେ ସେ ଗତ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଅଛି । ଥରେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ପୁନର୍ବାର ପରୀକ୍ଷା ଦେଉଥିବାରୁ ତାହା ନାମରେ ଅଭିଯୋଗ ହେଲା । ଛାତ୍ର ନିତାନ୍ତ ଦୁଃଖିତ ହୋଇ କହିଲା ଯେ, ଗେଜେଟରେ ତାହା ନାମ ପ୍ରକାଶିତ ନୋହିବାରୁ ସେ ଅପଣାକୁ ଅନୁତ୍ତୀର୍ଣ୍ଣ ମନେ କରି ପୁନର୍ବାର ପରୀକ୍ଷା ଦେବାକୁ ଆସିଅଛି । ଗେଜେଟ ଫାଇଲ ଦେଖିବାରେ ତାହାର ନାମ ମିଳିଲା ନାହିଁ ଏବଂ ତେଣୁ ତାକୁ ଏଣ୍ଟ୍ରେନ୍ସ ପାଶର ସାର୍ଟିଫିକେଟ ଦେଇ ବିଦାୟ ଦିଆଗଲା । ଗେଜେଟର ଛପାଭୁଲ । ମାତ୍ର ଶିକ୍ଷାବିଭାଗର ଭ୍ରମ ହେତୁ ଅନେକ କେତେ ଛାତ୍ରଙ୍କର ଯେ ଏହିପରି ଦଶା ଘଟି ନ ଥିବ, ଏହା କିଏ କହି ପାରେ ?

---

ଗତ ପ୍ରୟାଗ କୁମ୍ଭମେଳାରେ ୨ ଲକ୍ଷ ଯାତ୍ରୀ ସମବେତ ହୋଇଥିବାର ସମ୍ବାଦ ମିଳିଲା ଏବଂ ଅତ୍ୟନ୍ତ ସୁଖର ବିଷୟ ଏତେ ଏତେ ଅଧିକ ଲୋକ ଏକତ୍ର ହୋଇଥିବାସ୍ଥଳେ କୌଣସିପ୍ରକାର ରୋଗ ଅବା ଦୁର୍ଘଟନା ଘଟି ନାହିଁ ଶାନ୍ତି ମଧ୍ୟ ସର୍ବତ୍ର ବିରାଜିତ ଥିଲା ଏବଂ କର୍ତ୍ତୃପକ୍ଷମାନଙ୍କୁ ହାତ ଚଳାଇବାକୁ ସୁବିଧା ହୋଇ ନାହିଁ । ଏହା ଦେଖି ହୃଦ୍ୟତେ ଅତି ଅତ୍ୟନ୍ତ ସନ୍ତୁଷ୍ଟ ହୋଇ କହୁଅଛନ୍ତି ଯେ ଭାରତୀୟ ହିନ୍ଦୁମାନେ ନିତାନ୍ତ ଶାନ୍ତିପ୍ରିୟ ଏବଂ ବିଶେଷ ବାଧା ପ୍ରାପ୍ତ ନ ହେଲେ ସେମାନେ କାହାର ଅନିଷ୍ଟ କରିବାକୁ ଚାହାନ୍ତି ନାହିଁ । ଏପରିସ୍ଥଳେ ବର୍ତ୍ତମାନ ହିନ୍ଦୁ ଓ ମୁସଲମାନମାନଙ୍କ ମଧ୍ୟରେ ଯେ ବିବାଦ ଲାଗିଅଛି ତହିଁମଧ୍ୟରେ ଅଧିକଦୋଷୀ କିଏ ଏବଂ କିଏ ପ୍ରଥମେ ଅଶାନ୍ତିର କାରଣ ହୋଇଅଛି ଏହା ଗଭର୍ଣ୍ଣମେଣ୍ଟ ସ୍ଥିରଚିତ୍ତରେ ବିବେଚନା କରନ୍ତୁ । ଅମ୍ଭେମାନେ ଏ ମତରେ ସମ୍ପୂର୍ଣ୍ଣ ଐକ୍ୟ ଅଟୁଁ ଏବଂ ଭରସା କରୁଅଛୁଁ ଯେ ଗଭର୍ଣ୍ଣମେଣ୍ଟ ମହୋଦୟ ଭାରତସିଂହାସନରେ ସମାସୀନ ହେବା ସଙ୍ଗେ ୨ ଉତ୍ତରଠାରେ ବମ୍ବାଇର ଦଙ୍ଗାହଙ୍ଗାମା ହୋଇଥିବାରୁ ଏବିଷୟ ତାଙ୍କର ବିଶେଷ ଦୃଷ୍ଟି ଆକର୍ଷଣ କରିବ । ଦେଖାଯାଉ ଏ ମହୋଦୟ ଏ ପ୍ରଶ୍ନର କିପରି ମୀମାଂସା କରୁଅଛନ୍ତି ।

---

ରାଂଚିସହରର ବନ୍ଦୋବସ୍ତ କର୍ମଚାରୀ ଶ୍ରୀଯୁକ୍ତ ନାଥନସାହେବ ହଠାତ୍ ପୀଡ଼ିତ ହେବାରୁ ଦୁଇବର୍ଷର ଫର୍ଲୋ ଛୁଟୀ ଗ୍ରହଣ କରି ବିଲାତ ଗମନ କରିଅଛନ୍ତି । ସୁତରାଂ କଟକର ବନ୍ଦୋବସ୍ତ କାର୍ଯ୍ୟ ବର୍ତ୍ତମାନ ନିମନ୍ତେ ସ୍ଥଗିତ ଅଛି । ସାହେବ ମହୋଦୟ ଗଲା ସମୟରେ ଗୋଟିଏ କୀର୍ତ୍ତି ରଖି ଗଲେ । ଯିବାର ଦୁଇଏକ ଦିନ ପୂର୍ବରୁ ଏଠା ବକସିବଜାରସ୍ଥ କେତେକ କାଡ଼ିଙ୍କ ପ୍ରତି ଅଯଥା ବାକ୍ୟ ପ୍ରୟୋଗ କରିଥିବାରୁ ସେମାନେ ସାହେବ ମହୋଦୟଙ୍କ ବିରୁଦ୍ଧରେ ମାଜିଷ୍ଟ୍ରେଟ ଶ୍ରୀଯୁକ୍ତ କମିଶନରସାହେବଙ୍କ ନିକଟରେ ଗୁହାରି କରିଥିଲେ । କମିଶନର ସାହେବ ଏ ବିଷୟ ଘରୋଇରେ ମୀମାଂସା କରି ଧନ୍ୟବାଦର ପାତ୍ର ହୋଇଅଛନ୍ତି । ସେ ବାଦୀମାନଙ୍କୁ ଡକାଇ ଅଣି କୋଠିରେ ସାହେବ ସମ୍ମୁଖରେ ନାଥନସାହେବଙ୍କଦ୍ୱାରା କ୍ଷମା ପ୍ରାର୍ଥନା କରାଇ ସେମାନଙ୍କ ଗୁହାରି ମୀମାଂସା କରି ଦେଇଥିଲେ । କମିଶନରସାହେବଙ୍କର ଏପ୍ରକାର କାର୍ଯ୍ୟରେ ହାତ ଚାହିଁକି ସର୍ବସାଧାରଣ ପ୍ରୀତ ହୋଇଅଛନ୍ତି ଓ କୁକ୍ସାହେବଙ୍କୁ ଆନ୍ତରିକ ସହିତ ଧନ୍ୟବାଦ ପ୍ରଦାନ କରୁଅଛନ୍ତି । ଅମ୍ଭେମାନେ ମଧ୍ୟ ଆଶା କରୁଁ ସାହେବ ମହୋଦୟ ସାଧାରଣ

Digitized by srujanika@gmail.com

ପ୍ରୀତିଜନକ କାର୍ଯ୍ୟ କରି ଓଡ଼ିଶାର ପ୍ରିୟବନ୍ଧୁ ବୋଲି ପରିଚିତ ହେଉନ୍ତୁ ।

---

ପୁନାନଗର ନିକଟବର୍ତ୍ତୀ ଇଓଲାଠାରେ ହିନ୍ଦୁ ଓ ମୁସଲମାନମାନଙ୍କ ମଧ୍ୟରେ ଭୟାନକ ହଙ୍ଗାମା ହୋଇଯାଇଥିବାର ସମ୍ବାଦ ମିଳଇ । କଥିତ ହୁଏ କେତେକ ଦୁଷ୍ଟ ମୁସଲମାନ ମାରୁତି-ମନ୍ଦିରର ସମ୍ମୁଖସ୍ଥ ମଣ୍ଡପରେ ଅଗ୍ନି ଲଗାଇ ପୋଡ଼ି ଦେବାରୁ ଏବଂ ଅନ୍ୟ ଏକ ଗୋଟିଏ ହିନ୍ଦୁମନ୍ଦିରର ପବିତ୍ରତା ନଷ୍ଟ କରିବାରୁ ହିନ୍ଦୁମାନେ ତହିଁର ପ୍ରତିଶୋଧ ନେବାକୁ ଯାଇ ଗୋ ୪ ଟି ମସ୍‌ଜିଦରେ ନିଆଁ ଲଗାଇ ଦେଲେ । ତହୁଁ ଉଭୟଦଳରେ ପିଟାପିଟି ଆରମ୍ଭ ହେଲା । ଏଥିରେ ସମ୍ବାଦ ପାଇଲାମାତ୍ରେ କଲେକ୍ଟର ଓ କମିଶନର ସାହେବମାନେ ସରଜମିନକୁ ବାହାର ହେଲେ ଏବଂ ସେନାସାହାଯ୍ୟରେ ଶୀଘ୍ର ଶାନ୍ତି ସ୍ଥାପନ କରିବାକୁ ସକ୍ଷମ ହେଲେ । ଏଥିରେ ଜ ୪ ଣ ଲୋକ ହତ ଏବଂ ଜ ୨୦ ଣ ଆହତ ହୋଇଅଛନ୍ତି । କେତେକ ଲୋକ ଧରା ହୋଇ ବିଚାରାଧୀନରେ ଅଛନ୍ତି ଏବଂ ଉକ୍ତ ସ୍ଥାନରେ ଶାନ୍ତିରକ୍ଷା ନିମିତ୍ତ ଅମେଦ ନଗରରୁ ଅଥବା ସେନା ଇଓଲାଠାକୁ ଯାଇଅଛନ୍ତି । ଅମ୍ଭେମାନେ ଭରସା କରୁଁ ଏ ସମ୍ପର୍କୀୟ ମୋକଦ୍ଦମା ଉଚିତ ହୋଇ ବିଚାରିତ ହେବ ।

ବିଲାତରେ ବର୍ତ୍ତମାନ ଟଙ୍କାର ମୂଲ୍ୟ ୧ସିଲିଂ ୧୪ ପେନ୍‌ସ ହୋଇଥିବାର ସମ୍ବାଦ ମିଳଇ ଏବଂ କଥିତ ହୁଏ ଯେ ମୂଲ୍ୟ ଅଧିକ କମିଯିବ । ବିଲାତରେ ଟଙ୍କାଟାକୁ ଅପଦାର୍ଥ ଭଳେ ଥୋଇଦେଲେଣି ପରା ! ଏହା ଅମ୍ଭମାନଙ୍କର କପାଳ !

---

ମାନ୍ଦ୍ରାଜଅଞ୍ଚଳର ଗଣ୍ଡାକୋଲଠାରେ ଜ ୬ ଣ ଗୋରାସିପାହି ଜଣେ ଦେଶୀୟ ଲୋକକୁ ମାରୁଁ ଗୁଳିଦ୍ୱାରା ମାରିପକାଇ ଥିବା ଅପରାଧରେ ମାନ୍ଦ୍ରାଜ ହାଇକୋର୍ଟଦ୍ୱାରା ବିଚାରିତ ହେଉଥିଲେ । ମୋକଦ୍ଦମାର ବୃତ୍ତାନ୍ତ ଏହିକି ସିପାହୀମାନେ ଦୁଇଗୋଟି ସ୍ତ୍ରୀ ଲୋକ ପଛରେ ମନ୍ଦ ଅଭିପ୍ରାୟରେ ଗୋଡ଼ାଇଥିବା ଅବସ୍ଥାରେ ସ୍ତ୍ରୀ ଲୋକମାନେ ଆତ୍ମରକ୍ଷାର୍ଥ ମୃତବ୍ୟକ୍ତି ଘରେ ହଠାତ ପ୍ରବେଶ କଲେ ଏବଂ ମୃତବ୍ୟକ୍ତି ସେମାନଙ୍କୁ ରକ୍ଷାକରିବା ଉଦ୍ଦେଶ୍ୟରେ ଦ୍ୱାରଠାରେ ସିପାହୀଙ୍କର ଗତି ଅବରୋଧ କଲା । ସିପାହୀମାନେ ଅନ୍ୟ ଉପାୟ ନ ପାଇ କ୍ରୋଧରେ ମାରୁଁ ଅବଶେଷରେ ଗୁଳିଦ୍ୱାରା ମୃତବ୍ୟକ୍ତିକି ମାରିପକାଇଲେ । ଅସାମୀମାନେ ବିଚାର ସମୟରେ କହିଲେ ଯେ ସେମାନେ ଉକ୍ତ ସ୍ତ୍ରୀ ଲୋକମାନଙ୍କ ସହିତ ଅଭିଗମନ କରିବା କାରଣ ମୃତକ ଦ୍ୱାରା ଦର ସ୍ଥିର କରିଥିଲେ ଏବଂ ମୃତବ୍ୟକ୍ତି ଅଧିକ ଦର ଦାବୀକରିବା ଓ ସେମାନେ ଅଳ୍ପ ଦର ଦେଇ ଭିତରକୁ ଯିବା କାରଣ ବଳ ପ୍ରକାଶ କରିବାରେ ମୃତବ୍ୟକ୍ତି ଏକାବେଳକେ ଖଡ଼ଗହସ୍ତ ହୋଇ ସେମାନଙ୍କୁ ମାରିବାକୁ ଉଦ୍ୟତ ହେବାରୁ ପ୍ରାଣରକ୍ଷାର୍ଥ ସେମାନେ ମୃତବ୍ୟକ୍ତିକି ମାରୁଁସେ [illegible] ମାତ୍ର ସେମାନଙ୍କର ତାହାକୁ ମାରିପକାଇବାର ଉଦ୍ଦେଶ ନ ଥିଲା । ଏ ମୋକଦ୍ଦମାରେ ସାକ୍ଷିମାନେ ସମସ୍ତେ ସିପାହୀ ଓ ଜୁରି ଇଂରାଜଙ୍କଦ୍ୱାରା ସଂଗଠିତ ଥିଲା । ବିଚାର ଶେଷହେଲା ପରେ ହାଇକୋର୍ଟର ପ୍ରଧାନ ବିଚାରପତି ଜୁରିମାନଙ୍କର ମତ ଗ୍ରହଣ କରିବାରୁ ଜୁରିମାନେ ଆସାମୀ ନିର୍ଦ୍ଦୋଷୀ ଥିବାର ମତ ଦେଲେ । ସୁତରାଂ ଆସାମୀମାନେ ବିନା ଦଣ୍ଡରେ ମୁକ୍ତି ଲାଭ କରିଅଛନ୍ତି ।-ଠିକ ହୋଇଅଛି । ଜଣେ ଦେଶୀୟ ଲୋକକୁ ମାରି ଜ ୬ ଣ ଇଂରାଜ ଦଣ୍ଡ ଲାଭ କରିଥିଲେ ବଡ଼ କଳଙ୍କର କଥା ହୋଇଥାନ୍ତା । ଭାଗ୍ୟକୁ ସେମାନେ ନିଜପ୍ରାଣ ରକ୍ଷା କରିବାର ଅଭିପ୍ରାୟ ପ୍ରକାଶ କଲେ ନୋହିଲେ ତାଙ୍କ ସ୍ୱୀକାର ବଚନଦ୍ୱାରା ସେମାନଙ୍କୁ ବଡ଼ କଷ୍ଟରେ ପଡ଼ିବାକୁ ହୋଇଥାନ୍ତା । ଅସାମୀଙ୍କ ଜବାବକୁ ବିଚାରଟା ଅଠିକ ବୋଲି କଏ ବୋଲିବ ?

---

## ଓଡ଼ିଶା-ବନ୍ଧ ।

ଓଡ଼ିଶାର ବନ୍ଧମାନ ରକ୍ଷା କରିବାକୁ ହେବ କି ନାହିଁ ଏହି ପ୍ରସଙ୍ଗ ଅନେକ ଦିନ ହେଲା ବଙ୍ଗୀୟ ଗବର୍ଣ୍ଣମେଣ୍ଟଙ୍କ ବିଚାରାଧୀନରେ ଥିଲା । ବର୍ତ୍ତମାନ ନିଶ୍ଚିତରୂପେ ଧାର୍ଯ୍ୟ ହୋଇଅଛି କି ଦେଶର ଯେଉଁ ଭାଗ ନାଳବନ୍ଧ ଅଧୀନରେ ଅଛି କେବଳ ସେହି ଭୂମି ରକ୍ଷା କରିବାକୁ ହେବ । ଅନ୍ୟ ବନ୍ଧମାନଙ୍କ ସମ୍ବନ୍ଧରେ ଏହି ବ୍ୟବସ୍ଥା ହୋଇଅଛି କି ଯେ ସମସ୍ତ ଖଣ୍ଡ ବନ୍ଧ ଗ୍ରାମ ରକ୍ଷା ନିମନ୍ତେ ଅବଶ୍ୟକ ନୁହେ ସେ ସମସ୍ତ ପରିତ୍ୟକ୍ତ ହେବ ଏବଂ ଯେଉଁ ନଦୀର ଦୁଇପାଖରେ ବନ୍ଧ ରହିଲେ ବଡ଼ବଢ଼ି ହେଲେ କୌଣସି ଏକ ପାଖର ବନ୍ଧଭାଙ୍ଗି ଯିବା ନିଶ୍ଚୟ ସେହି ନଦୀର ଦୁଇପାଖର ବନ୍ଧ ରହିବ ନାହିଁ । ସନ ୧୮୯୨ ସାଲ ଅରମ୍ଭରୁ ଯେଉଁ ନୂତନ ବନ୍ଦୋବସ୍ତ ହେବ ତାହା ନିକଟବର୍ତ୍ତୀ ହେବା ଦୃଷ୍ଟିରେ ସରକାର ଉପର ଲିଖିତମତେ ନିଷ୍ପତ୍ତି କରିଅଛନ୍ତି । ବଡ଼ବଢ଼ିର ଦାଉ ସମ୍ଭାଳି ପାରିବା ଅବସ୍ଥାରେ ଓଡ଼ିଶାର ବନ୍ଧମାନ ରଖାଯାଇ ପାରେ କି ନା ଏହି ବିଷୟର ଅନୁସନ୍ଧାନ ନିମନ୍ତେ ଶ୍ରୀଯୁକ୍ତ ସ୍ପିଇଣ୍ଡସାହେବ ସନ ୧୮୭୪ ସାଲରେ ନିଯୁକ୍ତ ହୋଇଥିଲେ । ସେ ତଦନ୍ତ କରି ଜଣାଇଲେ ଯେ ଏକା ମହାନଦୀର ବନ୍ଧମାନ ସୁଦୃଢ଼କରିବା କାରଣ ଅନ୍ୟୁନ ୪୫ ଲକ୍ଷ ଟଙ୍କା ବ୍ୟୟ ହେବ ଏବଂ ଏତେ ଉଚ୍ଚ ବନ୍ଧମାନ ମରାମତିର ବାର୍ଷିକ ଖର୍ଚ୍ଚା ଅତ୍ୟନ୍ତ ଅଧିକ ହେବ । ଏପରି ବନ୍ଧ ସଂଖ୍ୟାର କଟାଟି ପୋଲ ନିର୍ମାଣ ନ କଲେ କ୍ଷେତରେ ଜଳ ମାଡ଼ିବାର ସାଧାରଣ ଉପାୟ ବନ୍ଦ ହେବାହେତୁ ଲୋକଙ୍କର ଭାରି ଅସନ୍ତୋଷ ଜାତ ହେବ । ଏହିସବୁ କାରଣରୁ ବଙ୍ଗୀୟ ଗବର୍ଣ୍ଣମେଣ୍ଟ ଉପର ଲିଖିତ ମତେ ନାଳ ଅଧୀକୃତଭୂମି ଛଡ଼ା ଆଉ ସମସ୍ତ ଭୂମିର ବନ୍ଧମାନ ଉଠାଇ ଦେବାର ସ୍ଥିର କରିଅଛନ୍ତି । ଅମ୍ଭେମାନେ ଏତିକି କହିବୁଁ ଯେ ସରକାର କେବଳ ବ୍ୟୟଲାଘବ ଉଦ୍ଦେଶ୍ୟରେ ଏପରି ବିଚାର କରିଅଛନ୍ତି ତାହା ଏଥିର ହେତୁମାନ ଯୁକ୍ତିସଙ୍ଗତ ବୋଲାଯାଇ ନ ପାରେ ଏବଂ ଏହାଦ୍ୱାରା ଅନେକ ସ୍ଥାନରେ ଧୋଇ ହେବ ଓ ପ୍ରଜାଙ୍କ ବାଧିବ ଏଥିରେ ସନ୍ଦେହ ନାହିଁ । ବନ୍ଧ ଉଠାଇ ନ ଦେଇ ଶ୍ରୀଯୁକ୍ତ ସ୍ପିଇଣ୍ଡସାହେବଙ୍କ ପ୍ରସ୍ତାବମତେ କଟାଟି ପୋଲମାନ କରିଦେବା ଉଚିତ ଥିଲା । ତାହା ହେଲେ ବଢ଼ିର ଉତ୍ପାତ ଊଣା ହୁଅନ୍ତା ଓ କ୍ଷେତରେ ଜଳ ମାଡ଼ନ୍ତା ମାତ୍ର ବ୍ୟୟସାଧ୍ୟ ହୋଇ ସରକାର ତାହା ନ କରି କେବଳ ନାଳପାଖସ୍ଥ ବନ୍ଧମାନ ରକ୍ଷା କରିବାଦ୍ୱାରା ଅପର ପ୍ରଜାଙ୍କର କ୍ଷତି କରିବାକୁ ପ୍ରବୃତ୍ତ ହେଲେ ଏହା ସୁବିଚାର ବୋଲି ଯାଇ ନ ପାରେ ।

---

## ବୃକ୍ଷରୋପଣ ।

ଗଛଦ୍ୱାରା ମନୁଷ୍ୟର କେତେ ଉପକାର ହୁଏ ବିସ୍ତାରିତ କହି ଦେବାକୁ ହେବ ନାହିଁ । ଅବଦମାନ କାଳରୁ ଲୋକେ ଗଛର ଉପକାରିତା ବିଶେଷରୂପେ ଅନୁଭବ କରିବାରୁ କି ହିନ୍ଦୁ କି ମୁସଲମାନ ସମସ୍ତଙ୍କ ଧର୍ମ ଶାସ୍ତ୍ରରେ ଗଛ ଲଗାଇବା ପୁଣ୍ୟକାର୍ଯ୍ୟ ବୋଲି ଲିଖିତ ହୋଇଅଛି । ଜୀବନ ନିର୍ବାହ ନିମନ୍ତେ ଯେମନ୍ତ

Split by PDF Splitter

Digitized by srujanika@gmail.com

ଶସ୍ୟର ପ୍ରୟୋଜନ ଯେମନ୍ତ ବୃକ୍ଷର ପ୍ରୟୋଜନ ବରଂ ତଦପେକ୍ଷା ଅଧିକ । ରନ୍ଧନ କରିବାକୁ ଅଗ୍ନି କାଠ ଲୋଡ଼ା ଏବଂ କାଠ ବିନା ଘରଖଣ୍ଡେ କରି ଶୀତ ବର୍ଷାରୁ ରକ୍ଷା ପାଇବାର ଉପାୟ ନାହିଁ । ଥୋଇ ମରୁଡ଼ିରେ ଶସ୍ୟ ନାଶ ହୋଇ ଗଛର ଫଳ ଫୁଲ ପତ୍ର ଇତ୍ୟାଦି ଦ୍ୱାରା ମନୁଷ୍ୟ ଓ ଗବାଦିଙ୍କର ପ୍ରାଣଧାରଣର ଅନେକ ସାହାଯ୍ୟ ହୁଏଇ । ଫଳତଃ ପ୍ରାଣରକ୍ଷା ନିମନ୍ତେ କୃଷି ଓ ବାଗ ବଗିଚା ପରସ୍ପର ସହାୟ ଏ ଛଡ଼ା ବୃକ୍ଷଦ୍ୱାରା ବସ୍ତ୍ର ଔଷଧ ଘର ଏବଂ ଘରକରଣା ନେଜେକ ଦ୍ରବ୍ୟ ପ୍ରାପ୍ତ ହୁଏଇ ତାହା ସମସ୍ତେ ଜାଣନ୍ତି । ଏହା ଛଡ଼ା ଗଛର ଆଉ ଗୋଟିଏ ଗୁଣ ଏହି କି ଋତୁର ସମତା ରକ୍ଷାକରେ ଅର୍ଥାତ୍ ଶୀତ ଗ୍ରୀଷ୍ମାଦିର କଠୋରତା ଶାନ୍ତ କରେ ଏବଂ ଭୂମିର ଉର୍ବରତା ବୃଦ୍ଧି କରେ ଏଥିପାଇଁ ବାସସ୍ଥାନ ଏବଂ କୃଷିକ୍ଷେତ୍ରର ନିକଟରେ ବାଗ ବଗିଚା ରହିବା ଅତ୍ୟନ୍ତ ବାଞ୍ଛନୀୟ । ପୂର୍ବକାଳରେ ଲୋକମାନେ ବୃକ୍ଷର ଏସମସ୍ତ ହିତରେ ଗୁଣମାନ ଅନୁଭବ କରି ବାଗ ବଗିଚା ପ୍ରସ୍ତୁତ ଓ ରକ୍ଷାକରିବା ପ୍ରତି ବିଶେଷ ଯତ୍ନବାନ୍ ଥିଲେ ଏବଂ ତଦ୍ୱାରା ଅଳ୍ପକଷ୍ଟରେ ସେମାନେ ସୁଖୀ ଥିଲେ । ବର୍ତ୍ତମାନକାଳରେ ଠିକ ତହିଁର ବିପରୀତ ଘଟିଅଛି । ଗଛ ଲଗାଇବାର ପ୍ରବୃତ୍ତି ପ୍ରାୟ ନାହିଁ ବରଂ ବାଗ ବଗିଚା ସବୁ କାଟି ବନ୍ଧଯୁକ୍ତ କରି ସେହି ଭୂମିରେ ଚାଷ କରୁଅଛନ୍ତି । ଗଛ ଲଗାଇ ତହିଁର ଫଳ ଲାଭ କରିବାକୁ ଅନ୍ତତଃ ୫ ।୭ ବର୍ଷ ଅପେକ୍ଷା କରିବା ପ୍ରୟୋଜନ ଏବଂ ଛୋଟ ଗଛକୁ ନାନା ଆପଦରୁ ରକ୍ଷା କରି ବଢ଼ାଇବା ସାମାନ୍ୟସହ୍ୟ ଓ ପରିଶ୍ରମର କାର୍ଯ୍ୟ ନୁହଇ । ଲୋକେ ଆଜି କାଲି ଏପରି ଅପରିଣାମଦର୍ଶୀ ଅଥବା ପେଟସର୍ବସ୍ୱ ହୋଇ ଅଛନ୍ତି ଯେ ବର୍ତ୍ତମାନର କିଞ୍ଚିତ୍ ଲାଭ ନିମନ୍ତେ ଭବିଷ୍ୟତର ବିଶେଷ ଲାଭପ୍ରତି ଆଦୌ ମନ ଦେଉ ନାହାନ୍ତି । ବଗିଚା କାଟି ସେ ଜମିରେ ଧାନକ୍ଷେତ କରୁଅଛନ୍ତି ମାତ୍ର ପଚାରିଲେ ଟିକିଏ ଖରା ଖାଇଲେ ସେ ଧାନ ନଷ୍ଟ ହେଉଅଛି ତାହା ବୁଝି ପାରୁ ନାହାନ୍ତି । ଅଛି ବଞ୍ଚ ନ ହେଉ ଅନ୍ତତଃ କ୍ଷେତରକ୍ଷା ନିମନ୍ତେ ଠାବେ ଠାବେ ବୃକ୍ଷ ଲଗାଇବା ଆବଶ୍ୟକ ଏବଂ ଯଦ୍ୟପି କି ବୃକ୍ଷର ଛାଇତଳେ ଅଳ୍ପଜମି ମାଡ଼ିଯିବାର କଥା ମାତ୍ର ତାହା ଲାଭକାର ବିଷୟ ନୁହଇ କାରଣ ବିଶେଷ ଜମିର ହିତନିମନ୍ତେ ଅଳ୍ପ ଜମି ନଷ୍ଟ ହେବା କ୍ଷତିଜନକ ନୁହଇ । ଏପରି ବହୁ କୃଷକର ଗଛକଟା ନିମି-ତ୍ତ ବା ହେଉଥିବାର ନୁହେ । ତହିଁରେ ବନଜାତ ଅବା ସମ୍ପୂର୍ଣ୍ଣରୂପେ ପ୍ରଭାତ ଖଇଚଳଥ ଫସଲ ହେବ ଏବଂ ତଦ୍ୱାରା ମନ ଲାଭ ନାହିଁ । କ୍ରମାଗତ ଲୋକେ ବୃକ୍ଷାଦି କାଟି ନଷ୍ଟ କରିବାରୁ ସରକାର ବାହାଦୁର ଜଙ୍ଗଲସୁରକ୍ଷାର ବ୍ୟବସ୍ଥା କରିଅଛନ୍ତି ଏବଂ ବୃକ୍ଷ ଲଗାଇବା ନିମନ୍ତେ ଲୋକଙ୍କୁ ଉପଦେଶ ଦେଉ ଅଛନ୍ତି । ଆମ୍ବ ପଣସ ଜାମୁ ନଡ଼ିଆ ଗୁଆ ପୁନାଙ୍ଗ ନିମ୍ବ ବେଲପ୍ରଭୃତି ବୃକ୍ଷର ଉପକାରିତା ସମସ୍ତେ ଜାଣନ୍ତି । ଆଉ ୨୬ ପ୍ରକାର ବଡ଼ବୃକ୍ଷମାନ କି ପ୍ରଣାଳୀରେ ଲଗାଇଲେ ବିଶେଷ ଲାଭର କଥା ତାହା ଲୋକଙ୍କୁ ବୁଝାଇବା କାରଣ ସରକାରୀ କୃଷିବିଭାଗରୁ ଖଣ୍ଡିଏ ଉପଦେଶପତ୍ର ବାହାର ଅଛି । ତହିଁର ସଂକ୍ଷେପ ବିବରଣ ବାରାନ୍ତରେ ପାଠକମାନଙ୍କୁ ଜଣାଇବାର ଚେଷ୍ଟା କରିବୁଁ ।

---

## ଅନୁଗୁଳସମ୍ବନ୍ଧୀୟ ଆଇନ ।

ଭାରତୀୟ ଷ୍ଟେଟସେକ୍ରେଟରୀଙ୍କ ଆଦେଶମତେ ଓଡ଼ିଶାର ଅନୁଗୁଳ ଏବଂ ଖଣ୍ଡମାଳ ପ୍ରତି ଭକ୍ଟୋରିଆ ଅ ୩୭ ଙ୍କର ଅ ୩ ଧାରା ଧା ୧ ସ୍ୱ ପ୍ରବର୍ତ୍ତିବାରୁ ବଙ୍ଗୀୟ ଗବର୍ଣ୍ଣମେଣ୍ଟଙ୍କ ପ୍ରସ୍ତାବମତେ ମହାମାନ୍ୟ ଗବର୍ଣ୍ଣର ଜେନେରଲ ଅନୁଗୁଳଖଣ୍ଡମାଳ ଯୁକ୍ତ ସନ ୧୮୯୪ ସାଲର ୧ ରେଗୁଲେସନ ଯାହା ଗତମାସ ତା ୮ ରିଖରେ ମଞ୍ଜୁର ଏବଂ ସର୍ବସାଧାରଣଙ୍କ ଗୋଚରାର୍ଥେ ଇଣ୍ଡିଆଗେଜେଟରେ ପ୍ରକାଶ କରିଅଛନ୍ତି ଏହି ରେଗୁଲେସନର ସଂକ୍ଷେପ ତାତ୍ପର୍ଯ୍ୟ ନିମ୍ନେ ପ୍ରକାଶିତ ହେଲା । ଯଥା,

ଅନୁଗୁଳ ଓ ଖଣ୍ଡମାଳ ମିଶି ଅନୁଗୁଳ ନାମରେ ଗୋଟିଏ ଜିଲ୍ଲା ହେବ ଏବଂ ଅନୁଗୁଳ ଓ ଖଣ୍ଡମାଳ ତହିଁର ଦୁଇ ସବଡ଼ିଭିଜନ ହେବ । ଜିଲ୍ଲାର ଭାରପ୍ରାପ୍ତ କର୍ତ୍ତାଙ୍କ ନାମ ଡେପୁଟୀକମିଶନର ଏବଂ ସବଡ଼ିଭିଜନର ଭାରପ୍ରାପ୍ତ କର୍ମଚାରୀଙ୍କ ନାମ ତହସିଲଦାର ହେବ । ତହସିଲଦାରମାନେ ଡେପୁଟୀ କମିଶନର ଏବଂ ଡେପୁଟୀ କମିଶନର ଓଡ଼ିଶା ଗଡ଼ଜାତ ସୁପ୍ରିଣ୍ଟେଣ୍ଡେଣ୍ଟଙ୍କ ଅଧୀନ ହେବେ । ତହସିଲଦାରମାନେ ଡେପୁଟୀ କଲେକ୍ଟର ଓ ସବଡ଼ିଭିଜନ ଡେପୁଟୀ ମାଜିଷ୍ଟ୍ରେଟ ଏବଂ ଦେବାନୀସମ୍ବନ୍ଧେ ୫୦୦୧ ଟଙ୍କା ଦାବି ପର୍ଯ୍ୟନ୍ତ ମୋକଦ୍ଦମା ବିଚାରର କ୍ଷମତା ପାଇବେ । ଡେପୁଟୀ କମିଶନର ଜିଲ୍ଲା କଲେକ୍ଟର ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଓ ସେସନ ଜଜଙ୍କ ଏବଂ ଡିଷ୍ଟ୍ରିକ୍ଟ ଜଜଙ୍କ କ୍ଷମତା ପାଇବେ ଏବଂ ତାହାଙ୍କର ସୀମାବଦ୍ଧ ଦେବାନୀ ସରେଜମିନ ଅପୀଲ ମୋକଦ୍ଦମାମାନଙ୍କର ବିଚାର କରିବେ । ଗଡ଼ଜାତ ସୁପ୍ରିଣ୍ଟେଣ୍ଡେଣ୍ଟ ରାଜସ୍ୱ ସମ୍ବନ୍ଧରେ କମିଶନର ଏବଂ ରେଭେନ୍ୟୁ ବୋର୍ଡଙ୍କ କ୍ଷମତା ଏବଂ ଫଉଜଦାରୀ ଓ ଦେବାନୀ ସମ୍ବନ୍ଧରେ ହାଇକୋର୍ଟଙ୍କ କ୍ଷମତା ବ୍ୟବହାର କରିବେ କେବଳ କୌଣସି ଫଉଜଦାରୀ ମୋକଦ୍ଦମାର ଆସାମୀମଧ୍ୟରେ କେହି ଇଂରାଜ ଥିଲେ ସେ ମୋକଦ୍ଦମାର ବିଚାର ସମ୍ବନ୍ଧରେ ହାଇକୋର୍ଟର କ୍ଷମତା ବ୍ୟବହାର କରି ପାରିବେ ନାହିଁ । ବଙ୍ଗୀୟ ହାଇକୋର୍ଟରେ ତହିଁର ଶେଷ ମୀମାଂସା ହେବ । ଡେପୁଟୀ କମିଶନର ଜୁରି କିମ୍ବା ଆସେସରଙ୍କ ସାହାଯ୍ୟ ବିନା ଦୌରା ବିଚାର କରିବେ ଏବଂ ମାଜିଷ୍ଟ୍ରେଟ ସ୍ୱରୂପ ମାଂସପର୍ଯ୍ୟନ୍ତ କାରାବାସ କିମ୍ବା ଏକଶତ ଟଙ୍କା ପର୍ଯ୍ୟନ୍ତ ଅର୍ଥଦଣ୍ଡ ଦେଲେ ତହିଁର ଅପୀଲ ହେବ ନାହିଁ । ତହସିଲଦାରମାନେ ଏକ ମାସରୁ ଊର୍ଦ୍ଧ୍ୱ କାରାବାସ କିମ୍ବା ଟ ୫୦୧ ଙ୍କାରୁ ଊର୍ଦ୍ଧ୍ୱ ଅର୍ଥଦଣ୍ଡ ନ ଦେଲେ ତହିଁର ଅପୀଲ ହେବ ନାହିଁ । ଉତ୍ତରାଧିକାରୀ ସମ୍ପତ୍ତି ବିଭାଗ ଇତ୍ୟାଦି ଦେବାନୀ ମୋକଦ୍ଦମାର ପକ୍ଷମାନେ ହିନ୍ଦୁ ମୁସଲମାନ କିମ୍ବା ବୌଦ୍ଧ ଧର୍ମାବଲମ୍ବୀ ହେଲେ ସେମାନଙ୍କ ଜାତୀୟ ଶାସ୍ତ୍ରାନୁସାରେ ଅଥବା ଅନୁଗୁଳର ପ୍ରଚଳିତ ଦସ୍ତୁର ଅନୁସାରେ ତହିଁର ବିଚାର ହେବ । କିନ୍ତୁ ଋଣ ମୋକଦ୍ଦମାରେ ଆସଲ ଅପେକ୍ଷା ଅଧିକ ସୁଧ ଡିଗ୍ରୀ ଦିଆଯିବ ନାହିଁ ଏବଂ ଏକ ବର୍ଷରୁ ଅଧିକ ମିଆଦର ଋଣସୂତ୍ରରେ ଯେତେ ସୁଧର ଚୁକ୍ତି ଥାଉ ପଛକେ ଶତକଡ଼ା ମାସକୁ ଟ ୨ ଙ୍କାରୁ ଅଧିକ ଦରରେ ଅଦାଲତ ସୁଧ ଦେବେ ନାହିଁ । ଡେପୁଟୀ କମିଶନର ଗ୍ରାମ୍ୟ ଚୌକିଦାର ବାହାଲ ଏବଂ ବରଖାସ୍ତ କରି ପାରିବେ ଏବଂ ଚୌକିଦାର ଡିଷ୍ଟ୍ରିକ୍ଟ ସୁପ୍ରିଣ୍ଟେଣ୍ଡେଣ୍ଟଙ୍କ ଅନୁମତି ବିନା କାର୍ଯ୍ୟ ଛାଡ଼ିଗଲେ ଅଥବା ହେଲା କଲେ ଅର୍ଥଦଣ୍ଡର ଦାୟୀ ହେବ । କୋର୍ଟଫିସ ଓ ଷ୍ଟାମ୍ପ ଆଇନମାନ କେବଳ ଅନୁଗୁଳ ସବଡ଼ିଭିଜନରେ ଜାରି ହେବ । ଦଲିଲ ରେଜିଷ୍ଟ୍ରୀ ଅଧାଇନଃ ପକ୍ଷମାନଙ୍କ ଇଚ୍ଛାମତେ ହେବ ଓ ରେଜିଷ୍ଟ୍ରୀ ସମ୍ବନ୍ଧରେ ଡେପୁଟୀ କମିଶନର ଜିଲ୍ଲା ରେଜିଷ୍ଟ୍ରାର ହେବେ ମାତ୍ର ଏଥିଉତ୍ତାରୁ ଗବର୍ଣ୍ଣମେଣ୍ଟ ସମୟେ ସମୟେ ବିଜ୍ଞାପନ ଦେଇ କୌଣସି ଦଲିଲ ରେଜିଷ୍ଟ୍ରୀ କରିବାକୁ ଛଡ଼ାନ୍ତ ଅବଶ୍ୟକ ହୋଇ ନିର୍ଣ୍ଣୟ କରି ପାରି-

Split by PDF Splitter

Digitized by srujanika@gmail.com

Split by PDF Splitter



ବେ । ରେଜଷ୍ଟ୍ରାରୀ ସମ୍ବନ୍ଧୀୟ ନିୟମାବଳୀ ଏଣିକି ପରେ ପ୍ରକାଶ ହେବ । ପୁଲିସ ଆଇନ ମତେ ଅନୁଗୁଳ ଗୋଟିଏ ପୋଲିସ ଜିଲ୍ଲା ହେବ ଏବଂ ଗଡ଼ଜାତ ସୁପ୍ରେଣ୍ଟ ପୋଲିସ ଇନସ୍ପେକ୍ଟର ଜେନେରଲଙ୍କର ସମସ୍ତ ଅଧିକାର ଓ କ୍ଷମତା ବ୍ୟବହାର କରିବେ ।

ଉପର ଲିଖିତ କାର୍ଯ୍ୟପ୍ରଣାଳୀରୁ ପାଠକମାନେ ଦେଖିବେ ଯେ ଭାରତବର୍ଷରୁ ଅନ୍ୟାନ୍ୟ ଅନୁନ୍ନତ ଭୂମିଖଣ୍ଡର ଶାସନ ସମ୍ବନ୍ଧରେ ଯେଉଁ କାର୍ଯ୍ୟପ୍ରଣାଳୀ ପ୍ରଚଳିତ ଅଛି ଏହା ପ୍ରାୟ ସେହିପରି ହୋଇଅଛି । କେବଳ ପ୍ରାଣଦଣ୍ଡ ସମ୍ବନ୍ଧରେ ସୁପ୍ରେଣ୍ଟଙ୍କ କ୍ଷମତା କିଛି ବୃଦ୍ଧି ହୋଇ ଥିବାର ପ୍ରକାଶ । ଅନ୍ୟାନ୍ୟ ଗଡ଼ଜାତ ସମ୍ବନ୍ଧରେ ସୁପ୍ରେଣ୍ଟଙ୍କ ପ୍ରାଣଦଣ୍ଡାଜ୍ଞା ସ୍ଥାନୀୟ ଗବର୍ଣ୍ଣମେଣ୍ଟଙ୍କଦ୍ୱାରା ଅନୁମୋଦିତ ହେବାର ଆବଶ୍ୟକ କିନ୍ତୁ ଅନୁଗୁଳ ସମ୍ବନ୍ଧରେ ସେ ହାଇକୋର୍ଟର କ୍ଷମତା ପାଇବାରୁ ତାହାଙ୍କର ଆଦେଶ ଚୂଡ଼ାନ୍ତ ଅଟେ ହାଇକୋର୍ଟରେ ଅନ୍ତତଃ ଦୁଇଜଣ ବିଚାରପତି ଏକତ୍ରେ ବସି ବିଚାର କରନ୍ତି । ଏଠାରେ ଏକା ସୁପ୍ରେଣ୍ଟଙ୍କ ବିଚାରରେ ଏକଜଣ ଫାଶି ପାଇ ପାରେ । ଏହି ଅଧିକାରଟି ଗବର୍ଣ୍ଣମେଣ୍ଟ ଆପଣା ହାତରେ ରଖିଥିଲେ ଭଲ ହୋଇ ଥାନ୍ତା ।

---

ଗତ ତା ୯ ରିଖ ଶୁକ୍ରବାର ଦିବସ ବ୍ୟବସ୍ଥାପକ ସଭାର ବୈଠକ ହୋଇଥିଲା । ସଭାରେ ନିମ୍ନଲିଖିତ କେତେକ ପ୍ରଶ୍ନ ଉତ୍ଥାପନ ହୋଇଥିଲା ଓ ମାନନୀୟ କଟନସାହେବ ଉତ୍ତର ପ୍ରଦାନ କରିଥିଲେ ମାନନୀୟ ସର୍ ଚାର୍ଲସ୍ ଇଲିୟଟ୍ ସଭାପତିର ଆସନ ଗ୍ରହଣ କରିଥିଲେ ।

୧ମ ପ୍ରଶ୍ନ । ବେହାରସ୍ଥ ଜେଲଖାନାର ବେସରକାରୀ ଦର୍ଶକମାନଙ୍କଠାରୁ ସରକାର କୌଣସି ରିପୋର୍ଟ ପ୍ରାପ୍ତ ହୋଇଥିଲେ କି ନା ଓ ସେଥିରେ କଏଦିମାନଙ୍କ ନୈତିକ ଉନ୍ନତି ସମ୍ବନ୍ଧରେ କୌଣସି ପରାମର୍ଶ ଦିଆ ହୋଇଅଛି କି ନା ? ଓ ସରକାର ସେହି ରିପୋର୍ଟମାନ ସଭାରେ ଆଗତ କରିବେ କି ନା ?

ଉତ୍ତର—ରିପୋର୍ଟ ଆସିଥିବା କଥା ସତ୍ୟ କିନ୍ତୁ ନୀତିଶିକ୍ଷା ସମ୍ବନ୍ଧରେ କୌଣସି ପରାମର୍ଶ ପ୍ରଦତ୍ତ ହୋଇ ନାହିଁ ।

୨ୟ । ଜେଲଖାନାରେ ଧର୍ମ୍ମବିଷୟକ ଉପଦେଶ କାର୍ଯ୍ୟ ଚଳାଇବାଦ୍ୱାରା କଏଦିମାନଙ୍କୁ ନୀତିଶିକ୍ଷା ପ୍ରଦାନ କରିବା ଉଚିତ କି ନା ?

ଉତ୍ତର—ଅନେକଥର ଏ ପ୍ରଶ୍ନ ସରକାରଙ୍କ ବିବେଚନାଧୀନରେ ଆସିଅଛି ଓ କଏଦିମାନଙ୍କୁ ଉପଦେଶ ପ୍ରଦାନ ନ କରିବା ବିଷୟ ସ୍ଥିରୀକୃତ ହୋଇଅଛି । ଏହି ନିୟମ ବହୁକାଳରୁ ଚଳିଆସୁଅଛି କିନ୍ତୁ ନିୟମବହିର୍ଭୂତ କାର୍ଯ୍ୟ କଲେ ଅନେକ ଗୋଳମାଳ ଉପସ୍ଥିତ ହୋଇପାରେ ଓ ମଧ୍ୟ ଜେଲଖାନା ଶିକ୍ଷା ପ୍ରତି ବାଧାଜନକ ହୋଇ ପାରେ । କେବଳ ପ୍ରେସିଡେନ୍ସି ଜେଲରେ ଇଉରୋପୀୟ କଏଦମାନେ ରହନ୍ତି ବୋଲି ସେଠାରେ ଉପାସନାର ବିଧି ଅଛି ଅନ୍ୟାନ୍ୟ ଜେଲରେ କଏଦମାନେ ନିଜେ ନିଜେ ଅବସର ଅନୁସାରେ ଉପାସନାଦି କରିବାର ନିୟମ ଉପସ୍ଥିତ ଅଛି ।

୩ୟ ପ୍ରଶ୍ନ । ମୋଫସଲର ମାଜିଷ୍ଟ୍ରେଟମାନେ ଗସ୍ତକୁ ଗଲେ ପକ୍ଷମାନେ ଓ ସେମାନଙ୍କର ସାକ୍ଷିମାନେ ଯେଉଁ ହଏରାଣି ଓ କଷ୍ଟ ଭୋଗ କରନ୍ତି ତାହା ସରକାରବାହାଦୁର ଅବଗତ ଥିଲେ ସରକାର ଉକ୍ତ କଷ୍ଟ ଦୂର କରିବାନିମନ୍ତେ କୌଣସି ଉପାୟ ଅବଲମ୍ବନ କରିବାକୁ ପ୍ରସ୍ତୁତ ଅଛନ୍ତି କି ନାହିଁ ଓ ମଧ୍ୟ ମାଜିଷ୍ଟ୍ରେଟମାନେ ଯେଉଁ ଅଞ୍ଚଳରେ ଗସ୍ତ କରିବେ କେବଳ ସେହି ଅଞ୍ଚଳର ମୋକଦ୍ଦମାମାନ ଗସ୍ତସମୟରେ ବିଚାର କଲେ ସୁବିଧାଜନକ ହୋଇ ପାରେ କି ନା ?

ଉତ୍ତର—ପକ୍ଷ ଓ ସାକ୍ଷିମାନଙ୍କର ଅସୁବିଧା ବିଷୟର ରିପୋର୍ଟ ଆସିନାହିଁ । କେବେ ଗସ୍ତସମୟରେ କାହାରିକୁ ଅସୁବିଧା ହେଲେ ସୁଦ୍ଧା କେତେକ ଲୋକଙ୍କ ପକ୍ଷରେ ସୁବିଧାଜନକ ହୋଇଥାଏ । ଯେଉଁ ଯେଉଁ ଅଞ୍ଚଳରେ ଗସ୍ତ ହେଉଥିବ କେବଳ ଉକ୍ତ ଅଞ୍ଚଳର ମୋକଦ୍ଦମା ଗ୍ରହଣ କରିବା ସୁବିଧାଜନକ ହୋଇ ପାରିବ ନାହିଁ ତେବେ ଯେଉଁ ସ୍ଥାନରେ ତାମ୍ବୁ ପଡ଼ିବ ଉକ୍ତ ସ୍ଥାନର ନିକଟବର୍ତ୍ତୀ ସ୍ଥାନମାନଙ୍କର ମୋକଦ୍ଦମା ବିଚାର କରିବା ନିମନ୍ତେ ମାଜିଷ୍ଟ୍ରେଟ ଚେଷ୍ଟା କରିବେ ଓ ଏହି ଉତ୍ତର ଦୃଷ୍ଟିରେ କାର୍ଯ୍ୟ କରିବା ନିମନ୍ତେ ମାଜିଷ୍ଟ୍ରେଟମାନଙ୍କ ନିକଟକୁ ଏଥିର ଏକପ୍ରସ୍ତ ନକଲ ପଠାଯିବ ।

୪ର୍ଥ ପ୍ରଶ୍ନ । ମୁସଲମାନମାନଙ୍କ ଚାକିରି ସମ୍ବନ୍ଧରେ କୌଣସି ଉନ୍ନତି ହୋଇଅଛି କି ନା?

ଉତ୍ତର—ଗବର୍ଣ୍ଣମେଣ୍ଟ ଏ ବିଷୟରେ ଉତ୍ତମ ମନୋଯୋଗ ପ୍ରଦାନ କରିଅଛନ୍ତି । ଗତ ଅଢ଼େଇ ବର୍ଷ ମଧ୍ୟରେ ଜ ୧୫ ଣ ମୁସଲମାନ ଡେପୁଟୀ ଓ ଜ ୯ ଣ ମୁସଲମାନ ସବ୍‌ଡେପୁଟୀ କଲେକ୍ଟର ନିଯୁକ୍ତ ହୋଇଅଛନ୍ତି ।

କ୍ରମଶଃ

## ସାପ୍ତାହିକ ସମ୍ବାଦ ।

ଗତ ବୁଧବାରରୁ ମେଘ ବାହାରି ସ୍ଥାନେ ସ୍ଥାନେ ବର୍ଷା ହୋଇଥିବାର ଜଣାଯାଏ ।

କୋଠପଦାର ମହନ୍ତ ଶ୍ରୀ ରଘୁନାଥପୁରୀ ଗୋସାଇଁ ବର୍ଷକୁବର୍ଷ ଥିଏଟର କରାଇ ସେଠା ଲୋକଙ୍କୁ ଦେଖାଉଅଛନ୍ତି । ଏବର୍ଷ ମଧ୍ୟ ଗତ ସରସ୍ୱତୀପୂଜା ଉପଲକ୍ଷରେ କାଞ୍ଚିକାବେରୀ, ଦୁର୍ଯ୍ୟୋଧନ ଉରୁଭଙ୍ଗ ଓ ଦ୍ରୌପଦୀ ବସ୍ତ୍ରହରଣର ଅଭିନୟ ହୋଇଥିଲା । ଅଭିନୟସ୍ଥଳରେ ଅନେକ ଦର୍ଶକ ଉପସ୍ଥିତ ହୋଇଥିଲେ ।

### କଲିକତା-ଗେଜେଟ

ଡେପୁଟୀ ମାଜିଷ୍ଟ୍ରେଟ ଓ ଡେପୁଟୀ କଲେକ୍ଟର ଶ୍ରୀଯୁତ ତଫଜଲ ଏଫ୍ ଟି ମଣ୍ଡିଲ ସାହେବ ସରକାରୀ ପାଉଣା ଆଦାୟବିଷୟକ ୧୮୮୦ ସାଲର ବଙ୍ଗୀୟ ୭ ଆଇନର ୪ ଧାରାନୁସାରେ କଟକ ଜିଲ୍ଲାରେ କଲେକ୍ଟରଙ୍କ କ୍ଷମତାନୁସାରେ କାର୍ଯ୍ୟକରଣାର୍ଥ ନିଯୁକ୍ତ ହେଲେ ।

---

ଏବର୍ଷ ଜ ୪୩୮୦ ଣ ଏଣ୍ଟ୍ରେନ୍ସ; ଜ ୨୩୭୪ ଣ ଏଫ୍, ଏ, ଏବଂ ଜ ୪୨୧୫ ଣ କଲିକତା ବିଶ୍ୱବିଦ୍ୟାଳୟର ବି, ଏ, ପରୀକ୍ଷା ଦେବାନିମିତ୍ତ ଫୀସ ଦାଖଲ କରି ଅଛନ୍ତି । [illegible] ହେବ ।

ନବ ବେଦାନ୍ତ ବାରଣସୀଧାମରେ ଶାଳ ଗୋଡ଼ରେ ଦେବଦେବୀମାନଙ୍କୁ ଦେଖି ବୁଲୁଅଛନ୍ତି । ବାରଣସୀରେ ଓ ପ୍ରୟାଗକ୍ଷେତ୍ରରେ ସେ ଗଙ୍ଗାସ୍ନାନ କରୁଅଛନ୍ତି, ଏଥିରେ ଆଉ ବାବୁମାନେ ତାଙ୍କୁ ଉନ୍ମାଦ ବୋଲିବେ ନାହିଁତ ? ।

ଅଗ୍ନିହୋତ୍ର ମହାଦେବ ବସ୍ତ୍ରାଅଗର ଅଞ୍ଚଳରେ ଇଂରେଜ-ସେନାଙ୍କ ହସ୍ତରେ ସ୍ୱଦେଶୀୟ ଲୋକଙ୍କର ମୃତ୍ୟୁ ହୋଇଅଛି ତହିଁପିଠିରେ ହିନ୍ଦୁ ବେଶି ବୋଝ ତେଲେ ଅନେକ ଇଂରେଜଙ୍କର ପ୍ରାଣ ବିପଦରେ ପତିତ ହୋଇ ଯାଏ । ଏହା ବଡ଼ ରହସ୍ୟ ।

ମେଦିନୀପୁର ମୟନାଗଡ଼ର ଗ୍ରାମରେ ଲକ୍ଷ୍ମୀନାରାୟଣ ମାହାନ୍ତିର ଗୋଟିଏ କନ୍ୟା ଜନ୍ମହେବାର ଅଠରଦିନରେ ତାହାର ଦାନ୍ତ ଉଠି ବା ୧୨୧୪ ପରେ ଦାନ୍ତଟି ଉଠିଗଲା । ବା ୨୨ ଦିନରେ ସେହି ବାଳିକାର ମୃତ୍ୟୁ ହୋଇଅଛି । କାହିଁକି ବା ଏପରି ହେଲା କିଏ କହିପାରିବ ।

ଫରାସୀରାଜ୍ୟରେ ବହୁତ ଅଶ୍ୱମାଂସର ଆଦର ବଢ଼ୁଅଛି ଗତ ବର୍ଷରେ ମାଂସନିମିତ୍ତ ସେଠାରେ କୋଡ଼ିଏହଜାର ଅଶ୍ୱ ହତ ହୋଇଥିଲା । ଏ ଦେଶରେ ଲୋକମାନଙ୍କ ମଧ୍ୟରେ ଯେବେ ଅଶ୍ୱମାଂସ ଚଳିପାରନ୍ତା ତାହା ହେଲେ ଅନ୍ନାଭାବର ଲୋଧନ ବୃତ୍ତିକ ରକ୍ଷା ହୋଇପାରନ୍ତା । କିନ୍ତୁ ତାହା କି ହେବ ?

ପ୍ରୟାଗ ମାଘମେଳାରେ ଏବର୍ଷ ବଡ଼ ଜନତା ହୋଇଥିଲା ସ୍ନାନର ଦୁଇଦିନ ପୂର୍ବରୁ ସମସ୍ତବାଣ୍ଡରେ ଏତେ ଯାତ୍ରିଙ୍କର ଭିଡ଼ କେବେ ଦେଖାଯାଇ ନାହିଁ ।

Digitized by srujanika@gmail.com

Split by PDF Splitter



ଗତ ଜାନୁଆରୀ ତା ୩୦ ଦିନରେ ସିମଲାନଗରରେ ଗବର୍ଣ୍ଣମେଣ୍ଟଙ୍କର ଛାପାଖାନାରେ ଭୟାନକ ଅଗ୍ନି ଲାଗିଥିଲା । ସେଥିରେ ପ୍ରାୟ ୧୨ ହଜାରଟଙ୍କାର ଜିନିଷ ଥିଲା । ୩୮ ହଜାରଟଙ୍କା ନଷ୍ଟ ହୋଇଅଛି ।

ଗତ ଫେବୃଆରୀ ତା ୩ ଦିନରେ ଅଗ୍ନି ଲାଗି ନେଟାଲ ଗ୍ରେମଷ୍ଟଉନ ଏକାବେଳକେ ଭସ୍ମସାତ ହୋଇଅଛି । ସୁଖର ବିଷୟ ଯେ କୌଣସି ପ୍ରାଣିହାନି ହୋଇ ନାହିଁ । କିନ୍ତୁ ଅଗ୍ନି ଲାଗିଲେଣ ତାହା ଏଯାଏ ଅନୁମାନ ହୋଇ ପାରି ନାହିଁ ।

୨୪ ପରଗଣାର ସ୍ଥାନେ ସ୍ଥାନେ ଭୟାନକ ଓଲାଉଠା ହୋଇଅଛି । କଲିକତା ଠାରୁ କୋଶ ୧୫ଣ ଦୂରରେ ବାହାଦୂରଗ୍ରାମରେ ଏପରି ଘର ନାହିଁ ଯେଉଁଥିରେ ଜଣେ ବା ଦୁଇଜଣ ଲୋକ ମରି ନାହାନ୍ତି । ସେହି ଗ୍ରାମର ଅନେକ ଲୋକ ପ୍ରାଣଭୟରେ ସ୍ଥାନାନ୍ତର ହୋଇ ଦେଶତ୍ୟାଗୀ ହେଉଅଛନ୍ତି । ଏହା ଛଡ଼ା ମଥୁରାପୁର ଗ୍ରାମରେ ମଧ୍ୟ ବଡ ମାରୀଭୟ ଲାଗିଅଛି ।

ଭାଲୁର ଶ୍ରୀଯୁକ୍ତ ପ୍ରସନ୍ନକୁମାର ଯାତ୍ରୀମାନଙ୍କ କଷ୍ଟନିମନ୍ତେ ଉପୀଡ଼ନରୁ ରକ୍ଷାକରିବାପାଇଁ ଯେଉଁ "ସୁଲଭ ଯାତ୍ରୀ ନିବାସ" ଖୋଲିଅଛନ୍ତି ତହିଁର କାର୍ଯ୍ୟକଳାପ ଉତ୍ତମ ରୂପେ ଚଳୁଅଛି । ସେଠାରେ ଅଳ୍ପ ଖର୍ଚ୍ଚରେ ଏବଂ ନିରାପଦ ସ୍ଥାନରେ ପ୍ରସନ୍ନ ବାବୁଙ୍କ ଯତ୍ନରେ ଯାତ୍ରୀମାନେ ଅପଣା ଅପଣାର କାର୍ଯ୍ୟ ସମାଧା କରିପାରୁଅଛନ୍ତି । ଏଥର କଲିକତାର ଅନେକ ଧନୀ ଓ ସମ୍ଭ୍ରାନ୍ତ ବଙ୍ଗାଳୀ ଏହାର ପୃଷ୍ଠପୋଷକ ହୋଇଅଛନ୍ତି ।

ଅଲାହାବାଦର ଲେଫ୍ଟେନେଣ୍ଟ କର୍ଣ୍ଣେଲ ଡେମିଲ୍ଟର ସାହେବ କନ୍ତୁନୋଲରେ ଲଢ଼ୁଥିଲା ସାଙ୍ଗ କରିଥିବାର ସମ୍ବାଦ ମିଳଇ । ଏ ମହାଶୟ ସେ ଅଞ୍ଚଳର ଲୋକଙ୍କର ବିଶେଷ ପ୍ରୀତିଭାଜନ ହୋଇଥିଲେ । ଉକ୍ତ ସ୍ଥାନମାନେ ଅଧିକ ଧନ ଲୋକଙ୍କ ଶୋକ ତୁଟୁ ନାହିଁ ।

ମହାରାଜା ବାହାଦୂର ସର ଯୋଗୀନ୍ଦ୍ରମୋହନଠାକୁରଙ୍କର ମାତା ପରଲୋକଗାମିନୀ ହୋଇଥିବାରୁ ମୋଫସଲଠାରୁ ସହର ପର୍ଯ୍ୟନ୍ତ ବହୁସଂଖ୍ୟକ ପଣ୍ଡିତ ନିମନ୍ତ୍ରିତ ହୋଇ ଉପଯୁକ୍ତ ରୂପେ ବିଦାୟ ହୋଇଥିବାର ସମ୍ବାଦ ମିଳଇ ।

ପୂନାଇଷ୍ଟେଟ୍‌ଷ୍ଟୋର କଲସେଇ ନାମକ ଜାହାଜ ବାରନୁପ୍ୟାନ ଉପସାଗରରେ ଏକ ପାହାଡ଼ରେ ଧକ୍କା ଖାଇ ନଷ୍ଟ ହୋଇଥିବାର ସମ୍ବାଦ ମିଳଇ । ଏଥିର କୌଣସି ଲୋକ ମରିପଡ଼ି ନାହାନ୍ତି ।

କଲିକତାଠାରେ ଏକ ଧୋବା ଗଧ ଉପରେ ଗଢ଼ରଙ୍କ ରୂପେ ଲୁଗା ବୋଝାଇ କରି ନେଉଥିବାରୁ ତାହା ନାମରେ ଫୌଜଦାରୀ ଅଦାଲତରେ ମୋକଦ୍ଦମା ଉପସ୍ଥିତ ହୋଇ ଆସାମୀର ସ୍ୱୀକାର ମତେ ତାହା ଉପରେ ୪୪ ଟା ଅର୍ଥଦଣ୍ଡ ହୋଇ ଯାଇ ଥିବାର ସମ୍ବାଦ ମିଳଇ । ଧୋବାମାନେ ସାବଧାନ ।

## ପୁରୀ-ସମ୍ବାଦ

ନେଉଗାପୁର ଥାନା ଅନ୍ତର୍ଗତ ପଞ୍ଚାମୃତ ଗ୍ରାମର ଜମିଦାର ବାବୁ ଶ୍ରୀ ବ୍ରଜେନ୍ଦ୍ରନାଥ ଦାସ ମହାପାତ୍ର ଉକ୍ତଥିବା ପ୍ୟାଲେସର ମେନେଜର ନିଯୁକ୍ତ ହୋଇ ଗତପୂର୍ବ ମଙ୍ଗଳବାର କାର୍ଯ୍ୟଭାର ଗ୍ରହଣ କରିଅଛନ୍ତି । ଏମହାଶୟଙ୍କର ସୁନ୍ଦର କାର୍ଯ୍ୟପ୍ରଣାଳୀହାରା ଏଠାର ସାଧାରଣ ସନ୍ତୁଷ୍ଟ ଅଛନ୍ତି । ଶ୍ରୀ ଜଗନ୍ନାଥ ଦେବ ଏହି ନୂତନ ମେନେଜରଙ୍କୁ ଏଠାରେ ଚିରସ୍ଥାୟୀ କଲେ ଏହାଙ୍କଦ୍ୱାରା ପ୍ରକୃତ ମଙ୍ଗଳ ସାଧିତ ହେବାର ଆଶା ହେଉ ଅଛି ।

ଉଣପୁର ସଡ଼କରେ ପ୍ରଜାମାନଙ୍କ ମଧ୍ୟରେ ଗୋଲମାଲ ଉପସ୍ଥିତ ହେବାରୁ ଏଠାରୁ ଜ ୩୦।୩୨ ଣ କନେଷ୍ଟବଲ ଉକ୍ତ ସ୍ଥାନକୁ ପ୍ରେରିତ ହୋଇ ଅଛନ୍ତି । ଏବଂ ଶ୍ରୀଯୁକ୍ତ ମାଜିଷ୍ଟ୍ରେଟ ଏବଂ ପୁଲିସ ସୁପରିଣ୍ଟେଣ୍ଡେଣ୍ଟ ସାହେବ ମହୋଦୟ ଉଣପୁରଗଡ଼କୁ ଗମନ କରିଅଛନ୍ତି ।

କେତେକିଦ ଦେଲ ଶୋରିଠାରୁ ଜଣେ ସ୍ୱର୍ଣ୍ଣ ପୁଡ଼ର ଅବକାଶ ତୁଙ୍ଗ ନେଇ ସକାଶେ କେତେକ ଟଙ୍କା ନେଇ କାଡ଼ରେ ଆସୁଥିବା ସମୟରେ ତେଲଙ୍ଗ ଗଡ଼ଜାତ ଅନ୍ତର୍ଗତ ଜୁଅପତା ଗ୍ରାମର ଶେଷସୀମାରେ କେତେଜଣ୍ଡି ଲୋକ ସ୍ୱର୍ଣ୍ଣିକୁ ମାରି ତାହାର ମସ୍ତକ ଶବର କେତେକ ଦୂରରେ ଫିଙ୍ଗିଦେଇ ଟଙ୍କା ନେଇ ପଳାଇ ଅଛି । ଏ ସ୍ୱର୍ଣ୍ଣିମୃତର ଗାଡ଼ିବାଲ ଭଲ ଅଙ୍ଗ କେତୁ ନ ଥିଲେ କରୁ ଏହି ଡକାୟ କେଉଁ ଅଡ଼େ ଅନ୍ତର୍ଦ୍ଧାନ ହୋଇଅଛି ଅଦ୍ୟ ତହିଁ ଜଣାପଡ଼ି ନାହିଁ ।

କଲିକତାନିବାସୀ ଡାକ୍ତର ବାବୁ ଶ୍ରୀ ଶ୍ୟାମାନନ୍ଦ ଦାସ ଗୁପ୍ତ ଅଃ ସର୍ଜନ ପଦରେ ନିଯୁକ୍ତ ହୋଇ ଗତ ତା ୧ ଦିନେ କାର୍ଯ୍ୟ ଗ୍ରହଣ କରୁଅଛନ୍ତି ।

ସ୍କୁଲ ସବୁଡେପୁଟିମାନଙ୍କ ପରୀକ୍ଷା ଗତପୂର୍ବ ସୋମବାର ଆରମ୍ଭ ହୋଇ ଗୁରୁବାର ପରୀକ୍ଷା ପରେ ଶେଷ ହୋଇଅଛି କିନ୍ତୁ ଦୁଃଖର ବିଷୟ ଯେ ଏବର୍ଷ ଏ କେନ୍ଦ୍ରରେ କେବଳ ସ୍କୁଲ ସ୍କୁଲରୁ ଜ ୨ ଣ ଛାତ୍ର ପରୀକ୍ଷା ଦେଇଥିଲେ ନର୍ମାଲ ସ୍କୁଲ ପଢ଼ି ପରୀକ୍ଷୋତ୍ତୀର୍ଣ୍ଣ ହୋଇ ମୁଦ୍ରା ଶେଷକୁ ଧନାଶାରୁ ବାହାର ହେଉଥିବାରୁ ବାଳକମାନେ ଲୋକଙ୍କର ସ୍କୁଲକୁ ଅନୁରାଗ ହ୍ରାସ ହେବାର ଜଣା ପଡୁଅଛି ।

ମଦନ ମହନମ ପୂର୍ବବତ୍‌ ସୁଚାରୁରୂପେ ଚଳୁଅଛି । ଶ୍ରୀଗୁଣ୍ଡିଚାମନ୍ଦିର କାମ ଶେଷ ହୋଇଅଛି ଜଗମୋହନମଧ୍ୟରେ ଏବଂ ଭୋଗମଣ୍ଡପ ସମ୍ମୁଖରେ ବଦଳିବାଇଲ ରୂଜ ଲଗା ହୋଇ ଉଙ୍ଗ ବନ୍ଧ ଯାଉଅଛି ଏବଂ ଅନ୍ୟ ସ୍ଥାନରେ କାର୍ଯ୍ୟ ଲାଗିଅଛି ।

ଅକାଳ ଋତୁ ପରିବର୍ତ୍ତନ ହେତୁ ଜ୍ୱରର ବିଶେଷ ପ୍ରାଦୁର୍ଭାବ ହେଉଅଛି । ଏବଂ ଓଲାଉଠା ଠାକେ ଦେଖା ଦେଉଅଛି ।

## କେନ୍ଦ୍ରାପଡ଼ା-ସମ୍ବାଦ ।

ପ୍ରାୟ ଏକସପ୍ତାହ ହେବ ବିଶେଷ ଗରମ ବୋଧ ହେଉଅଛି । ବୃଷ୍ଟିସହିତ ଅନେକଦିନ ହେଲା ଦେଖା ନାହିଁ ।

ଏ ବର୍ଷ ଆମ୍ବକୋଳି ତେତେ ଭଲ ହୋଇଥିବାର ଦେଖାଯାଏ ନାହିଁ ।

ଅସ୍ମାକଙ୍କର ମହାମାନ୍ୟ ଶ୍ରୀଯୁକ୍ତ କଲେକ୍ଟର ସାହେବ ଗତମାସ ତା ୧୮ ଦିନରେ ଏଠାରେ ପହଞ୍ଚି କେନ୍ଦ୍ରାପଡ଼ାର ପରିଦର୍ଶନକରି ଗତ ବୁଧବାର କଟକ ଯାତ୍ରା କରିଅଛନ୍ତି ।

ଏଠାରେ ଚଳିତମାସ ତାଃ ୬ ରାତ୍ରରେ ଗୋଟିଏ ସ୍ତ୍ରୀ ଏକାବେଳେ ତିନିଗୋଟି ସନ୍ତାନ ପ୍ରସବ କରିଅଛି ।

ଏଠାରେ କେତେକ ଦିନରୁ ଗୋଟିଏ ସ୍ତ୍ରୀ କେନାଲରେ ବୁଡ଼ିମରିଅଛି ।

କେନ୍ଦ୍ରାପଡ଼ା କେନାଲ ମାର୍ଚ୍ଚମାସ ତା ୧ ଦିନଠାରୁ ଜୁନମାସ ପର୍ଯ୍ୟନ୍ତ ବନ୍ଦ ହେବ । ବ୍ୟବସାୟୀମାନଙ୍କରେ ଜଳ ଦେବା ସକାଶେ ମ୍ୟୁନିସିପାଲିଟି ବିଶେଷ ସୁବିଧା କରିଅଛନ୍ତି ।

## ବିଜ୍ଞାପନ ।

**ପୁରୀଧାମର ଶ୍ରୀ ଶ୍ରୀ ଜଗନ୍ନାଥଜୀଉଙ୍କର**
**ମନ୍ଦିର ସଂସ୍କରଣ ନିମନ୍ତେ ଚାନ୍ଦା ।**

| | | |
|---|---|---|
| ପୂର୍ବପ୍ରକାଶିତ ଚାନ୍ଦା ସମଷ୍ଟି | ଟ | ୧୦୪୨୮୩୯/୧୧ |
| ବାବୁ ଜାନକୀନାଥ ଚକ୍ରବର୍ତ୍ତୀ ହଲଦିବାଗ | ଟ | ୪୪୯ |
| ରାଜା ରଘୁନାଥ ସିଂହ ମାନଧାତା ନୂଆଗଡ଼ ରାଜା | ଟ | ୨୦୦ |
| ବାବୁ ଜାନକୀପ୍ରସାଦ ରାୟ ବର୍ଦ୍ଧମାନ | ଟ | ୨ |
| „ କେଦାରନାଥ ରାୟ ଏକଜିକ୍ୟୁଟିଭ ଇଞ୍ଜିନିୟରଙ୍କ ଦ୍ୱାରା ମାରଫତ | ଟ | ୭। |
| ସେଖ ଅବଦୁଲ ମଜିଦ କଟକ ଅଲ | ଟ | ୧୦ |
| ବାବୁ ମନୋହର ନାୟକ ଡାକ୍ତର ପାଲ କାଲେକ୍ଟର | ଟ | ୧୫ |
| ମୋଟ | ଟ | ୧୦୪୪୫୫୭/୧୧ |

ଶ୍ରୀ ହରିବଲ୍ଲଭ ବୋଷ
ଅବୈତନିକ ସେକ୍ରେଟେରୀ
ତା ୧ ଲା ମାହେ ଫେବୃଆରୀ ସନ ୧୮୯୪ ମସିହା ।

## ସ୍ୱପ୍ନରେ ପ୍ରାପ୍ତ ।

### ବୈଦ୍ୟନାଥ ଦେବଙ୍କ କର୍ତ୍ତୃକ ।

**ଅବ୍ୟର୍ଥ ରୋଗନାଶକ ଔଷଧ ।**

| ଲଫାଫା ସରୁ ଶ୧୦୦ଟ୦୷ ଗୋ ୨୫ ଟ୦୵୩ | |
| ଏକଜ ମଧ୍ୟମ ଶ୧୦୦ ଟ ୦ ୷ ଗୋ ୨୫ ଟ୦ ୯ | |
| ତାଲକାଗଜ ୧୬ ଖଣି | ଦ ୧ ଟ ୦ ୵୩ |
| ସୀହାଇ | ବୋ ୧ ଟ ୦ ।୵ |
| ଏକଜ ଗୁଣ୍ଡି ଏହାକୁ ଅଧବୋତଲ ଜଳରେ ପକାଇ ଦୁଇଦିନ ପରେ ଛାଣି ନେଲେ ଉତ୍ତମ ସିହାଇ ପ୍ରସ୍ତୁତ ହେବ | ବ ୧ ଗୁଲ ଟ ୦ ୵୨ |
| ସିଲଟ ପେନସୀଲ | ବ ୧ ଟ ୦ ୷ |
| ରବର | ଖ ୧ ଟ ୦ ୷୬ |
| ହଂସପକ୍ଷୀ କଲମ | ଗୋ ୨୫ ଟ ୦ ।/ |
| ଲୁହା କଲମ (ନିବ) ସରୁ ,ଡ଼ ୧ | ଟ ୦ ୵ |
| ଏକଜ୍ ମୋଟା | ଡ଼ ୧ ଟ ୦ ୧୫ |
| ଏକଜ୍ ବର୍ତ୍ତମାନକୋଲନ | ଗୋ ୧ ଟ ୦ ୧୬ |
| କାଠଦୁଆତ ଘାଲୁଣି ସହିତ (ଜଳଷାକାଲି) | ଗୋ ୧ ଟ ୦ । |
| ଏକଜ ସାଧାରଣ | ଗୋ ୧ ଟ ୦୵୫ |
| କଲାଫଟା ସରୁ | ଗୋ ୧ ଟ ୦୷ |
| କୋଟଷ୍ଟାର ତେଗ ଭୂତଧାରିତ | ଗୋ ୧ ଟ ୦।୷ |
| ମନିବେଗ | ଗୋ ୧ ଟ ୦ ୵ |
| ମୁଗୁନିପଥରର ଫକିରିକୁଣ୍ଡା ଓ ରୁପେଲିକସାଚାଳି | ଗୋ ୧ ଟ ୨। |
| ଲେଭେଣ୍ଡର | ଗୋ ୧ ଟ ୧୯ |
| ମେକସର ଅଏଲ | ଗୋ ୧ ଟ ୦ ୫ |
| ସାବୁନ ସରୁ | ଖ ୧ ଟ ୦ /୧ |
| ଫୁଲଦାନି | ଗୋ ୧ ଟ ୧୵ |
| ଦେବାଲଗିର ଝାଡ଼ଲଣ୍ଠନ | ଗୋ ୨ ଟ ୪। |
| ଏକଜ ଏକଡାଳିଆ | ଗୋ ୧ ଟ ୨ |
| ମେଜ | ଗୋ ୧ ଟ ୬ |
| ଅସ୍ତ୍ରେଷ୍ଟ | ଗୋ ୧ ଟ ୵ ୬ |
| ଛାତ | ବ ୧ ଟ ୦ /୩ |
| ସାନଘଣ୍ଟି | ଗୋ ୧ ଟ ୫ ୧ |
| ବନାରସୀ ସଗ୍ ଡଙ୍କ | ଗ ୧ |
| ଘିଅଘାର ଏହାକୁ କୌଣସି ଘାତରେ ଭର୍ତ୍ତି କରି ଥଁରେ ଉପରକୁ ଖୋଲା କରି ଛାତରେ ଲଗାଇ ଦେଲେ ପାଣି ପଡ଼ିବାର ବନ୍ଦ ହେବ ସେ | ୧ ଟ ୦ |

କଟକ
ଚୌଧୁରୀ ବଜାର } ଆରତବନ୍ଧୁ କମ୍ପାନୀ

ଉତ୍କଳଦୀପିକାର ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା।—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ଟ ୦ ୵ |
| ଅଧସ୍ତମ୍ଭକୁ | ଟ ୨୧ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ ୩୧ |

ମାତ୍ର କୌଣସି ବିଜ୍ଞାପନ ସେତେ ଛୋଟ ହେଲେ ତହିଁର ଖର୍ଚ୍ଚା ଟ ୦ ୫ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚା ପ୍ରଥମଥରର ଅର୍ଦ୍ଧେକ ଓ ଚତୁର୍ଥ ଯଥାକ୍ରମେ ହେବ ଅଧିକ ଦିନର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନସଙ୍ଗେ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା କଟକ ପ୍ରିଣ୍ଟିଙ୍ଗ କମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter

GISTERED NO. 1




# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା ।

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩
ପଶ୍ଚାଦେୟ ଟ ୩୯

ଭାଗ ୨୯ ଶ
ସଂ ୧୦ ସଂଖ୍ୟା

ତା ୧୦ ଚଇ ମଡେ ମାର୍ଚ୍ଚ ସନ ୧୯୦୧ ସିଡ଼ । ମୂ ।୧ ଚୈତ୍ର ଶୁକ୍ଳ ସନ ୧୯୦୧ ସାଲ ଶନିବାର ।


## ବିଜ୍ଞାପନ ।

ଓଡ଼ିଆ

ସନ ୧୮।୧୯ ସାଲର

## ନୂତନ ପଞ୍ଜିକା ।

କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ଦୁଇ-ପ୍ରାୟ ଛପା ହୋଇ ବିକ୍ରୟ ହେଉଅଛି ।

ବଡ଼ ଖଣ୍ଡକୁ ଟ ।୵ ଡାକମାସୁଲ ଟ ୦/

ଛୋଟ ଖଣ୍ଡକୁ ଟ ୦/ ଡାକମାସୁଲ ଟ ୦୵୯

---

ଗତ ଦୁଇସପ୍ତାହରୁ ଏନଗରରେ ଜ୍ୱରରୋଗର ବିଶେଷ ପ୍ରକୋପ ହୋଇଅଛି ଏବଂ କେତେଗୁଡ଼ିଏ ଲୋକ ଏଥିରେ ମରି ପଡ଼ିଅଛନ୍ତି । ବସନ୍ତକାଳରେ ଏପରି ଜ୍ୱରର ପ୍ରାଦୁର୍ଭାବ କ୍ୱଚିତ୍ ଦେଖାଯାଏ ।

---

ଏଠା ପୋଷ୍ଟମାଷ୍ଟର ବିଜ୍ଞାପନ ଦେଇଅଛନ୍ତି ଯେ କେନ୍ଦ୍ରାପଡ଼ା-ନାଲ ମଙ୍ଗମଛ ସପ୍ତାହେ ବନ୍ଦ ହେବାରୁ କଲିକତାକୁ ପଠାଯିବା ପାରସଲ ଡାକ ପ୍ରତି ମଙ୍ଗଳବାର ଏବଂ ଶୁକ୍ରବାର ଦିବା ଦୁଇପ୍ରହର ଏନବାଜିବା ସମୟରେ ବନ୍ଦ ହେବ ବିଦେଶକୁ ପଠାଯିବା ପାରସଲ ମାନ ଶୁକ୍ରବାର ଦିନ ଡାକଘରେ ଦେଲେ ପଠାଯିବାରେ ବିଳମ୍ବ ହେବ ନାହିଁ ।

---

ଏଠା କଲେକ୍ଟର ସାହେବ ଅଫିସରେ କାଣ୍ଡରେ ତହସିଲଖାନାର ଜଣେ ମୋହରର ରାଜମୋହନଙ୍କ ପଟ୍ଟନାୟକ ସୁପର୍ଦ୍ଦହୋଇ ଉନ୍ନହଜାର ଟଙ୍କାର ଜାମିନରେ ଅଛି । ଏ ମୋହରର ନିଜେ ପାଞ୍ଚହଜାରରୁ ଅଧିକ ଟଙ୍କା ଖାଇବାର ସ୍ୱୀକାର କରି ତହିଁମଧ୍ୟରୁ ୩ ହଜାର ୩ ଶତଟଙ୍କା ଖଜଣାଖାନାରେ ଦାଖଲ କରିଅଛି ଏବଂ ଅବଶିଷ୍ଟ ଟଙ୍କା ସଜିଲ କରି ଦେବାର କହୁଅଛି । ଏହାର ବିସ୍ତାରିତ ଉତ୍ତର ବାରମ୍ବାରେ ପ୍ରକାଶ କରିବୁଁ ।

---

ଫାଲଗୁନମାସ ଶେଷ ହେବାକୁ ଆଉ ଦୁଇଦିନ ବାକି ଅଛି କିନ୍ତୁ ଏଥିମଧ୍ୟରେ ଏଠାରେ ଅସହ୍ୟ ଗ୍ରୀଷ୍ମ ଉପସ୍ଥିତ ହୋଇଥିଲା । ବହୁକାଳରୁ ବୃଷ୍ଟି ନ ହେବା ଏଥିର କାରଣ ବୋଲି ଜଣାଯାଏ । ମୋଫସଲର ଅଳପ ସ୍ଥାନରେ ଗତସପ୍ତାହରେ ବୃଷ୍ଟି ହୋଇଥିଲା ଯେ ତଦ୍ୱାରା କୃଷିକାର୍ଯ୍ୟ ଆରମ୍ଭ ହୋଇଥିଲା । ଗତ ମଙ୍ଗଳବାରଠାରୁ ମେଘ ବାହାରି ଠାବେ୨ ବୃଷ୍ଟି ହୋଇ ଅଛି ଏବଂ ଏ ନଗରରେ ବୃଷ୍ଟି ସାମାନ୍ୟ ହେଲେହେଁ ବାୟୁ ଯଥୋଚିତ ଶୀତଳ ହୋଇଅଛି ।

---

ଆସନ୍ତା ଅପ୍ରେଲମାସ ଆରମ୍ଭରେ ମହାମାନ୍ୟ ଗବର୍ଣ୍ଣର ଜେନେରଲ ସିମଲାକୁ ଯାତ୍ରା କରିବେ ତହିଁଉତ୍ତାରୁ ମାନ୍ୟବର ଦଙ୍ଗେଶ୍ୱର କଲିକତାରୁ ଦାରଜିଲିଙ୍ଗକୁ ଯିବା ପୂର୍ବେ ଓଡ଼ିଶା ଗସ୍ତରେ ବାହାରିବେ ମାତ୍ର ଶୁଣାଯାଏ ଯେ ସେ କଟକପର୍ଯ୍ୟନ୍ତ ନ ଆସି କେବଳ ବାଲେଶ୍ୱରକୁ ଆସିବେ ଓ ସେଠାରେ ବନ୍ଦୋବସ୍ତକାର୍ଯ୍ୟ ପରିଦର୍ଶନ କରି ଲେଉଟିଯିବେ । ରାଏ ବାହାଦୁର ବାବୁ ଗୋବିନ୍ଦଚନ୍ଦ୍ର ରାୟ ମହାଶୟ ଏବଂ ମହାମହୋପାଧ୍ୟାୟ ଚନ୍ଦ୍ରଶେଖର ସାମନ୍ତଙ୍କୁ ଉପାଧି ଦାନର ଦରବାର ସେହିଠାରେ ହେବ କି ।

---

ଲାହୋର ସମ୍ବାଦରୁ ଜଣାଗଲା ଯେ ଦେମିଆନମିରର ସେଠ ରାମରତନଦାସ ବାହାଦୁର ମାନବଲୀଲା ସମ୍ବରଣ କରିଅଛନ୍ତି । ଏ ମହାତ୍ମା ଯେମନ୍ତ ଗୁଣବନ୍ତ ତେମନ୍ତ ଦାନଶୀଳ ଲୋକ ଥିଲେ । କାଶ୍ମୀର ଦୁର୍ଭିକ୍ଷ ସମୟରେ କ୍ଷୁଧାର୍ତ୍ତ ଲୋକମାନଙ୍କୁ ଏ ମହାଶୟ ୫୦୦୦୦ ମହଣ ଶସ୍ୟ ଦାନ କରିଥିଲେ । ପଞ୍ଜାବ ବିଶ୍ୱବିଦ୍ୟାଳୟ ଏହାଙ୍କଠାରୁ ଅନ୍ୟୂନ ଟ ୫୦୦୦୦ ଙ୍କା ଦାନ ସ୍ୱରୂପେ ପାଇଅଛି । ଲେଡିଡଫରିନ ଫଣ୍ଡକୁ ଟ ୧୦୦୦୦ଙ୍କା ଓ ଲେଡିଏଚିସନ ହସପିତାଲକୁ ଟ ୫୦୦୦୦ଙ୍କା ଏହାଙ୍କ କର୍ତ୍ତୃକ ପ୍ରଦତ୍ତ ହୋଇଥିଲା । ଗତମାସ ତା ୧୭ ରିଖରେ ଏହାଙ୍କର ମୃତ୍ୟୁ ହୋଇଅଛି ଏବଂ ମୃତ୍ୟୁର କିଛିକାଳ ପୂର୍ବରେ ଟ ୫୦୦୦୦ଙ୍କା ତାହାଙ୍କ ମୃତ୍ୟୁପରେ ଦାନ କରିବାର ଆଦେଶ ଦେଇ ଯାଇଅଛନ୍ତି । ମୃତ୍ୟୁସମୟରେ ଏହାଙ୍କୁ କେବଳ ବ ୫୬ ବର୍ଷ ବୟସ ହୋଇଥିଲା ।

---

ବମ୍ବେଇ ଅପୁରବୋଧୀଦଳ ଭକ୍ତ ପାରଲି ମେଣ୍ଟକୁ ଯେଉଁ ଆବେଦନପତ୍ର ପଠାଇ ଥିଲେ ଅପୁନ୍ଦୈଶନ କମେଇରେ ପଦ୍ମସ୍ଥ ହିଁର ଛଦନ୍ତ ଭଇବାରେ ହିନ୍ଦୁ ବଳର ସେକ୍ରେଟରି ହବିନସାହେବ କହିଲେ ସେ କେବଳ ଜଣେ ଡାକ୍ତର ସ୍ୱାକ୍ଷର କରିବାର ଜାଣନ୍ତି ଅନ୍ୟ ସମସ୍ତ ସ୍ୱାକ୍ଷର ଟିପଦା ହାତ ଜବାଇ ଥିଲେ ଯେ ତହିଁ ଜନକେ

Digitized by srujanika@gmail.com

Split by PDF Splitter



ସେହି ଯିଏଥିବା ଦର୍ଖାସ୍ତ ଅଛି । ଉକ୍ତ ଆବେଦନପତ୍ରରେ ଜ ୪୪ ଟଙ୍କାଙ୍କର ଦସ୍ତଖତ ଥିଲା ତହିଁମଧ୍ୟରୁ ଜ ୩ ଣ ଉକ୍ତ ଦରଖାସ୍ତକୁ ସେ ଦାନ କଲେ । ଜ ୫ ଣ ସ୍ୱାକ୍ଷର ସ୍ୱୀକାର କଲେ ମାତ୍ର ତହିଁ ଲିଖିତ ବିଷୟ ଅସ୍ୱୀକାର କଲେ । ଜ ୨ ଣ ନ ପଢ଼ି ସ୍ୱାକ୍ଷର କରିଥିବାର କହିଲେ । ଦୁଇଜଣ ଭ୍ରମରେ ପଡ଼ି ଦସ୍ତଖତ କରିଥିବାର କହିଲେ । ଜ ୧୮ ଣ କହିଲେ କି ସେମାନେ ଦସ୍ତଖତ କରିବାର ସ୍ମରଣ ହେଉ ନାହିଁ ଏବଂ ଜ ୨ ଣ ଦସ୍ତଖତ ଅସ୍ୱୀକାର କଲେ । ଏପରି ଆବେଦନପତ୍ରର ଅବଶ୍ୟ କୌଣସି ମୂଲ୍ୟ ନାହିଁ ମାତ୍ର ଏ ଘଟଣା କମ୍ପେନିର ଚରିତ୍ର ସମାଜର ସ୍ୱାଧ୍ୟାଭିକ୍ଷାପକ ନୁହଇ ।

---

ଗତ ଦୁଇବର୍ଷରେ ଓଡ଼ିଶାନାଲମାନଙ୍କ ମଧ୍ୟରୁ କେଉଁ ନାଲରୁ କେତେ ଜମିରେ ଜଳ ମାଡ଼ିଥିଲା ତହିଁର ବିସ୍ତାରିତ ବିବରଣ ନିମ୍ନେ ପ୍ରକାଶିତ ହେଲା, ଯଥା ।

| ନାଲିର ନାମ | ସ ୧୮୮୧।୮୨ | ସ ୧୮୮୨।୮୩ |
| --- | --- | --- |
| ତାଳଦଣ୍ଡ ଓ ମାଛଗାଁ | ମା ୪୧୯୦୬ | ମା ୩୬୫୯୧ |
| କେନ୍ଦ୍ରାପଡ଼ା ଶୁବର୍ଣ୍ଣ ପାଟାମୁଣ୍ଡାଇ ଇତ୍ୟାଦି | ମା ୭୪୧୮୦ | ମା ୬୭୭୭୮ |
| ହାଇଲେଭଲ ୧ମ ଭାଗ | ମା ୨୨୪୨୩ | ମା ୨୧୨୨୫ |
| ଏକ୍ସ ୨ୟ ,, | ମା ୨୫୧୩ | ମା ୨୩୨୯ |
| ଏକ୍ସ ୩ୟ ,, | ମା ୩୬୨୧୧ | ମା ୩୨୨୦୧ |
| ଯାଜପୁର | ମା ୪୫୨ | ମା ୮୭ |

ଅର୍ଥାତ୍ କେବଳ ଯାଜପୁର ନାଲ ଏଲକା ଜମିର ବନ୍ଦୋବସ୍ତ କିଛି ବୃଦ୍ଧି ହୋଇଅଛି ନତୁବା ଅନ୍ୟ ସମସ୍ତ ନାଲ ଏଲକା ଜମିର ବନ୍ଦୋବସ୍ତ ପୂର୍ବ ବର୍ଷଠାରୁ ଗତବର୍ଷ ଊଣା ହୋଇଅଛି । ଊଣା ପଡ଼ିବାର କାରଣ ଉତ୍ତମରୂପେ ଅନୁସନ୍ଧାନ କରିବା ନାଲ କର୍ମଚାରୀଙ୍କର ଉଚିତ ହେଉଅଛି କାରଣ କଥିତ ହୁଏ ଯେ ନାଲକର ଅନେକଙ୍କୁ ବାଧ୍ୟତା ବନ୍ଦୋବସ୍ତ କରିବାକୁ ଅଗ୍ରସର ହେଉ ନାହାନ୍ତି ।

---

ଗତବର୍ଷ ଏହି ସମୟରେ କେନ୍ଦ୍ରାପଡ଼ା ନାଲର ଲୋକନାଥପୁର ଲକ ନିକଟରେ ଷଣ୍ଢିଏ ଯାତ୍ରୀ ବୋଝାଇ ନୌକା ଲକଗେଟ ପଡ଼ିବାରୁ ତହିଁମଧ୍ୟରେ କେତେ ଜଣ ଯାତ୍ରୀ ରହି ଯାଇ ସ୍ଥଳେ ସେ ବୁଡ଼ିଯିବାର ଶୋଚନୀୟ ବୃତ୍ତାନ୍ତ । ଲକ୍ ଗେଟ ସେହି ହତଭାଗ୍ୟ ଲୋକମାନଙ୍କୁ ସେହି ବାଟେ ଟାଣି ଆଣି ରକ୍ଷା ପାଇଥିଲେ । ଏହି ଅସୀମସାହସ ଓ ବଦାନ୍ୟପୂର୍ଣ୍ଣ କାର୍ଯ୍ୟ ଦଇତାରି ନାମକ ଜଣେ ମାଝୀ ଓ ହରେକୃଷ୍ଣମାହାନ୍ତି ନାମକ ଜଣେ ଡାକପିଅନଦ୍ୱାରା ସାଧିତ ହୋଇଥିବାରୁ ଲଣ୍ଡନ ଶହରସ୍ଥ ରଏଲ ହ୍ୟୁମେନ ସୋସାଇଟୀ ନାମକ ସମାଜ ଦଇତାରି ଏବଂ ହରେକୃଷ୍ଣ ମାହାନ୍ତିଙ୍କୁ ରୌପ୍ୟ ପଦକ ଏବଂ ନଗଦ ୨୫ ଟଙ୍କା ଲେଖାଏଁ ପୁରସ୍କାର ଦେଇଅଛନ୍ତି । ବଡ଼ ଆନନ୍ଦର ବିଷୟ ଅଟଇ । ବାସ୍ତବରେ ଏମାନେ ଯେଉଁ ସତ୍କାର୍ଯ୍ୟ କରିଅଛନ୍ତି ତହିଁର ଉପଯୁକ୍ତ ପୁରସ୍କାର ପୃଥିବୀରେ ନାହିଁ । ସେମାନଙ୍କ ପାଇଁ ସ୍ୱର୍ଗରେ ସଞ୍ଚିତ ରହିଅଛି । ସମାଜ ଆପଣା ସାଧ୍ୟମତେ କର୍ତ୍ତବ୍ୟ କାର୍ଯ୍ୟ କରି ଆମ୍ଭମାନଙ୍କର ଧନ୍ୟବାଦର ପାତ୍ର ହୋଇ ଅଛନ୍ତି ଭରସା କରୁଁ ଏହି ଦୁଇଜଣ ସାଧୁ ପୁରୁଷଙ୍କର ଏପରି ମହତ୍ କାର୍ଯ୍ୟର ଅନୁକରଣ କରିବାକୁ ସମସ୍ତେ ତତ୍ପର ହେବେ ।

---

## ରଣପୁର ସମ୍ବାଦ ।

ଗତମାସ ତା ୨୯ ରିଖର ଓଡ଼ିଆ ଓ ନବସମ୍ବାଦରେ ଶୀର୍ଷାଙ୍କିତ ବିଷୟରେ ସମ୍ବାଦଦାତାଙ୍କର ଯେଉଁ ପତ୍ର ପ୍ରକାଶିତ ହୋଇଅଛି ତହିଁରେ ଲେଖାଅଛି କି ରଣପୁର ପ୍ରଜାମାନେ ବାର୍ଷିକ ଖଜଣା ମଧ୍ୟରୁ ବାରପଣ ନଗଦ ଏବଂ ଗୃହପଣ ଧାନ ଦେବାର ପୂର୍ବରୁ ପ୍ରଚଳିତ ଅଛି ଏବଂ ଏହି ନିୟମାନୁସାରେ ପ୍ରଜାମାନେ ପ୍ରତିବର୍ଷ ଖଜଣା ଦେଇ ଆସୁଅଛନ୍ତି । ଗତ ବର୍ଷର ଗୃହପଣି ଧାନ ଉଠିଲ ସମୟରେ ରାଜକର୍ମଚାରୀମାନେ ଏକଟଙ୍କାରୁ କାଟିବ ସେ ୬୪ ର ଦରରେ ଆଦାୟ କରିବାରେ କେତେକ ପ୍ରଜା ଉକ୍ତମତ ଆଦାୟକାଲେ କେତେକ ବିଷୟରେ ପଳାଇଲେ ଏବଂ କେତେକପ୍ରଜା ଏକମେଳ ହୋଇ ଆପତ୍ତି କରନ୍ତେ ରାଜକର୍ମଚାରୀମାନେ ସେମାନଙ୍କୁ ମାଡ଼ ଗାଳି ଅଟକ ଉପରେ କାରାବାସଦଣ୍ଡ ମଧ୍ୟ ଦେଲେ । ଏହା ଦେଖି ମାଲୁଆ ଓ ଗଡ଼ୁଆ ପ୍ରଜାମାନେ ଦେବାନ ନିକଟରେ ଗୁହାରି କରିବାରୁ ସରଳପ୍ରକୃତିକ ନରେନ୍ଦ୍ର ମହାଶୟ କହିଲେ କି ଏକଥା ତାହାଙ୍କୁ କିଛି ଜଣା ନାହିଁ । ଏହା ଶୁଣି ପ୍ରଜାମାନଙ୍କ ମନରେ ଧାରଣା ହେଲା ଯେ ଉପସ୍ଥିତ ଅତ୍ୟାଚାରର ମୂଳକାରଣ ରାଜକର୍ମଚାରୀମାନେ ଅଟନ୍ତି ସୁତରାଂ ମାଲୁଆ ଓ ଗଡ଼ୁଆ ପ୍ରଜାମାନେ କ୍ରୋଧ ଉତ୍ତେଜିତ ହୋଇ ମେଳ ବାନ୍ଧି ଗ୍ରାମରେ ରହି ଅନଳ ଦିଅନ୍ତି । ପୁଲିସ ପ୍ରଭୃତି ରାଜକର୍ମଚାରୀମାନଙ୍କୁ ମାଡ଼ ଓ ଅନିର୍ବଚନୀୟ ଦଣ୍ଡ ଦେଇ ଅସ୍ତବ୍ୟସ୍ତ କଲେ । ଏହିତ ରକ୍ଷା ଯେ ତାହାର ପ୍ରାଣ ନେବାର ସୁଯୋଗ ନାହିଁ । ପୂର୍ବର ମାଜିଷ୍ଟ୍ରେଟ ପୁଲିସଦଳ ସେଠାକୁ ଯାଇଥିଲେ ସନ୍ତୋଷ ଶାନ୍ତି ସ୍ଥାପନ କରି ଆସିଅଛନ୍ତି ।

ଆମ୍ଭେମାନେ ଏହି ପ୍ରସଙ୍ଗରେ କୌଣସି ବିସ୍ତାରିତ ସମ୍ବାଦ ପାଇ ନାହୁଁ । ମାତ୍ର ଯେ ସ୍ଥଳେ ଉପରଲିଖିତ ବୃତ୍ତାନ୍ତ ଦ ୧୫ ଦିନରୁ ଊର୍ଦ୍ଧ୍ୱ ହେଲା ପ୍ରକାଶିତ ହୋଇଅଛି ଏବଂ ଅଦ୍ୟାବଧି ତହିଁର କିଛି ପ୍ରତିବାଦ ବାହାର ନାହିଁ ସେ ସ୍ଥଳେ ତାହା ପ୍ରକୃତ ହୋଇ ଅନାୟାସରେ ଜଣାଯାଉଅଛି ଏବଂ ସମ୍ପୂର୍ଣ୍ଣରୂପେ ଯୁକ୍ତିସଙ୍ଗତ ଅଟଇ । ବର୍ତ୍ତମାନ ଧାନର ଭାଉ କ୍ରମାଗତ ବଢ଼ିବ ଅସାମୟିକ ଓ ଅତିବୃଷ୍ଟି ହେତୁ ଆଂଶିକ ଫସଲ ନଷ୍ଟ ହୋଇଥିବା ସ୍ଥଳେ ଟଙ୍କାରୁ ସେ ୬୪ ର ଦରରେ ବଳପୂର୍ବକ ଧାନ ନେବାକୁ ଚେଷ୍ଟା କଲେ ପ୍ରଜାମାନଙ୍କୁ ବାଧ୍ୟତା ଏବଂ ତହିଁ ପାଇଁ ମେଳ ହେବା ଅଦ୍ଭୁତ ନୁହଇ । ବିଶେଷତଃ ଢେଙ୍କାନାଳ ଓ ନୟାଗଡ଼ର ମେଳ ଦେଖି ଗଡ଼ଜାତର ଅଜ୍ଞ ପ୍ରଜାମାନେ ଜାଣିପାରୁଅଛନ୍ତି ଯେ ମେଳ କରି ଅତ୍ୟାଚାରର ଅନ୍ୟ ପ୍ରତୀକାର ନାହିଁ । ଏ ଧାରଣ ସାଧାରଣତଃ ଭ୍ରମାତ୍ମକ ବୋଲାଯାଇପାରେ କାରଣ ପ୍ରଜାବିଦ୍ରୋହ ଉଚିତ କାମ୍ୟ ନୁହଇ ମାତ୍ର ପ୍ରଜାଙ୍କପ୍ରତି ସୁବିଚାର କରିବା ରାଜା ଓ ରାଜକର୍ମଚାରୀଙ୍କର ପ୍ରଥମ କର୍ତ୍ତବ୍ୟ । ସେ ସ୍ଥଳେ ସେମାନେ ଲେଖାଅଛନ୍ତି ହୋଇ ପ୍ରଜା ପୀଡ଼ନରେ ପ୍ରବୃତ୍ତ ହେବେ ସେସ୍ଥଳେ ପ୍ରଜାମାନେ ପ୍ରତିବାଦ କଲେ ଏହା ସେମାନଙ୍କ ଦୋଷୀ ବୋଲାଯାଇ ନ ପାରେ । ଯେଣୁ ଢେଙ୍କାନାଳ ଓ ନୟାଗଡ଼ରେ ମ୍ୟାନେଜରଙ୍କ ଦୋଷରୁ ପ୍ରଜାମାନେ ବଞ୍ଚିତଥିଲେ ଏଠାରେ ମଧ୍ୟ ସେହିପରି ଦେଖାଯାଉଅଛି । ବିଶେଷତଃ ନୟାଗଡ଼ ଓ ରଣପୁରର ମ୍ୟାନେଜରମାନେ ଗଡ଼ଜାତ ସୁପରିଣ୍ଟେଣ୍ଡେଣ୍ଟଙ୍କ ଅଧିସ୍ଥିର ପ୍ରେରିତ ହୋଇଥିଲେ । ସେମାନଙ୍କ କାର୍ଯ୍ୟପ୍ରତି ତୀକ୍ଷ୍ଣଦୃଷ୍ଟି ରଖିବା ସୁପରିଣ୍ଟେଣ୍ଡେଣ୍ଟଙ୍କର ଉଚିତ ମାତ୍ର ଦୁଃଖର ବିଷୟ ଯେ କାର୍ଯ୍ୟତଃ ସେପରି କିଛି ହୁଅଇ ନାହିଁ ମ୍ୟାନେଜରମାନେ ଆପଣା ମତ ଯୋଗାଇ କର ଦେଖାଇ ପ୍ରଜାଙ୍କର ବେଦ ମୋଚନ୍ତି ଓ ପ୍ରଜାମାନେ ଗୁହାରି କଲେ ତାହା ଶୁଣିବାର ଇତ୍ୟାଦି ଏପରି ଅବସ୍ଥାରେ ମେଳ ଉପୁଜିବା ଆଶ୍ଚର୍ଯ୍ୟ ନୁହଇ । ପ୍ରଜାମାନେ ଅକାରଣ ମେଳ କରନ୍ତି ନାହିଁ । ସକାରଣ ମେଳ କଲେ ଉଚିତ ପ୍ରତୀକାର ପାଇଲା ପରେ ହିଁ ଆ-

Digitized by srujanika@gmail.com

Split by PDF Splitter



ନ୍ୟାୟ ଦଣ୍ଡ ବାନ୍ଧିଲେ ଅବଶ୍ୟ ଦଣ୍ଡର ଉପଯୁକ୍ତ ଓ ତହିଁପାଇଁ ସେମାନଙ୍କୁ ଦଣ୍ଡ ଦେଇ ଅପର ଲୋକଙ୍କୁ ଶିକ୍ଷା ଦେବା ଯେମନ୍ତ ଉଚିତ ପକ୍ଷାନ୍ତରେ ରାଜା ଓ ତାହାଙ୍କ କର୍ମଚାରୀଙ୍କ ବ୍ୟବହାରପ୍ରତି ଦୃଷ୍ଟି ରଖିବା ସେମନ୍ତ ଉଚିତ । ଗଡଜାତ ସୁପ୍ରିଣ୍ଡ ଓ ତାହାଙ୍କ ସହକାରୀମାନେ ପ୍ରତିବର୍ଷ ମୋଫସଲ ଗସ୍ତ କରନ୍ତି ମାତ୍ର ସେମାନେ ରାଜ୍ୟଶାସନପ୍ରତି ପ୍ରଜାଙ୍କର ମାନସିକ ଭାବ ଜାଣିବାକୁ ଅଦୌ ମନ ବଳାନ୍ତି ନାହିଁ । କେବଳ ବାଣ୍ଡର ଶୋଭା ଦେଖି ସନ୍ତୁଷ୍ଟ ହୋଇ ଗୃହ ଆସନ୍ତି । ଏହାହିଁ ସମସ୍ତ ଅନର୍ଥର ମୂଳ ଏବଂ ଏଥିର ବ୍ୟବସ୍ଥା ହେବା ଆବଶ୍ୟକ ।

---

## ସରକାରଙ୍କ ଅର୍ଥଚିନ୍ତା ।

ସୁନାର ଦରବୃଦ୍ଧି ଅଟକାଇବା ଉଦ୍ଦେଶ୍ୟରେ ଗତ ଜୁନମାସରେ ଆମ୍ଭମାନଙ୍କ ଗବର୍ଣ୍ଣମେଣ୍ଟ ଟାଙ୍କଶାଳସମ୍ବନ୍ଧୀୟ ଆଇନ ଜାରି କରି ଆଶା କରିଥିଲେ ଯେ ଦୁଇଏକ ମାସରେ ସୁନାର ଦର କିଛି ନରମ ହେବ ଏବଂ ଭାରତୀୟ ଗୋଟିଏଟଙ୍କାର ଦର ବିଲାତରେ ଅନ୍ତତଃ ଏକଶିଲିଙ୍ଗ ଓ ଚାରିପେନରୁ ଊଣା ହେବ ନାହିଁ । ସେ ସମୟରେ ଏକଟଙ୍କାର ଦର ବିଲାତରେ ଏକଶିଲିଙ୍ଗ ଓ ତିନ ପେନ ଥିଲା । ଭାରତ ଗବର୍ଣ୍ଣମେଣ୍ଟଙ୍କ ଆଶାନୁସାରେ ଟଙ୍କାର ଦର ବୃଦ୍ଧି ନ ହୋଇ କ୍ରମାଗତ ଖସିଆସି ବର୍ତ୍ତମାନ ଏକଶିଲିଙ୍ଗ ଓ ଦୁଇପେନରୁ ଊଣା ହୋଇ ଅଛି ଏବଂ ଏଥିରୁ ଯେ ଊଣା ନ ହେବ ଏହା କେହି କହି ନ ପାରେ । ଫଳତଃ ଯେଉଁ ଉଦ୍ଦେଶ୍ୟରେ ସରକାର ଆଇନ ଜାରି କରିଥିଲେ ତାହା ବିଫଳ ହୋଇଅଛି ଏବଂ ତହିଁ ସଙ୍ଗେ ସଙ୍ଗେ ଏମନ୍ତ ଦୁସ୍ତାନକ ଅର୍ଥକଷ୍ଟ ଘଟିଅଛି ଯେ ଆୟବୃଦ୍ଧିର ଉପାୟ ଭିନ୍ନ ଇଷ୍ଟା ନାହିଁ । ଆୟବୃଦ୍ଧିର ଅର୍ଥ ଲୋକଙ୍କ ଉପରେ ଅଧିକା କର ବସାଇବା । ଶାସନକାର୍ଯ୍ୟ ନିର୍ବାହାର୍ଥେ ଯେତେ ଟଙ୍କା ନିଅଣ୍ଟ ହେବ ପ୍ରଜାମାନଙ୍କଠାରୁ ତାହା ନିଆଯିବ ଏବଂ ଯେଉଁସ୍ଥଳେ ଅର୍ଥ ନିଅଣ୍ଟର ହେତୁ କେବଳ ସୁନାର ଦର ବୃଦ୍ଧି ଅଥବା ବଟ୍ଟାବିଭ୍ରାଟ ଅଟଇ ସେସ୍ଥଳେ ତହିଁର ପ୍ରତୀକାର ଅଗ୍ରେ କରିବାର ଉଚିତ । ଏହା ନ କରି କେବଳ ଅଧିକା କର ବସାଇବାଦ୍ୱାରା କ୍ଷତି ପୂରଣ କରିବା ସରକାରଙ୍କର ଉଚିତ ନୁହଇ । ଏହି ପ୍ରସଙ୍ଗ ସେନ ପ୍ରାୟ ଏକମାସ ହେବ ଭାରତର ନାନା ସ୍ଥାନରେ ଏବଂ ସମ୍ବାଦପତ୍ରମାନଙ୍କରେ ଚର୍ଚ୍ଚା ଆନ୍ଦୋଳନ ଲାଗିଅଛି ଏବଂ ସରକାର ଏଥିର କ'ଣ ବିଚାର କରୁଅଛନ୍ତି ତାହା ଜାଣିବାକୁ ସମସ୍ତେ ବ୍ୟସ୍ତ । ଏହି ପ୍ରସଙ୍ଗରେ କଲିକତାର ଟାଉନହଲ ଗୃହରେ ଗତମାସ ତା ୨୭ ରିଖରେ ସେଠା ଇଉରୋପୀୟ ଏବଂ ଦେଶୀୟ ସମସ୍ତ ଶ୍ରେଣୀର ପ୍ରତିନିଧିମାନଙ୍କର ଗୋଟିଏ ସଭା ହୋଇଥିଲା । ମହାରାଜା ସର୍ ନରେନ୍ଦ୍ରକୃଷ୍ଣ ସଭାପତିର ଆସନ ପରିଗ୍ରହଣ କରିଥିଲେ । ସଭାରେ ସର୍ବସମ୍ମତିକ୍ରମେ ଧାର୍ଯ୍ୟ ହେଲା ଯେ ବଟ୍ଟାବିଭ୍ରାଟ ହେତୁ କର ବୃଦ୍ଧିର ଆଶଙ୍କା ନିବାରଣ ନିମନ୍ତେ ରୂପାର ଦର ସମ୍ବନ୍ଧରେ କୌଣସି ଆନ୍ତର୍ଜାତିକ ବ୍ୟବସ୍ଥା ଶୀଘ୍ର କରିବା ଏବଂ ବିଲାତର ଖର୍ଚ୍ଚା ଯେ ପରିମାଣରେ ଭାରତବର୍ଷକୁ ଯୋଗାଇବାକୁ ହେଉଅଛି ତାହା ସଂଶୋଧନ ନିମନ୍ତେ ଗୋଟିଏ ସମିତି ନିଯୁକ୍ତ କରିବା କାରଣ ଗବର୍ଣ୍ଣମେଣ୍ଟଙ୍କୁ ଶୀଘ୍ର ଅନୁରୋଧ କରାଯାଉ । ଏହା ଛଡ଼ା ସଭାରେ ଆହୁରି ଧାର୍ଯ୍ୟ ହେଲା କି ବଟ୍ଟାବୃଦ୍ଧି ହେତୁ ସରକାର ଆପଣା ଅଧୀନସ୍ଥ କେତେକ ଇଉରୋପୀୟ ଏବଂ ଫିରିଙ୍ଗି କର୍ମଚାରୀମାନଙ୍କୁ କ୍ଷତି ପୂରଣ ଦେବାର ଯେଉଁ ବ୍ୟବସ୍ଥା କରିଅଛନ୍ତି ତହିଁର ବିଶେଷ ବିବେଚନା ଆବଶ୍ୟକ । ଏହି ପ୍ରସ୍ତାବମାନଙ୍କ ପୋଷକତାରେ ଯେସମସ୍ତ ବକ୍ତୃତା ହୋଇଥିଲା ତହିଁର ଉଲ୍ଲେଖ କରିବାର ଆବଶ୍ୟକ ନାହିଁ । କାରଣ ଏଥି ମଧ୍ୟରେ ଗବର୍ଣ୍ଣମେଣ୍ଟ ଉପସ୍ଥିତ ଆର୍ଥିକ କଷ୍ଟ ନିବାରଣ ଉଦ୍ଦେଶ୍ୟରେ ଯେଉଁ ଉପାୟ ଅବଲମ୍ବନ କରିବାକୁ ମନସ୍ଥ କରିଅଛନ୍ତି ତାହା ପ୍ରକାଶ କରି ଲୋକଙ୍କ ବ୍ୟସ୍ତତା ଦୂର କରିଅଛନ୍ତି । ଭାରତୀୟ ବ୍ୟବସ୍ଥାପକସଭାରେ ଯେଉଁ ଅଧିବେଶନ ଗତମାସ ତା ୨-ରିଖରେ କଲିକତାରେ ହୋଇଥିଲା ତହିଁରେ ଅର୍ଥସଚିବ ମାନ୍ୟବର ଓ୍ୱେଷ୍ଟଲାଣ୍ଡ ସାହେବ ଏକ ଦୀର୍ଘ ବକ୍ତୃତା କରି ଗବର୍ଣ୍ଣମେଣ୍ଟଙ୍କର ଅଭିପ୍ରାୟ ପ୍ରକାଶ କଲେ ଏବଂ ତହିଁ ସଙ୍ଗେ ସଙ୍ଗେ କେତେକ ବାଣିଜ୍ୟ ଦ୍ରବ୍ୟ ଉପରେ ଆମଦାନୀମାସୁଲ ବସାଇବାର ଅଭିପ୍ରାୟରେ ଗୋଟିଏ ଆଇନର ପାଣ୍ଡୁଲିପି ଉପସ୍ଥିତ କଲେ । ତାହାଙ୍କ ବକ୍ତୃତାର ସାରାଂଶ ନିମ୍ନେ ଲେଖୁଅଛୁଁ, ଯଥା;—

ଭାରତବର୍ଷର ସାଧାରଣ ରାଜସ୍ୱ ବ ୧୬ ର୍ଷ ପୂର୍ବେ ୪୬ କୋଟି ଥିଲା ବର୍ତ୍ତମାନ ୫୩ କୋଟି ହୋଇଅଛି । ଆୟବୃଦ୍ଧି ସଙ୍ଗେ ସଙ୍ଗେ ସାଧାରଣବ୍ୟୟ ମଧ୍ୟ ବଢ଼ିଅଛି ମାତ୍ର ତାହା ଅଧିକ ନୁହଇ ଏବଂ ଯଦ୍ୟପି ବ ଆବଶ୍ୟକ ହେବାରୁ ସୈନିକ ବ୍ୟୟ ବିଶେଷ ବୃଦ୍ଧି ହୋଇଅଛି ବର୍ଦ୍ଧିତ ଆୟରୁ ତାହା ଅକ୍ଲେଶରେ ଦିଆଯାଇଅଛି ଏବଂ ଏଣିକି ଦେବାର ପ୍ରତିବନ୍ଧକ ନ ଥିଲା । କିନ୍ତୁ ବଟ୍ଟାବିଭ୍ରାଟ ଓ ତଦାନୁସଙ୍ଗିକ ବ୍ୟୟ ଗବର୍ଣ୍ଣମେଣ୍ଟଙ୍କୁ ଅସ୍ତବ୍ୟସ୍ତ କରିଦେଇଅଛି । ବ ୧୬ ର୍ଷ ପୂର୍ବେ ଏକଟଙ୍କାର ଦର ବିଲାତରେ ଏକଶିଲିଙ୍ଗ ଓ ଦଶପେନ ଥିଲା । ବର୍ତ୍ତମାନ ଏକଶିଲିଙ୍ଗ ଦୁଇପେନରୁ ଊଣା ହୋଇଅଛି । ସନ ୧୮୮୩-୮୪ ସାଲରେ ବଟ୍ଟା ଖର୍ଚ୍ଚା ୩ କୋଟି ଟଙ୍କା ପଡ଼ିଥିଲା । ସନ ୧୮୮୪।୮୫ ରୁ ବଟ୍ଟାଖର୍ଚ୍ଚ କ୍ରମଶଃ ବୃଦ୍ଧି ହୋଇ ସନ ୧୮୯୩।୯୪ ସାଲରେ ୬୨ କୋଟି ହେଲା ଏବଂ ଏବର୍ଷକୁ ଆହୁରି ଅଧିକ ହେବ । ଏପରି ବଟ୍ଟାର କ୍ଷତିପୂରଣସ୍ୱରୂପ ସରକାରୀ କର୍ମଚାରୀମାନଙ୍କୁ ଏକକୋଟି ଟଙ୍କା ଦିଆଯିବ । ଅତଏବ ଆଗାମୀ ବର୍ଷ ସରକାରଙ୍କର ଯେତେ ଆୟ ହେବ ତହିଁରୁ ଅଧିକା ୩୨ କୋଟି ଟଙ୍କା ବ୍ୟୟ ହେବ । କରଦ୍ୱାରା ଏ ଟଙ୍କା ସଂଗ୍ରହ କରିବା ଭିନ୍ନ ଆଉ ଉପାୟ ନାହିଁ । ଏଥିରୁ ଦେଖାଯାଏ ଯେ ସମସ୍ତ କର ପ୍ରଚଳିତ ଅଛି ତାହାସବୁ ଆଉ ବୃଦ୍ଧି ହୋଇ ନ ପାରେ ଏବଂ ବୃଦ୍ଧି କଲେ ସୁଦ୍ଧା ତଦ୍ୱାରା ପ୍ରୟୋଜନୀୟ ଟଙ୍କା ହସ୍ତଗତ ହେବା ଅସମ୍ଭବ । ସୁତରାଂ ନୂତନ କର ବସାଇବାର ଆବଶ୍ୟକ । ହରସେଲସାହେବଙ୍କ ଅଧୀନରେ ବିଲାତରେ ଯେଉଁ କମିଟୀ ବସିଥିଲା ସେହି କମିଟୀ ବସିଥିଲା ସେହି କମିଟୀ ଭାରତୀୟ ସମସ୍ତ କରର ଅବସ୍ଥା ଅନୁସନ୍ଧାନ କରି କହିଅଛନ୍ତି କି ସମୁଦ୍ରବାଟେ ଆମଦାନୀ ହେଉଥିବା ଦ୍ରବ୍ୟ ଉପରେ କଷ୍ଟମମାସୁଲ ବସିଲେ ଭାରତବାସିଙ୍କର ଆପତ୍ତିଜନକ ନ ହୋଇ ବରଂ ସନ୍ତୋଷର ବିଷୟ ହେବ ଏବଂ ଯେ ସ୍ଥଳେ କର ବସାଇବା ନିତାନ୍ତ ଆବଶ୍ୟକ ହୋଇଅଛି ଏବଂ ସେ ଆବଶ୍ୟକତା ଅଳ୍ପଦିନ ସକାଶେ ନ ଥାଇ ଦୀର୍ଘକାଳନିମନ୍ତେ ଅଟଇ ସେ ସ୍ଥଳେ ଆମଦାନୀଦ୍ରବ୍ୟ ଉପରେ ମୂଲ୍ୟାନୁସାରେ ଶତକର ୫ ଟଙ୍କା ଲେଖାଏଁ କର ବସାଇବାକୁ ଗବର୍ଣ୍ଣମେଣ୍ଟ ମନସ୍ଥ କରିଅଛନ୍ତି । ଏହାଦ୍ୱାରା ଯେମନ୍ତ ଅଧିକା ରାଜସ୍ୱ ଆୟ ହେବ ତେମନ୍ତ ଅନ୍ୟର ଗୋଟିଏ ଅଧିକା ବାଟ ଫିଟିବ । କେବଳ କପାସୂତା ଓ ଲୁଗା ଉପରେ ମାସୁଲ ବସାଇବା ସରକାରଙ୍କର ଇଚ୍ଛା ନୁହଇ କାରଣ ବିଲାତର ବଣିକମାନଙ୍କର ସେ ବିଷୟରେ ଗୁରୁତର ଆପତ୍ତି

Digitized by srujanika@gmail.com

ଅଛି । ଏ ଛଡ଼ା କେରୋସିନ୍‌ତେଲ ଉପରେ ବର୍ତ୍ତମାନ ଯେଉଁ ମାସୁଲ ନିଆଯାଉଅଛି ତାହ ଦ୍ୱିଗୁଣ ହେବ । ଏପରି ମାସୁଲ ବସିଲେ । କେରୋସିନ ତେଲଦ୍ୱାରା ଅଧିକା ୨୦ ଲକ୍ଷ ଟଙ୍କା ଏବଂ ଅନ୍ୟାନ୍ୟ ଦ୍ରବ୍ୟଦ୍ୱାରା ଏକକୋଟି ୨୦ ଲକ୍ଷ ଟଙ୍କା ଲାଏ ଏକକୋଟି ଚାଳିଶଲକ୍ଷ ଟଙ୍କା ଆୟ ହେବ । ଇଆତ ଦୁଇକୋଟି ଟଙ୍କା ନିଅଣ୍ଟ ହେଉଅଛି । ତାହା କପରି ପୂରଣ ହେବ ଧନସଚିବ ପ୍ରକାଶ କରି ନାହାନ୍ତି । ଅନୁମାନ କରୁଁ ସେ ଯେଉଁ ଆଇନର ପାଣ୍ଡୁଲିପି ଆଗତ କରିଅଛନ୍ତି ତହିଁର ବକ୍ତୃତା ଏ ସପ୍ତାହରେ ଭାରତୀୟ ବ୍ୟବସ୍ଥାପକ ସଭାରେ ହେବା ସମୟରେ ସେ କଥା ପ୍ରକାଶ ପାଇବ । ଯେତେବେଳେ ଦୈନିକ ବ୍ୟୟ ଏବଂ ବଟ୍ଟାର କ୍ଷତିପୂରଣ କରିବା ଗବର୍ଣ୍ଣମେଣ୍ଟଙ୍କର ଅଭିପ୍ରାୟ ଥାଏ ଏବଂ ତଦ୍ୱାରା ଅର୍ଥକଷ୍ଟ ଲାଘବ ହେବେ ଉତ୍ତମ କଥା ନୋହିଲେ ଅମ୍ଭମାନଙ୍କ ବିବେଚନାରେ କପାଲୁଗା ଉପରେ କଷ୍ଟମମାସୁଲ ବସାଇବାର ଉଚିତ ।

—————

# ସାପ୍ତାହିକ ସମ୍ବାଦ ।

ଗତ ବୁଧବାର ଅପରାହ୍ଣରେ ଏ ନଗରରେ ସାମାନ୍ୟ ପବନ ସହିତ ଧୂଳିମଳ ବୃଷ୍ଟି ହୋଇଥିଲା । ବେଳବାଗ କେତେକ ଜଳଶୀତଳ ଲାଗି ପଡ଼ୁଅଛି ।

ଗତ ବୁଧବାରି ଓ ଗୁରୁବାର ଏଠା କଲେଜ୍‌ର ଜଣେଙ୍କ ଛାତ୍ର ମଲ୍ଲାସ ପରୀକ୍ଷା ହୋଇଥିଲା ।

ଗତ କାଲିଠାରୁ ସ୍କୁଲର ଛାତ୍ରପରୀକ୍ଷା ଆରମ୍ଭ ହୋଇଅଛି । ଅଳ୍ପ ଶେଷ ହେବ ।

ଅସ୍ମମାନଙ୍କ ଶ୍ରୀଯୁକ୍ତ କମିଶ୍ନର ଡି କୁକ୍ ସାହେବ ଗତ ଗୁରୁବାର ବଲଙ୍ଗ ସାବଡିଭିଜନ ଅଫିସ ପରିଦର୍ଶନାର୍ଥେ ଗମନ କରିଅଛନ୍ତି । ଆଗାମୀ ସପ୍ତାହରେ ପ୍ରତ୍ୟାଗମନ କରିବେ ।

ଉତ୍କଳ ଡିଭିଜନର ଅସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ବାବୁ ସୁଦାମ ଚନ୍ଦ୍ର ଜାମ୍ବୁ ଗତ ମଙ୍ଗଳବାର ବଲସ ସୁକିନ୍ଦା ଓ କେନ୍ଦୁଝର ଉପ ପୋଷ୍ଟାପିସ ପରିଦର୍ଶନ ନିମନ୍ତେ ସରଜମିନକୁ ଗମନ କରିଅଛନ୍ତି ।

ଶୁଣାଯାଉଅଛି ଏଠା କଲେଜ୍‌ର ଶ୍ରୀଯୁକ୍ତ ଚ. ମିଲ୍‌ନ୍ସଙ୍କ ଗୁଲେମ୍ପୁରକୁ ସ୍ଥାନାନ୍ତରିତ ହେବେ ।

ଏହି ଫାଲ୍‌ଗୁନ ମାସରେ ଏକମାତ୍ର ବିବାହ ଲଗ୍ନ ଥିଲା ବାରୁ ଅନେକ ହିନ୍ଦୁ ବିବାହ ଏକତ୍ରେ ପଡ଼ି ଯାଇ ଗତ ବୁଧବାରଠାରୁ ଅନେକେ ନଗର ଭିତରେ ପଡ଼ିଥିଲି ।

### କଲିକତା-ଗେଜେଟ୍‌ରୁ ।

ଓଡ଼ିଶା ବନ୍ଦୋବସ୍ତରେ ନିଯୁକ୍ତ ଅଧ୍ୟକ୍ଷ, ଅନ, ନାଥସାହେବ ଡଏଲେମ ଟ୍ରେଞ୍ଚ ମା ୫ ମ ଛୁଟିପାଇଅଛନ୍ତି ।

ଉତ୍ତମାସ ତା ୧୭ ଖଠାରୁ ତା ୨୧ ଖ ପର୍ଯ୍ୟନ୍ତ ବଲକଟା ବସ୍ତବଦ୍ୟାଳୟର ସେକଣ୍ଡ ଗ୍ରେଡରେ ଇପୋର୍ଟକଲେଜର ତ୍ରୟତ କାର୍ଯ୍ୟ ପ୍ରାର୍ଥିଙ୍କ ପରୀକ୍ଷା ଗୃହୀତ ହେବ ।

ହେପୁଟି କଲେକ୍ଟରଙ୍କ ପ୍ରଭୃତିଙ୍କ ଆଗାମି ଷାଣ୍ମାସିକ ପରୀକ୍ଷା ଏପ୍ରିଲ ମାସର ତା ୨ ଖଠାରୁ ଆରମ୍ଭ ହେବ ।

ଶ୍ରୀଯୁକ୍ତ ଏଚ ଏଲ ମାର୍ଟିନ ସାହେବ ବଙ୍ଗୀୟ ପ୍ରକାଶ୍ୟ ଅଦାଲତର ଓ ତତ୍କର୍ତ୍ତୃକ ନିଯୁକ୍ତ ଅନ୍ୟାନ୍ୟ ଲେବାଶ୍ରମ ଅଫିସର ଏବଂ ଡିଷ୍ଟ୍ରିକ୍ଟ ସେଟଲମେଣ୍ଟ ଅଫିସରଙ୍କ କ୍ଷମତା ପାଇଲେ ।

—————

ଇଉନାଇଟେଡ଼ଷ୍ଟେଟ୍‌ରେ ବର୍ତ୍ତମାନ ସମ୍ବାଦପତ୍ରର ସଂଖ୍ୟା ୨୦୦୦୦ ଅଟେ । ବ ୨୫ ବର୍ଷ ପୂର୍ବେ ପ୍ରାୟ ୫୦୦୦ ସମ୍ବାଦପତ୍ର ସେ ଦେଶରେ ଚଳୁଥିଲା ।

ଅନେକ ପ୍ରକାର ଡାକଘରମାନଙ୍କରେ ମୁଦ୍ରିକ ନଷ୍ଟ କରିବା କାରଣ ମାର୍ଜାର ନିଯୁକ୍ତ କରିବାର ବିଧି ପ୍ରଚଳିତ ଅଛି । ଏହି ବିଧି ଅନୁଯାୟୀ ସେଠା ଡାକଘରମାନଙ୍କରେ ୩୦୦ ବିରାଡ଼ି ମୂଷା ମାରିବା କାର୍ଯ୍ୟରେ ପାଳିତ ହୋଇ ଅଛନ୍ତି ।

ଦକ୍ଷିଣରେ ଗରଭିଣୀ ତରୁଣୀମାନେ ଶସ୍ୟ ନଷ୍ଟ କରିବାରୁ ଏକଜନ ଲୋକ ନିଜର ଶସ୍ୟକ୍ଷେତ୍ରରୁ ୩୫୦ ଗରଭିଣୀ ତରୁଣୀ ନଷ୍ଟ ହୋଇଥିବାର କହିଥିଲେ ।

ଏକ ଇଂରେଜ କାଗଜରେ ଲେଖା ଅଛି ଯେ ପୃଥିବୀରେ କେବଳ ସମୁଦ୍ର ଉପରେ ପ୍ରକାର ପୋଷ୍ଟେଜଷ୍ଟାମ୍ପ ପ୍ରଚଳିତ ଅଛି ।

ଲଣ୍ଡନ ନଗରରେ ୧୧୦୦୦ ମଦର ଦୋକାନ ଥିବାର ଜଣାଯାଏ । ସେ ଦେଶରେ ଅପରିମିତ ମଦର ଖର୍ଚ୍ଚ ହୁଅଇ । ଏହି ଦେଶରୁ ଅସ୍ମମାନଙ୍କର ଅଫିମ ଓ ଗଞ୍ଜାର କମିଶନ ନିଯୁକ୍ତ ହୋଇ ଅଛି ।

ଲଣ୍ଡନ ନଗରରେ କେବଳ ବାଷ୍ପ (Gas) ବୁଝାଇବା ନିମନ୍ତେ ପ୍ରତିବର୍ଷ ୨୦ ଲକ୍ଷ ଟନ କୋଇଲା ଖର୍ଚ୍ଚ କରନ୍ତି ।

ଚୀନ ରାଜ୍ୟରେ ଦୈନିକ ବେତନ ଅତି ଅଳ୍ପ ଅଟଇ । ଜଣେ ମିସ୍ତ୍ରୀ ମାସକୁ ୪ ସିଲିଂ (ପ୍ରାୟ ୫ ୨ ଟା) ଦରମା ପାଏ ଓ ତହିଁରୁ ସେ ଖାଇ ପିଇ କାର୍ଯ୍ୟ କରଇ ।—ଚୀନଦେଶରେ ଖାଦ୍ୟଦ୍ରବ୍ୟାଦି ସସ୍ତା ହୋଇ ଥିବ ।

ଫ୍ରାନ୍ସ ଦେଶରେ ଶସ୍ୟର ମାସୁଲ ବୃଦ୍ଧି କରାଯାଇ ଥିବାରୁ ରୁଷିଆ ସେଠାକୁ ଲେଖି ଅଛନ୍ତି ଯେ ଯଦି ଏତଦ୍ୱାର ରୁଷିଆର ଉତ୍ପନ୍ନପକ୍ଷେ କୌଣସି ଅସୁବିଧା ଘଟିବ ତାହା ହେଲେ ରୁଷିଆ ଫ୍ରାନ୍ସ ସହିତ ଚଳୁଥିବା ବାଣିଜ୍ୟ ସମ୍ବନ୍ଧୀୟ ସନ୍ଧି ଭଙ୍ଗ କରିବେ ।

ଗତ ଫିବ୍ରୁଆରି ମାସ ତା ୨୧ ଖ ସନ୍ଧ୍ୟା ବାଲେଶ୍ୱର ସମୟରେ ଦାରଜିଲିଂଠାରେ ଭୂମିକମ୍ପ ଅନୁଭୂତ ହୋଇଥିବାର ସମ୍ବାଦ ମିଳଇ । ଏଥିନିମନ୍ତେ ସକାଳ ସ ୭ ଘଣ୍ଟା ପର୍ଯ୍ୟନ୍ତ କେତେ ୨ ସାମାନ୍ୟ ପ୍ରକାର ଭୂମିକମ୍ପ ଅନୁଭୂତ ହେଉଥିଲା । ମାତ୍ର କୌଣସି କ୍ଷତି ହୋଇ ନାହିଁ ।

ଜର୍ମ୍ମାନ ରାଜ୍ୟରେ ନିଯୁକ୍ତ ହୋଇଥିବା ଶୌଚ କମିଶନର କାର୍ଯ୍ୟ ଗତ ମାସ ତା ୨୨ ଖରୁ ଆରମ୍ଭ ହୋଇଥିବାର ସମ୍ବାଦ ମିଳଇ । କାର୍ଯ୍ୟାରମ୍ଭ ସମୟରେ ତହିଁର ସଭାପତି କାଉଣ୍ଟ ଗୋଷାର୍ଡ଼ି ମହୋଦୟ ଭାରତ ଓ ଅନ୍ୟାନ୍ୟ ସ୍ଥାନର ଦପ୍ତରକୁ ଉଲ୍ଲେଖ କରି କହିଲେ ଯେ ଜର୍ମ୍ମାନର ବାଣିଜ୍ୟ ଓ ପଣ୍ୟଶ୍ରମ ପ୍ରତି ଏହା ଅନୁକୂଳ ହେବାରୁ

ରୂପାର ମୂଲ୍ୟ ବୃଦ୍ଧି ହୋଇ ପାରିବ କି ନାହିଁ ଓ ହୋଇ ପାରିଲେ କି ଉପାୟରେ ହେବ ଏହା ସ୍ଥିର କରିବାକାରଣ ଜର୍ମ୍ମାନ ଗବର୍ଣ୍ଣମେଣ୍ଟ ଏ କମିଶନ ନିଯୁକ୍ତ କରି ଅଛନ୍ତି ଦେଖାଯାଉ ଏହାଦ୍ୱାରା କି ଫଳ ଲାଭ ହେବ ।

ମାନ୍ଦ୍ରାଜରେ ମନ୍ଦଅର୍ଥର ହ୍ରାସ ଲକ୍ଷ୍ୟ ଅଦାୟ କରିବାର ପ୍ରଥା ଫଳପ୍ରଦ ନ ହେବାରୁ ତାହା ଉଠିତ ହେବାର ପ୍ରସ୍ତାବ ହେଉ ଥିବାର ସମ୍ବାଦ ମିଳଇ । କଥିତ ହୁଏ ଯେ ଅନେକ ସେବକ ସ୍ୱୀୟ ଜୀବିକା କରଣାର୍ଥ ଅଥବା ଗ୍ରାମ୍ୟ କର୍ମଚାରୀଙ୍କ ବଳରେ କରିବା କାରଣ ଏ ପ୍ରଥା ଅବଲମ୍ବନ କଲେ । ସୁତରାଂ ଏହା ଉଚିତ କରିବାର ଉପାୟ କରିଅଛି ।—ଅମ୍ଭେମାନେ କରୁ ଏହା ବୁଝି ପାରନ୍ତୁ ନାହିଁ । କେତେକ ବୃତ୍ତି ସେବକଙ୍କ ଅନ୍ୟାୟ କାର୍ଯ୍ୟ କ ଯହିଁରେ ସରକାରଙ୍କର କିଛି କ୍ଷତି ନାହିଁ ତତ୍‌ହେତୁ ଲୋକଙ୍କ ପ୍ରଜା ଓ ରଜାଙ୍କର ସୁବିଧା ତ୍ୟାଗ କରିବା ଉଚିତ କି ?

ନୂତନ ବଡ଼ଲାଟଙ୍କ ସହିତ ସାକ୍ଷାତ୍ କରି ମାନ୍ଦ୍ରାଜର ଗବର୍ଣ୍ଣର ଲର୍ଡ୍ ଉଏନଲକ ବାହାଦୁର ସ୍ୱପତ୍ନୀ ସମଭିବ୍ୟାହାରେ ଗତ ମାସ ତା ୨୫ ଖରେ କଲିକତାରୁ ମାନ୍ଦ୍ରାଜକୁ ଯାତ୍ରା କରିଥିବାର ସମ୍ବାଦ ମିଳଇ ।

ଚୀନ ଅଞ୍ଚଳରେ ଅଦ୍ୟାପି ଶାନ୍ତି ସ୍ଥାପିତ ହୋଇ ନାହିଁ । ଇଂରାଜ ସେନା ଅନେକ ଦଳରେ ବିଭକ୍ତ ହୋଇ ବିପକ୍ଷଙ୍କ ସନ୍ଧାନ ସେଠି ବୁଲୁ ଅଛନ୍ତି ଏବଂ ଏକ ସ୍ଥାନରେ ଜଣେ ଇଂରାଜ ସୁବାଦାର ଅସଭ୍ୟ ଜାତିଙ୍କ କର୍ତ୍ତୃକ ହତ ହୋଇଥିବାର ସମ୍ବାଦ ମିଳଇ ।

ବଙ୍ଗଳା ନାଗପୁର ରେଲୱେ ସଙ୍ଗେ ମିଶାଇବା କାରଣ କଟକଠାରୁ ସମ୍ବଲପୁର ପର୍ଯ୍ୟନ୍ତ ନିର୍ମିତ ହେବା ପ୍ରସ୍ତାବିତ ରେଲୱେ ମହାନଦୀର ଦକ୍ଷିଣ କୂଳରେ ହେବା ର ଉଣ୍ଡିଆ ଗବର୍ଣ୍ଣମେଣ୍ଟ ମଞ୍ଜୁରି କରି ଅଛନ୍ତି ।—କେବଳ ପ୍ରସ୍ତାବହିଁ ସାର ହେବ ନାହିଁ ତ ?

ଆଫ୍ରିକାର ପଶ୍ଚିମ ଉପକୂଳରେ ଅସଭ୍ୟ ଜାତିଙ୍କ ସହିତ ଯୁଦ୍ଧ କରି ଇଂରାଜଙ୍କ ପକ୍ଷରୁ ଅନେକ ଲୋକ ହତ ଓ ଆହତ ଓ ସେନା ନଷ୍ଟ ହୋଇଥିବାର ସମ୍ବାଦ ମିଳଇ ।—ସୁଖ କଥା ନାହିଁ ।

ଜର୍ମ୍ମାନର ସମ୍ରାଟ୍ ଓ ସେଠା ପୂର୍ବତନ ମନ୍ତ୍ରୀ ପ୍ରିନ୍ସ ବିସମାର୍କ ମହୋଦୟଙ୍କ ମଧ୍ୟରେ ସଦ୍ଭାବ ସ୍ଥାପିତ ହୋଇ ଥିବାର ସମ୍ବାଦ ମିଳଇ । କଥିତ ହୁଏ ଏ ବିଷୟରେ ସମ୍ରାଟ ଅଗ୍ରେ ଯୋଗାଡ଼ କରିଥିଲେ । ପରେ ସମ୍ରାଟଙ୍କ ଜନ୍ମଦିନ ଲେଖକ ଏହାଙ୍କ ନିମନ୍ତ୍ରଣ ହୋଇ ଥିଲା ଓ ସେ ଲେଖକ ଅଛିବା ସମୟରେ ନାଗରିକମାନେ ପ୍ରଭୃତ ଉତ୍ସାହରେ ତାଙ୍କ ଅଭ୍ୟର୍ଥନା କରିଥିଲେ । ତହିଁରେ ସମ୍ରାଟ୍ ମହୋଦୟ ବିସ୍ମାର୍କଙ୍କ ଆବାସକୁ ଯାଇ ଭୋଜନ କରିଥିବାର ସମ୍ବାଦ ମିଳଇ ।—ପ୍ରିନ୍ସ ବିସମାର୍କ କଣ୍ଠ ସେ ଲୋକ ସେବକ । ତାଙ୍କ ସହିତ ସମ୍ରାଟଙ୍କର ମନୋମାଳିନ୍ୟ ହେବା ଉଚିତ ହେଉ । ଏକ୍ଷଣେ ସଦ୍ଭାବ ସ୍ଥାପିତ ହୋଇଥିବାର ଅବଗତ ହୋଇ ସମସ୍ତେ ଆନନ୍ଦ ପ୍ରକାଶ କରୁଅଛନ୍ତି ।

ମାନ୍ଦ୍ରାଜର ସୋଲିସିଟର ବାଦ୍ଧବ ନର୍ଟନ ସାହେବଙ୍କ ନାମରେ ସୁଭମାକ ସାହେବ ଯେଉଁ ପରସ୍ତ୍ରୀ ଅପହରଣର ମୋକଦ୍ଦମା ଆଣି ଥିଲେ ତହିଁରେ ତାହା ଅଗାମି ପରର ଶ୍ରାର୍ଥନ । ପରେ ଅଗାମି ଅକ୍ଟୋବର ମାସ ତା ୧୬ ଖଠାରୁ ମକଦ୍ଦମା ଉଠିଥିବାର ସମ୍ବାଦ ମିଳଇ ।

Split by PDF Splitter

Digitized by srujanika@gmail.com

Split by PDF Splitter



କଲିକତାର ସମ୍ବାଦପତ୍ରରେ ଦେଖା ଯାଏ ଏକ ୧୪ ବର୍ଷର କନ୍ୟା ବିବାହିତା ବଙ୍ଗ ମହିଳା ଅପଣା ପିତ୍ରାଳୟକୁ ଯିବା- ଅନୁମତି ନ ପାଇବାରୁ ସ୍ୱାମିଗୃହରେ କେଶରେ ପତ୍ର ଲଗାଇ ଆତ୍ମହତ୍ୟା କରି ଥିବାର ସମ୍ବାଦ ମିଳଇ ।

କଲିକତାରେ ବ ୫ ବର୍ଷ ବୟସର ଗୋଟିଏ ପିଲା ଦିଆଶିଲି- କାଢ଼ି ସେଥି ସେଗୁଡ଼ିଏ ଲୁଗାରେ ନିଆ ଲଗାଇ ପୋଡ଼ି ମରିଥିବାର ସମ୍ବାଦ ମିଳଇ । ପିଲାଙ୍କ ଦିଆଶିଲି ଖେଳିବାକୁ ଦେବା ଅନ୍ୟାୟ ।

ଉପନିବେଶ ସ୍ଥାପନ କରିବାରେ ୟୁରୋପୀୟ ସମସ୍ତ ରାଜାମାନେ ବ୍ୟସ୍ତ ଥିବାରୁ ସେମାନଙ୍କର ସ୍ୱତ୍ୱ ସ୍ଥିର କରି- ବା କାରଣ ଏକ ଅନ୍ତର୍ଜାତୀୟ ମେଳା ହେବାର ସ୍ଥିର ହୋଇଅଛି । ସମସ୍ତ ରାଜ୍ୟରୁ ଏ ମେଳାକୁ ପ୍ରତିନିଧି ପ୍ରେ- ଷିତ ହେବେ ଓ ମେଳାର ଅଧିବେଶନ ବ୍ରୁସେଲସ୍‌ଠାରେ ହେବ ।

ଆୟର୍ଲଣ୍ଡର ଅନୁଶାସନ ସମ୍ବନ୍ଧୀୟ ଆଇନକୁ ଲର୍ଡମାନେ ଅଗ୍ରାହ୍ୟ କରିବା ଓ ଅନ୍ୟ କେତେକ ଆଇନରେ ଅକାରଣ ପରିବର୍ତ୍ତନାଦି କରିଥିବାରୁ ସେ ଯୋନ ଦଳରେ [illegible] ଯାଇଅଛି ଏବଂ ଗତମାସ ତା ୧୮ ରିଖରେ ଲଣ୍ଡନ ନଗର ଟ୍ରାଫାଲଗାର ସ୍କୋୟାରଠାରେ ପ୍ରକାଶ୍ୟ ସଭା ହୋଇଥିଲା । ଏ ସଭାରେ ଅନେକ ସହସ୍ରରୁ ଅଧିକ ଲୋକେ ଉପସ୍ଥିତ ଥିଲେ ଏବଂ ଅନ୍ୟାନ୍ୟ ପ୍ରସ୍ତାବମାନଙ୍କ ମଧ୍ୟରେ ପାର୍ଲିୟାମେଣ୍ଟର ଲର୍ଡସଭା ଉଠାଇ ଦେବାର ପ୍ରସ୍ତାବ ହୋଇଥିଲା । ଅସ୍ମାନଙ୍କର ଦାଦା ଭାଇ ନଉରୋଜି ମହୋଦୟ ଏ ସଭାରେ ବକ୍ତୃତା କରିଥିଲେ ।

ଜର୍ମାଣର ବିଖ୍ୟାତ ଜ୍ୟୋତିଷ ଡାକ୍ତର ଫାଲବ ସାହେବ କହନ୍ତି ସନ ୧୮୯୯ ମସିହା ନବେମ୍ବର ମାସ ତା ୧୩ ରିଖ ଦିନରେ ପୃଥିବୀ ଧ୍ୱଂସ ହେବ । ତାଙ୍କ ମତରେ ସନ ୧୮୬୬ ମସିହାରେ ଯେଉଁ ଧୂମକେତୁ ଦେଖା ଯାଇଥିଲା ସେ ପୁନ- ର୍ବାର ଅବତୀର୍ଣ୍ଣ ହୋଇ ସେହି ଦିନ ପୃଥିବୀ ଉପରେ ପଡ଼ି ପୃଥିବୀକି ନଷ୍ଟ କରିବ । ଡାକ୍ତର ମହାଶୟ ସ୍ଥିର ଭାବରେ ଗଣନା କରିଅଛନ୍ତି ତ !

ରୁଷିଆର ସମ୍ରାଟ୍ ପୁରୁଣା ଜାହାଜମାନ ଉଚିତ ଦର ଓ ନୂତନ ଜାହାଜମାନ ଶୀଘ୍ର ମରାମତି କରିବାର ଆଦେଶ ପ୍ରଚାର କରିଅଛନ୍ତି । ସଇସଲ୍‌କାଜାହାଜ ଲେଖିବାକି ସହିତ ନଷ୍ଟ ହୋଇଥିବାରୁ ସମ୍ରାଟ୍ ଏ ଆଦେଶ ପ୍ରଚାର କରିଅଛନ୍ତି ।

## ଯାଜପୁର ସମ୍ବାଦ ।

ଅଳ୍ପଦିନ ପୂର୍ବେ ଥାନା ଅନ୍ତର୍ଗତ ଯାଗେଶ୍ୱରପୁର ଗ୍ରାମ ରଘୁନାଥପୁରର ଏକ ଅନାବୃତ କୂଅରେ ପାଞ୍ଚବର୍ଷର ଗୋଟିଏ ବାଳକ ପଡ଼ିଯାଇ ସଙ୍କଟରେ କୂଅର ଜଳକୁ ଧରି ଭୂଲି ପଡ଼ି କ୍ରନ୍ଦନ କରିବାମାତ୍ର ନିକଟବର୍ତ୍ତୀ ରାସ୍ତାରେ ଯାଉଥିବା ଲୋକେ ତାହା ଶୁଣି ଡାକପକାଇବାରୁ ଗ୍ରାମବାସିମାନେ ତତ୍କ୍ଷଣାତ୍ ଆସି ପିଲାକୁ ଉଦ୍ଧାର କଲେ । ଗ୍ରାମ ମଧ୍ୟରେ ଏପରି ଜଳସ୍ଥାନ କୂଅ ରକ୍ଷିବା ବିଶେଷ ଅନିଷ୍ଟଜନକ ଅଟେ । ଅଥଚ ଅନୁସନ୍ଧାନ କଲେ ଥାନା ମଧ୍ୟରେ ଏହିପରି ଅନେକ ଅନାବୃତ କୂଅ ବାହାରିବ ଏ ବିଷୟରେ ମ୍ୟୁନିସିପାଲିଟୀର ବିଶେଷ ଦୃଷ୍ଟି ରଖିବା ଆବଶ୍ୟକ ।

କେତେକ ଦିନ ହେଲା ରୌଦ୍ରର ତେଜ କ୍ରମଶଃ ବୃଦ୍ଧି ହୋଇ ଦିନବେଳେ ଗ୍ରୀଷ୍ମ ଗରମପବନ ବହୁଅଛି ।

ଏ ବର୍ଷ ଅତିବୃଷ୍ଟି ହେତୁ ଜେନାଶିପୁ ହୋଇଗ୍ରାମ କାଉଁଗା ଓ ଅଲଗା ପ୍ରଭୃତି କେତେକ ପ୍ରଗଣାର ଶାରଦ ଧାନ୍ୟ ଫସଲ ଧୋଇଯାଇ ନଷ୍ଟ ହୋଇଥିଲା ମାତ୍ର ଗରିବ ଚାଷୀମାନେ ଉକ୍ତ ଅଭାବ ପୂର୍ଣ୍ଣ କରିବା କାରଣ ଯେ ଯାହାର ସାଧ୍ୟାନୁସାରେ ଡାଲିଆ ଧାନ୍ୟଫସଲ ପ୍ରସ୍ତୁତ କରି ଏତେ ଦିନ- ପର୍ଯ୍ୟନ୍ତ ନିକଟବର୍ତ୍ତୀ ଘାଟ ଓ ପୁଷ୍କରିଣୀମାନଙ୍କରୁ ଜଳ ବହି ଆଣି ରକ୍ଷା କରୁଥିଲେ ମାତ୍ର ଏଣିକି ଜଳ ଅଭାବରୁ ଉତ୍ତାପ ହେବାରୁ ଅନେକ ଅଧିକ ପାଣି ଶୁଖିଲାଣି ଶୀଘ୍ର ବୃଷ୍ଟି ନ ହେଲେ ଗରିବଙ୍କର ଦଶା ଯେ କି ହେବ ବୋଲି କହି ଯାଇ ନ ପାରେ ।

ପ୍ରତିବର୍ଷ ମଫସଲକୁ ଘର ଛପରବନ୍ଦ କରିବା କାରଣ ତୃଣ ଆମଦାନି ହେଉଥିବାରୁ ଫି ଟଙ୍କାରେ ଦଶ କାହାଣ ହିସାବରେ ତୃଣ ମିଳୁଥିଲା ତହିଁରେ ପୁଣି ଗରିବଲୋକେ ଯଥାମତ ଘର ଛପରବନ୍ଦ କରି ପାରୁ ନ ଥିଲେ ମାତ୍ର ଏବର୍ଷ ଅଳ୍ପକାଳ ଟଙ୍କାରେ ପାଞ୍ଚପଣସୁଦ୍ଧା ତୃଣ ମିଳୁ ନାହିଁ । ଏଥିରୁ ବୋଧ ହେଉଅଛି ଯେ ଏବର୍ଷ ଏହି ଥାନାର ଅନେକ ଘର ଛପରବନ୍ଦ ହୋଇ ନ ପାରି କାହଡ଼ା ପୂରି ହେବ ।

ଏଠାକାର ଏକଟିଂ ପୁଲିସ ଇନ୍‌ସ୍ପେକ୍ଟର ବାବୁ ଅକ୍ଷୟ କୁମାର ଚୌଧୁରୀ ବଗୁଡ଼ା ଜିଲାର ସବ୍‌ଇନ୍‌ସ୍ପେକ୍ଟରି ପଦରେ ବଦଳି ହୋଇ ଯିବାରୁ ତାଙ୍କ ସ୍ଥାନରେ ବାବୁ ଭୂଦେବ ମୁଖୋପାଧ୍ୟାୟ ( ଯେ କି ଏଥି ପୂର୍ବରେ ପୁରୀ ସଦରର କୋର୍ଟ ସବ୍ ଇନ୍‌ସ୍ପେକ୍ଟର ଥିଲେ ) ଏଠାକାର ମୋକରର ଇନ୍- ସ୍ପେକ୍ଟର ପଦରେ ନିଯୁକ୍ତ ହୋଇ ଆସିଅଛନ୍ତି । ଭୂଦେବ ବାବୁ ଲୋକପ୍ରିୟ ଥିବାର ବୋଧ ହେଉଅଛି ।

## ପୁରୀ-ସମ୍ବାଦ ।

ଏବର୍ଷ ଶ୍ରୀ ଜଗନ୍ନାଥ ଦେବଙ୍କ ଦୋଳଯାତ୍ରା ନିର୍ବି- ଘ୍ନରେ ସମାଧା ହୋଇଅଛି । ଏଥର ଦୋଳ ପୂର୍ଣ୍ଣିମା ସମ- ୟରେ ମେଘ ଘୋଡ଼ାଇ ବର୍ଷା ହେବାର ଉପକ୍ରମ ହୋଇ- ଥିଲା । ଦୋକାନି, ବଜାରି, ଦର୍ଶକ ପ୍ରଭୃତି ସମସ୍ତେ ବର୍ଷାର କଷ୍ଟ ସ୍ମରଣ କରି ଆକୁଳ ହୋଇ ଥିଲେ । କିନ୍ତୁ ସୁଖର ବିଷୟ ଯେ ମେଘ ଶୀଘ୍ର ଛାଡ଼ିଯାଇ ଥିଲା । ଏବଂ ଦର୍ଶକମାନେ ରାତ୍ର ପ୍ରହର ପର୍ଯ୍ୟନ୍ତ ସୁଖରେ ଦର୍ଶନ ଏବଂ ଜାଗରଣ କରି ଏହିପରି ଉତ୍ସବକୁ ଆହ୍ଲାଦରେ ଅତିବାହିତ କଲେ ।

ମାନ୍ୟବର ନୂତନ ମ୍ୟାନେଜର ମହୋଦୟଙ୍କ ଦ୍ୱାରା ଶ୍ରୀ ଜିଉଙ୍କ କାର୍ଯ୍ୟମାନ ଯଥାସମୟରେ ଏବଂ ଯଥା ନିୟମରେ ଚଳୁଅଛି ।

ଅସ୍ମାନଙ୍କର ମାଜିଷ୍ଟ୍ରେଟ ଓ ପୁଲିସ ସୁଃ ସାହେବ ମହୋଦୟ ଭ୍ରମଣରୁ ଫେରି ଆସି ଅଛନ୍ତି ।

ଏଠାର ପ୍ରଧାନ ମଠ ରାଘବଗୋପାଳ ଓ ଉତ୍ତର- ପାର୍ଶ୍ୱ ମଠ ମହନ୍ତଙ୍କ ଶିଷ୍ୟଦ୍ୱୟଙ୍କର ଉପନୟନ କର୍ମ ଚଇତ ତା ୧ ରିଖରେ ହେବାର ସ୍ଥିର ହୋଇଅଛି ।

---

## ପତ୍ରପ୍ରେରକଙ୍କ-ପ୍ରତି ।

**ଶ୍ରୀ ହରିହର ତ୍ରିପାଠୀ—ରସୁଲକୁଣ୍ଡାବାସୀ** ଶ୍ରୀ ଲାଲବେଗ ଖାନ୍ ସାହେବ ବହୁକାଳ ସୁ- ଖ୍ୟାତିସହିତ ପୁଲିସ ଇନ୍‌ସ୍ପେକ୍ଟରୀ କରି ସବ୍‌ମ୍ୟା- ଜିଷ୍ଟ୍ରେଟପଦକୁ ଉନ୍ନତି ଲଭି ଦୁଇବର୍ଷ ହେଲା ପେନ୍‌ସନ ନେଇଅଛନ୍ତି ଏବଂ ଏହାଙ୍କ ଅସାଧା- ରଣ ଯୋଗ୍ୟତାର ତତ୍ତ୍ୱସ୍ୱରୂପ ଗଭର୍ଣ୍ଣ ଗବର୍ଣ୍ଣ- ମେଣ୍ଟ ଏହାଙ୍କୁ ଖାନ ସାହେବ ପଦ ଦେଇ ଅଛନ୍ତି । ଗତ [illegible] ଅନେକ ହିନ୍ଦୁ ଓ ମୁସଲମାନ ଦରିଦ୍ରଙ୍କୁ ଅର୍ଥ ଦାନ କରି ଥିଲେ ।

**ଶ୍ରୀ ଏକ୍ରାମଅଲି ମେମ୍ବର ଇନଚାର୍ଜ ଓଡ଼ିଶା ଇସଲାମଅସୋସିଏସନ**—ଆମ୍ଭେମାନେ ପୂର୍ବରୁ କହିଅଛୁଁ ଯେ ଏସମ୍ବନ୍ଧରେ ଆଉ କିଛି ପ୍ରକାଶ କରିବୁଁ ନାହିଁ ଏବଂ ଆପଣ ଇସଲାମସଭାର ଯେଉଁ ନିର୍ଦ୍ଧାରଣ ପ୍ରକାଶ କରିବାକୁ ଇଚ୍ଛା କରନ୍ତି ତାହା ପ୍ରଥମେ ସର୍ବସାଧାରଣଙ୍କୁ ଜଣାଇବାରେ କିଛି ଫଳ ନାହିଁ । ଯେଉଁ ଦୁଇ ବ୍ୟକ୍ତିଙ୍କର ନାମ ତହିଁରେ ଲେଖାଅଛି ସେମାନଙ୍କ ନିକଟକୁ ପଠାଇ ଦେଲେ ଯଥେଷ୍ଟ ହେବ । ଯେବେ ସେମାନେ ସାବଧାନ ନ ହେବେ ତେବେ ନି- ର୍ଦ୍ଧାରଣର ମର୍ମମତେ ସେମାନଙ୍କ ବିଷୟ ସର୍ବସା- ଧାରଣ ଏବଂ କର୍ତ୍ତୃପକ୍ଷମାନଙ୍କୁ ଜଣାଇବା ପ୍ରସଙ୍ଗ ସଙ୍ଗ ବିଚାର କରିବେ ।

---

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।

---

ମାନ୍ୟବର ଶ୍ରୀଳ ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ

ମହାଶୟ ସମୀପେଷୁ

ମହାଶୟ !

ଅଧଃ ପ୍ରକଟିତ କତିପୟ ପଂକ୍ତିକୁ ଆପଣ- ଙ୍କର ସୁବିଖ୍ୟାତ ପତ୍ରିକାର ଏକ ପାର୍ଶ୍ୱରେ ସ୍ଥାନ ପ୍ରଦାନ କରି ବାଧିତ କରିବା ହେବେ । ଅପରପ୍ରାଇମେରୀ ସ୍କୁଲ ପାଠ୍ୟପୁସ୍ତକ ରଚନା- ଶିକ୍ଷା ଶ୍ରୀବାବୁ ସୀତାନାଥ ରାୟଙ୍କ ପ୍ରଣୀତ ଏହାର ଦ୍ୱିତୀୟ ସାଧନାରେ ଗ୍ରନ୍ଥକାର 'ବୃଦ୍ଧି' 'କ୍ଷୟ' 'ବିଷାଦ' 'ହର୍ଷ' "ଅଗ୍ର" ପ୍ରଭୃତି କେତେକ ଶବ୍ଦକୁ ବିଶେଷଣ ବୋଲି ବ୍ୟବହାର କରିଅଛନ୍ତି ମାତ୍ର ଏହିଗୁଡ଼ିକ ବି- ଶେଷ୍ୟ ଅତଏବ ସୁକୁମାରମତି ବାଳକମାନଙ୍କର

Digitized by srujanika@gmail.com

Split by PDF Splitter



ଶିକ୍ଷାର ଏପରି ପୁସ୍ତକଦ୍ୱାରା ଉନ୍ନତି ହୋଇ ନ ପାରେ । ଆଶା କରୁଁ ଗ୍ରନ୍ଥକାର ନୂତନ ସଂସ୍କରଣରେ ସଂଶୋଧନ ପ୍ରତି ଦୃଷ୍ଟି ରଖିବେ ।

ବଶମ୍ବଦ

ଶ୍ରୀ ଚନ୍ଦ୍ରପ୍ରସାଦ ମିଶ୍ର । ବ୍ରହ୍ମପୁର

---

ମହାଶୟ !

ନିମ୍ନାଙ୍କିତ କେତେକ ପଂକ୍ତିକୁ ଆପଣଙ୍କର ଜଗଦ୍ ବିଖ୍ୟାତ ପତ୍ରିକାର ଏକପାର୍ଶ୍ୱରେ ସ୍ଥାନ ଦାନ କରି ଚିରବାଧିତ କରିବା ହେବେ ।

ଏହିକି ବିଗତ ତା ୧୬ ରିଖ ଫିବ୍ରୁୟାରି ଶୁକ୍ରବାର ଦିନ ଘ ୧୧ ଟା ସମୟରେ ପଦ୍ମପୁର ଫାଣ୍ଡି ପାରି ହୋଇ ପ୍ରାୟ ଅଧମାଇଲ ଅନ୍ଦାଜ ଆଗକୁ ଗଲାପରି ହଠାତ୍ ଦୁଇଜଣ ଲୋକ ଆସି ଆମ୍ଭର ଗାଡ଼ିକି ଆକ୍ରମଣ କଲେ ଓ ଜବରଦସ୍ତି ଫେରାଇବାକୁ ବସିଲେ । ଆମ୍ଭେ ଆପଣା ଘରର ଗାଡ଼ିରେ ଓ ଚେମାଇ ନାୟକନାମକ ନିଜର ଗାଡ଼ିବାଲାଦ୍ୱାରା କଟକଠାରୁ ଅଶ୍ୱରେଶ୍ୱରଠାକୁ ଯାଉଥିଲୁଁ । ମଧ୍ୟ ଉକ୍ତ ଗାଡ଼ିରେ ଆମ୍ଭସହିତ ଏକଜଣ ସ୍ତ୍ରୀଲୋକ ଥିଲେ ଏବଂ ଆମ୍ଭ ଶରୀର ନିତାନ୍ତ ପୀଡ଼ିତ ଥିଲା । ସେ ସମୟପର୍ଯ୍ୟନ୍ତ ଆମ୍ଭେମାନେ ସ୍ନାନ କି ଭୋଜନ କିଛି କରି ନ ଥିଲୁଁ । ତେଣୁ ଆମ୍ଭେ କଦାପି ଗାଡ଼ି ଫେରାଇବାକୁ ଦେଲୁଁ ନାହିଁ । ଉକ୍ତ ଦୁଇ ଲୋକ କହିଲେ କଂପାଣିରେ ଖଲବଦାର ବାବୁ ମୁନସି ଅଛନ୍ତି ସେ ଡାକୁଅଛନ୍ତି ଗାଡ଼ିକି ଫେରାଇ ଆଣ ଉକ୍ତ ମୁନସି ବାବୁ ସାଲେପୁରଠାରୁ ପଦ୍ମପୁରଠାକୁ କାର୍ଯ୍ୟ ବିଶେଷରେ ଆସିଥିଲେ ଓ ତାଙ୍କର କିଛି ଜିନିସପତ୍ର ସାଲେପୁରଠାକୁ ଯିବାର ଥିଲା ତେଣୁ ଗାଡ଼ିର ଆବଶ୍ୟକ ଥିଲା ମାତ୍ର ଆମ୍ଭମାନେ ଆଉଁ ୨ ବୋଝାଇ ଗାଡ଼ିକି ସହସା ଆକ୍ରମଣ କରି ଜବରଦସ୍ତି ଫେରାଇବାକୁ ଟଣାଟଣି କରିବା କେତେଦୂର ଅନ୍ୟାୟ ଅବଶ୍ୟ ସର୍ବସାଧାରଣ ବିଚାର କରିବେ ଅନେକବାକ୍ୟ ବ୍ୟୟ ହେଲାଉତ୍ତାରୁ ଆମ୍ଭେ କୌଣସିମତେ ଗାଡ଼ି ଫେରାଇବାକୁ ନ ଦେବାରୁ ଗାଡ଼ିବାଲାକୁ ଜବରଦସ୍ତି ଧରି ନେଇଯାଇ ଉକ୍ତ ମୁନସି ବାବୁ ଅଯଥା ନାନାପ୍ରକାର ଗାଳିଗୁଳଜ କରି ଦୁଇଘଣ୍ଟାକାଳ ଅଟକାଇ ଛାଡ଼ି ଦେଲେ । ଉପରୋକ୍ତ ଅବସ୍ଥାରେ ଅକାରଣ ଦୁଇଘଣ୍ଟା ଗାଡ଼ିକି ଅଟକାଇବା ଓ ଗାଡ଼ିବାଲାପ୍ରତି ଗାଳିଇତ୍ୟାଦି ଅତ୍ୟାଚାର କରିବା ଯେ କେତେଦୂର ଅନ୍ୟାୟ ତାହା ଆମ୍ଭର କହିବା ବାହୁଲ୍ୟ ମାତ୍ର । ପରିଶେଷରେ ନିବେଦନ ଏହିକି ଭବିଷ୍ୟତରେ ଆଉ ଯେପରି ଏମନ୍ତ ଘଟନାମାନ ପୁଲିସ କର୍ମଚାରୀଙ୍କଦ୍ୱାରା ନ ଘଟେ ତହିପ୍ରତି କର୍ତ୍ତୃପକ୍ଷୀୟମାନଙ୍କର ବିଚାର କରି ବୃଥା ଅତ୍ୟାଚାରୀ ପୁଲିସମାନଙ୍କୁ ସାବଧାନ କରିଦେବା ଏକାନ୍ତ କର୍ତ୍ତବ୍ୟ—ନୋହିଲେ ଶାନ୍ତିରକ୍ଷକମାନେ ଯଦି ଶାନ୍ତିଭଙ୍ଗକ ହୁଅନ୍ତି ତେବେ ଶାନ୍ତିର ଆଶା କେଉଁଠାରେ ?

ଚଉଧୁରି ବଜାର
କଟକ
୨୮।୨।୯୪

। ନି । ଶ୍ରୀ ରାସବିହାରି ରାୟ

---

ମହାଶୟ !

ଆମ୍ଭମାନଙ୍କ ଓଡ଼ିଆ ଜବା ଓଡ଼ିଶାବାସୀ ବଙ୍ଗୀୟପ୍ରଭୃତିଙ୍କ ମଧ୍ୟରେ କେବଳ ଚୌଧୁରୀ ଶ୍ରୀ ଲକ୍ଷ୍ମୀନାରାୟଣ ରାୟ ମହାଶୟ ପ୍ରତ୍ୟେକନିମିତ୍ତରେ ବ୍ରାହ୍ମଣ ପଣ୍ଡିତମାନଙ୍କୁ ଅର୍ଚ୍ଚନା କରି ଭକ୍ତିସହିତ ସେମାନଙ୍କର ଯଥୋପଯୁକ୍ତ ଚର୍ଚ୍ଚାକରାଇଁ ଯଥାସମ୍ଭବ ବିଦାୟି ପ୍ରଦାନଦ୍ୱାରା ବିଦ୍ୟାନୁରାଗିତା ଓ ଗୁଣଗ୍ରାହିତାର ସ୍ୱଭାବକୁ ବାରଂବାର ପ୍ରକଟ କରାଇଅଛନ୍ତି ଓ କରାଉଁଅଛନ୍ତି, ବର୍ତ୍ତମାନ ଶ୍ରୀ ବାବୁ ଗୌରୀଶଙ୍କର ରାୟ ମହାଶୟଙ୍କ ସାନଭାଇ ଓକିଲ ବାବୁ ଶ୍ରୀ ରାମଶଙ୍କର ରାୟଙ୍କ କନ୍ୟାର ବିବାହ ଗତ ମକରମାସ ଦି ୨୨ ନ ହୋଇଥିଲା ଯେ ତହିଁରେ ଯେପରି ସମାରୋହ କରିଥିଲେ ତାଙ୍କତୁଲ୍ୟ ଅନ୍ୟାନ୍ୟ ବ୍ୟକ୍ତିମାନେ ସେହିପରି ସମାରୋହ କରିଅଛନ୍ତି କି ନା ତାହା ବୋଲିଯାଇ ନ ପାରେ ଅର୍ଥାତ୍ ଆମ୍ଭମାନଙ୍କର ଦୃଷ୍ଟିଗୋଚର ହୋଇଁ ନାହିଁ ବୋଇଲେ ଅତ୍ୟୁକ୍ତି ହେବ ନାହିଁ । ସେହି ଶୁଭବିବାହ ଉପଲକ୍ଷରେ ଏହି କଟକରେ ଉପସ୍ଥିତ ଥିବା ପଣ୍ଡିତମାନଙ୍କ ମଧ୍ୟରୁ ଯେଉଁମାନଙ୍କୁ ଉପଯୁକ୍ତ ପଣ୍ଡିତବୋଲି ସେ ଜାଣନ୍ତି (ଆଜିକାଲି ନାମଧାରୀ ପଣ୍ଡିତମାନଙ୍କର ବହୁଳସୃଷ୍ଟି ଦେଖାଯାଏ ନର୍ମାଲସ୍କୁଲ ପ୍ରଭୃତିରୁ) ସେମାନଙ୍କୁ ନିମନ୍ତ୍ରଣ କରାଇଁ ଯଥୋଚିତ ସମ୍ମାନପୂର୍ବକ ଚର୍ଚ୍ଚା କରାଇ ବିଦାୟକରି ଦେଲେ ତହିଁପରେ ପଣ୍ଡିତମାନଙ୍କର ମାନ ମର୍ଯ୍ୟାଦା ସ୍ୱରୂପ ଯଥାସମ୍ଭବ ପୁରସ୍କାର ପଣ୍ଡିତମାନଙ୍କ ବସାକୁ ପଠାଇଦେଲେ । ଏହା ଦେଖି ବ୍ରାହ୍ମଣ ପଣ୍ଡିତମାନେ ଆପଣାର ପରିଶ୍ରମଦ୍ୱାରା ଲାଭ କରିଥିବା ଯୋଗ୍ୟତାର ମୂଲ୍ୟାନୁଭବ କରି ବାବୁ ମହାଶୟଙ୍କର ଶୁଭକାମନାରେ ସୁକଲ୍ୟାଣ କରୁଅଛନ୍ତି ।

ଆଉ ଆମ୍ଭ ଓଡ଼ିଆଙ୍କମଧ୍ୟରେ ସୁଙ୍ଗୁଡ଼ାଇଲାକା ଭେଡ଼ାସ୍ଥାନନିବାସୀ ଜମିଦାର ଚଉଧୁରୀ ଶ୍ରୀ ବୈଦ୍ୟନାଥ ରାୟଗୁରୁ ମହାପାତ୍ର ମହାଶୟ ଗତ ମକରମାସ ଦି ୧୩।୧୫ ନ ଆପଣା କନ୍ୟାର ଏବଂ କନିଷ୍ଠ ପିତୃବ୍ୟଙ୍କ କନିଷ୍ଠ ନନ୍ଦନର ଏହି ଦୁହିଙ୍କର ଶୁଭବିବାହ କରାଇଥିଲେ ଯେ ସେ ଯେପରି ସମାରୋହ କରିଥିଲେ ଆମ୍ଭ ଓଡ଼ିଆ ବ୍ରାହ୍ମଣମାନଙ୍କ ମଧ୍ୟରେ କେହି ସେପରି ସମାରୋହ କରିଥିବାର ପ୍ରାୟ ଦେଖା ନାହିଁ । ଆଉ ଯାହା କରିଅଛନ୍ତି ତାହାତ ଅଧିକ କଥା କିନ୍ତୁ ଯେତେ ମନୁଷ୍ୟଙ୍କୁ ସେ ଖାଇବାକୁ ଦେଇଅଛନ୍ତି ତାହା ବର୍ଣ୍ଣନାତୀତ । ଆମ୍ଭେ ଦୁଇଦିନ ରହି ସେଠାରେ ଦେଖିଥିଲୁଁ ଯେ ଦିବସ ଓ ରାତ୍ରିରେ ମହୀମେଳା ପ୍ରାୟ ମନୁଷ୍ୟ ପୂର୍ଣ୍ଣ ହୋଇ ରହିଥନ୍ତି ଏବଂ ଯେ ଯେତେବେଳେ ମିଳୁଥାଏ ସେହିକ୍ଷଣି ଇଚ୍ଛାନୁରୂପ ଭୋଜନ କରିବାରେ କାହାର ବାରଣ ନ ଥିଲା ଏବଂ ପୂଜାହାରୀ ବ୍ରାହ୍ମଣ କେତେକଜଣ ଖନାରେ ଚାଉଳ ପରିବେଷଣ କରିବାରେ ତୃଟି କରୁ ନ ଥିଲେ । ଏପରି କେତେକଜଣ ବ୍ରାହ୍ମଣ ପଣ୍ଡିତମାନଙ୍କୁ ନିମନ୍ତ୍ରଣ କରି ଆଣାଇଁ ସେମାନଙ୍କୁ ଯଥା ମାନ୍ୟପୂର୍ବକ ଚର୍ଚ୍ଚାକରାଇଁ ଯଥୋପଯୁକ୍ତ ବିଦାୟପ୍ରଦାନ ସମୟରେ ଭାଇମାନଙ୍କସହିତ ବିନମ୍ରୀ ହୋଇ ନମସ୍କାର କରି ମେଲାଣି କରିଅଛନ୍ତି—ବିଶେଷ କଣ କହିବା ଓଡ଼ିଆ ଧନୀ ବ୍ରାହ୍ମଣମାନଙ୍କ ମଧ୍ୟରେ ଏହାଙ୍କତୁଲ୍ୟ ବ୍ରାହ୍ମଣପଣ୍ଡିତମାନଙ୍କର ସମ୍ମାନ କେହି କରି ନାହିଁ ବୋଇଲେ ଅସମ୍ଭବ ନୁହଇ ।

ମୋହର ଏହା ଲେଖିବାର ବିଶେଷକାରଣ ଏହିକି ଉକ୍ତ ବାବୁମହାଶୟ ଏବଂ ଚୌଧୁରୀ ଏ ଦୁହିଙ୍କପ୍ରାୟ ଯେବେ ଅନ୍ୟାନ୍ୟ ଧନୀ ଜମିଦାରମାନେ ବ୍ରାହ୍ମଣ ପଣ୍ଡିତମାନଙ୍କର ସମୟ ସମୟରେ ସମ୍ମାନ କରୁଥାନ୍ତେ ତେବେ ଆଜିକାଲି ସଂସ୍କୃତବିଦ୍ୟାର ଏପରି ଦୁର୍ଦ୍ଦଶାହୋଇ ନ ଥାନ୍ତା । ଭରସା ହୁଅଇ ଅନ୍ୟାନ୍ୟ ବିଦ୍ୟାନୁରାଗୀ ବ୍ୟକ୍ତିମାନେ ଉକ୍ତ ମହାଶୟ ଦୁହିଙ୍କର ଅନୁଗାମୀ ହୋଇ ସମୟ ସମୟରେ ବିଦ୍ୱାନ୍ ବ୍ୟକ୍ତିମାନଙ୍କର ଏହିପରି ଉତ୍ସାହ ବର୍ଦ୍ଧନ କରାଇଲେ ଭବିଷ୍ୟତକୁ ସଂସ୍କୃତ ଅଧ୍ୟୟନର ଅନ୍ତର ବଢ଼ିବାରେ କୌଣସି ସନ୍ଦେହ ରହିବ ନାହିଁ ଇତି ।

୧୬।୨।୯୪

। ନି । ଶ୍ରୀ

---

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ ଦୁର୍ଗାଦାସ ମହାନ୍ତି | କେନ୍ଦୁଝର | [illegible] |
| „ ଗୌରଚରଣ ମହାନ୍ତି | ଦେଙ୍କାନାଳ | [illegible] |
| „ ସୁଦର୍ଶନ ଦାସ | କଟକ | [illegible] |
| „ ଲୋକନାଥ ବାହିନୀପତି | „ | [illegible] |
| „ ଜଗନ୍ନାଥ ବଳର | „ | [illegible] |

Digitized by srujanika@gmail.com

Split by PDF Splitter



# ବିଜ୍ଞାପନ ।

## ସଦର ଲୋକାଲ ବୋର୍ଡ଼ ଅଫିସ ।

## କଟକ ।

—:୦:—

ଯେହେତୁ ଏ ସଦର ସବ୍‌ଡିବିଜନ ଅନ୍ତର୍ଗତ ନିମ୍ନଲିଖିତ ଥାନା ମଧ୍ୟସ୍ଥିତ ପାଉଣ୍ଡମାନ ସନ ୧୮-୯୪ ସାଲ ଅପ୍ରେଲମାସ ତା ୧ ରିଖଠାରୁ ସନ ୧୮୯୫ ମସିହା ମାର୍ଚ୍ଚମାସ ତା ୩୧ ରିଖ ସୁଦ୍ଧା ଏକବର୍ଷ ନିମନ୍ତେ ସନ ୧୮୯୪ ମସିହା ମାର୍ଚ୍ଚ-ମାସ ତା ୧୬ ଓ ତା ୧୭ ରିଖ । ମୂ । ସନ ୧୩୦୧ ସାଲ ଚଇତ୍ର ମାସ ଦ ୨୬ ନ ଶୁକ୍ର ଓ ଶନିବାର ବେଳ ଘ ୧୧ ଣ୍ଟା ସମୟେ କଟକ ଲୋକାଲବୋର୍ଡ଼ ଅଫିସରେ ଶ୍ରୀଯୁକ୍ତ ଚେୟାରମେନ ବାହାଦୂରଙ୍କ ହଜୁରରେ ପ୍ରକାଶ୍ୟ ଡାକ ନିଲାମଦ୍ୱାରା ଇଜାରା ବନ୍ଦୋବସ୍ତ କରାଯିବ ।

ଅତଏବ ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜ୍ଞାତ କରାଯାଉଅଛି ଯେ ଯେଉଁମାନେ ଡାକ ନିଲାମରେ ଇଜାରା ନେବାକୁ ଇଚ୍ଛା କରନ୍ତି, ସେମାନେ ନିଜେ-ନିଜେ ନିରୂପିତ ଉପରଲିଖିତ ତାରିଖେ ନିଲାମ-ସ୍ଥାନରେ ଉପସ୍ଥିତ ହୋଇ ଡାକ ନିଲାମରେ ଇଜାରା ନେଇ ପାରିବେ । ଯାହାଙ୍କର ଡାକ ସର୍ବାପେକ୍ଷା ଉଚ୍ଚଦର ହେବ ଅଥବା କୌଣସି ଆପତ୍ତି ନ ଥିଲେ ତାଙ୍କର ଡାକରେ ନିଲାମ ସ୍ଥିର କରାଯିବ; ଏବଂ ନିଲାମଗ୍ରହୀତା ତତ୍‌କ୍ଷଣାତ୍ (ଅର୍ଥାତ୍ ନିଲାମ-ଡାକ ଶେଷ ହେଲା କ୍ଷଣି) ନିଲାମି ଜରସମନର ଚତୁର୍ଥାଂଶ ଜାମୀନ ସ୍ୱରୂପ ଅବିଲମ୍ବେ ଦାଖଲ କରିବେ, ବାକି ଜରସମନ ନିରୂପିତ କିସ୍ତ ଅନୁ-ସାରେ ଦାଖଲ କରିବାକୁ ହେବ । ଉକ୍ତ ଚତୁର୍ଥାଂ-ଶ ଟଙ୍କା ନିଲାମଶେଷ ହେବା ମାତ୍ରେ ଦାଖଲ ନ ହେଲେ ପୁନ ନିଲାମ କରାଯିବ, ତହିଁରେ ଯେ କ୍ଷତି ହେବ ତାହା ତ୍ରୁଟିକାରଙ୍କୁ ଦେବାକୁ ହେବ ନିଲାମ ସ୍ଥିର ହେଲାରୁ ଗୃହୀତା ନିୟମିତ ଷ୍ଟାମ୍ପ-କାଗଜରେ ବୋର୍ଡ଼ର ଚେୟାରମେନଙ୍କ ନିରୂପିତ ସର୍ତ୍ତ ଅନୁସାରେ ଶାଘ୍ରମତେ କବୁଲିୟତ ଲେଖି ଦେଇ ରେଜେଷ୍ଟାରୀ କରି ଦେବେ । ଉପରୋକ୍ତ ନିଲାମ ଓଗେର ସମ୍ବନ୍ଧୀୟ କୌଣସି ସମ୍ବାଦ ଆଦି ବୁଝିବାକୁ ଅବଶ୍ୟକ ହେଲେ ସଦର ଲୋକାଲ-ବୋର୍ଡ଼ ଅଫିସରେ ହାଜର ହୋଇ ବୁଝି ପାରିବ ।

ଇତି

ତା ୨୮ ରିଖ ମାହେ ଫିବ୍ରୁରି ସନ ୧୮୯୪ମସିହା

## ପାଉଣ୍ଡମାନଙ୍କ ନାମ ।

(୧) ଥାନା ସାଲେପୁର ।—

୧ ପଦ୍ମପୁର ୨ ଜଗନ୍ନାଥପୁର ୩ ସାଲେପୁର ୪ ରଘୁନାଥନଗର (କପୁରପୁର ୫ କୁହୁଣ୍ଡାଜୟପୁର ୬ ମୌଦା ୭ ନଗସପୁର ୮ ସାମନ୍ତରାପୁର ୯ ସବଲକଣା ୧୦ ଅସୁରେଶ୍ୱର ୧୧ ନରେନ୍ଦ୍ରପୁର

(୨) ଥାନା ଜଗତ୍‌ସିଂହପୁର ।—

୧୨ ଗୋବିନ୍ଦପୁର ୧୩ ଶଙ୍ଖାରସାହି ୧୪ ବାଲିଆ ୧୫ ଜଗତ୍‌ସିଂହପୁର ୧୬ କସର୍ଦା ୧୭ କଣ୍ଡାପଡ଼ା ୧୮ ନିଆଳି ୧୯ ସୁହୁକଣ୍ଡି (ନୟାଗାଁ) ୨୦ ବାଲିକୁଦା ୨୧ ରଘୁନାଥପୁର

(୩) ଥାନା କଟକ ।—

୨୨ ଭଗତପୁର (ଟାଙ୍ଗି) ୨୩ ହରିବାଟୀ ୨୪ ତେଲଙ୍ଗାପେଣ୍ଠ ୨୫ ପାଥପୁର (ଡମପଡ଼ା)

(୪) ଥାନା ତିର୍ତ୍ତୋଲ ।—

୨୬ ନୂଆପଟଣା (ତିର୍ତ୍ତୋଲ) ୨୭ ହୁଙ୍କୁଡ଼ି (ଜୟପୁର) ୨୮ କନକପୁର ୨୯ ପଙ୍କପାଲ ୩୦ ଅନନ୍ତପୁର (କୁଜଙ୍ଗ)

(୫) ଥାନା ବାଙ୍କି ।—

୩୧ ଚଟିକା (ବାଙ୍କୀ) ୩୨ ତୁଳସୀପୁର ୩୩ ବୈଦ୍ୟେଶ୍ୱର ୩୪ କଲାପଥର ୩୫ ପଥୁରିଆପଡ଼ା

J. C. Chander

*Chairman*

---

ଏହାଦ୍ୱାରା ସର୍ବ ସାଧାରଣଙ୍କୁ ଜଣା ଇ ଦିଆଯା-ଉଅଛି ଯେ ବଡ଼ାମ୍ବା କିଲ୍ଲାର ଅଫିମ, ମଦତ ଓ ସରାପ ଦୋକାନ ମାନ ଓ ଚମଡ଼ା କାରବାରର ଲାଇସେନ୍ସ ସ୍ନ ୧୮୯୪-୯୫ ସାଲ ନିମନ୍ତେ ଉକ୍ତ କିଲ୍ଲାର ମାନେଜରଙ୍କ କଚେରୀରେ ଚଳିତ ମାର୍ଚ୍ଚ-ମାସ ତା ୨୫ ରିଖଠାରୁ ତା ୨୭ ରିଖ ମଧ୍ୟରେ ପ୍ରକାଶ୍ୟ ନିଲାମ ଦ୍ୱାରା ସର୍ବୋଚ୍ଚ ଡାକବା ବ୍ୟକ୍ତି-ଙ୍କୁ ଦିଆଯିବ ଯେଉଁମାନେ ଉକ୍ତ ଦୋକାନ ମାନ ନେବାର ମାନସ ରଖୁଥିବେ ସେମାନେ ଆପେ ଅଥବା ଆପଣା ତରଫ ଲୋକଦ୍ୱାରା ଉପରୋକ୍ତ ତାରିଖରେ ମାନେଜରଙ୍କ କଚେରୀରେ ହାଜର ହୋଇ ନିଲାମ ଡାକ ପାରିବେ ।

| | |
|---|---|
| ବଡ଼ାମ୍ବା<br>୬।୩।୯୪ | Madan Mohan Patnaik<br>manager of Baramba. |

---

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆ-ଯାଉଅଛି କି । ଢେଙ୍କାନାଳର ଅଫିମ, ମଦଗ, ସରାପ ଓ ତାଡ଼ୀ ଅବକାରୀ ଦୋକାନମାନ ଏବଂ ଚମଡ଼ା ହାଡ଼ ଓ ଜଙ୍ଗଲଜ ଦ୍ରବ୍ୟ ଅର୍ଥାତ୍ ହରଡ଼ା, ବାହାଡ଼ା, କୋଚିଲା, ଲାକ୍ଷ ଇତ୍ୟାଦି ପ୍ରୋକ୍ତ ତରବାର ଲାଇସେନ୍ସ ଆଗାମୀ ମାର୍ଚ୍ଚମାସ ତା ୧୫ ରିଖ ଠାରୁ ଉକ୍ତ ମାସ ତା ୩୧ ରିଖ ପର୍ଯ୍ୟନ୍ତ ହେଷ୍ଟ ଶ୍ରୀ ମାନେଜରଙ୍କ କଚେରୀରେ ନିଲାମ ହେବ ଯେଉଁମାନେ ନିଲାମରେ ଦୋକାନମାନ ଖରିଦ କରିବାକୁ ଇଚ୍ଛା ରଖନ୍ତି ଉକ୍ତ ସମୟ ରେ ଉପରୋକ୍ତ ସ୍ଥାନରେ ହାଜର ହୋଇ ନିଲାମ ଧରିବେ ବିଶେଷ ବୃତ୍ତାନ୍ତ ଜାଣିବାକୁ ଇଚ୍ଛାକଲେ ମାନେ-ଜରଙ୍କ କଚେରୀରେ ତତ୍ତ୍ୱ ନେଲେ ଜାଣି ପାରିବେ । ଇତି ।

| | |
|---|---|
| ୨୭।୨।୯୪ | ଶ୍ରୀ କୃଷ୍ଣଚନ୍ଦ୍ର ମହାନ୍ତି<br>ମାନେଜର |

---

### ପ୍ରୟୋଜନୀୟ ପୁସ୍ତକ ।

ବସୂଚିକା ଚିକିତ୍ସା ଓ ପଣକଥା ମାଳିକା ଏକ୨ ଅଣାରେ । ବସନ୍ତରୋଗ ଚିକିତ୍ସା ଓ ଧ୍ୟାନମାଳା ତିନ୨ ପଇସା ମୂଲ୍ୟରେ ଛନ୍ଦମାଳାର୍ଥ ଦୁଇପଇସା ମୂଲ୍ୟରେ ପ୍ରିଣ୍ଟିଂ କମ୍ପାନିଙ୍କ ପୁସ୍ତକଦୋକାନରେ ମିଳେ ।

---

# ସ୍ୱପ୍ନରେ ପ୍ରାପ୍ତ ।

## ବୈଦ୍ୟନାଥ ଦେବଙ୍କ କର୍ତ୍ତୃକ ।

### ଅବ୍ୟର୍ଥ ରୋଗନାଶକ ତାବିଜ ।

ଦୁଃସାଧ୍ୟ ବ୍ୟାଧିମାନଙ୍କରୁ ମୁକ୍ତିଲାଭର ଏକମାତ୍ର ଉପାୟ । ସ୍ୱଳ୍ପ ବ ଅର୍ଥ ଉପାର୍ଜ୍ଜନ କରିବାର ଅନ୍ୟ ଉପାୟ ନ ହୋ ଦେଶର ଦୁରବସ୍ଥା ନିବାରଣ ନିମନ୍ତେ ଏହା ପ୍ରଚାର କଲୁଁ ।

ଯଥା ଶରୀରରେ ଏହି ତାବିଜ ଧାରଣ କଲେ, ଶ୍ୱାସକାଶ ଯକ୍ଷ୍ମାକାଶ, ଧବଳକୁଷ୍ଠ, ଶୂଳ, ଶିରଃପୀଡ଼ା, ଅର୍ଦ୍ଧକପାଳ ଅମ୍ଳପିତ୍ତ, ପ୍ଲୀହା ଯକୃତ୍, ଅତିସାର, ରକ୍ତାତିସାର, ଗ୍ରହଣୀ, ପ୍ଲୀହା, ଯକୃତ୍, ବାତ ଓ ରକ୍ତଯାତ ଅର୍ଶ, ଭଗନ୍ଦର-ବହୁମୂତ୍ର, ମୂତ୍ରକୃଚ୍ଛ୍ର, ପ୍ରମେହ ଓ ଉପଦଂଶ, ପାରଦ ଉପ-ଦଂଶଘଟିତ ବ୍ୟାଧି, ଶୋଥ, ଗୁଲ୍ମ, ଗଳଗଣ୍ଡ, ଚକ୍ଷୁରୋଗ, ପକ୍ଷାଘାତ, ଜ୍ୱରରୋଗ, ଶିରଃରୋଗମାନ, କର ଶ୍ୱେତପ୍ରଦର, ରକ୍ତପ୍ରଦର, ବାତରକ୍ତ, ବନ୍ଧ୍ୟା, ଗର୍ଭବେଦନା, ମୃତବତ୍ସା, ଅପସ୍ମାର (ମୂର୍ଚ୍ଛାବାତ) ଇତ୍ୟାଦି ପ୍ରଭୃତି ଯାବନ୍ତ କଠିନ ରୋଗ ଓ ଅସାଧ୍ୟ ହୋଇ ନ ପାରିବା କୋଠି, ତାହା ବୈଦ୍ୟନାଥଙ୍କ କୃପାରେ ସତ୍ୱର ଓ ନିଶ୍ଚୟ ଆରୋଗ୍ୟ ହେଉଅଛି । ପ୍ରତ୍ୟେକରେ ଯେଉଁ-ମାନଙ୍କର ସେମାନେ ଜ୍ଞାପନ ଓ ପ୍ରମାଣ ଗଣ୍ଡା ଯଥା, ନିୟମରେ ତାବିଜ ପ୍ରସ୍ତୁତ କରିବାର ଦ୍ରବ୍ୟ ବ୍ୟୟ ଓ କର୍ମଚାରୀମାନଙ୍କ ବେତନ ଦେବା ବାବତରେ ଏକ ତାବିଜ ପାଇଁ ଟ ୧୲ ଅଣା ହିସାବରେ ପଠାଇ ଦେଲେ ବ୍ୟବସ୍ଥା ହେବ ସହିତ ତାବିଜ ପାଇ ପାରିବେ । ଯେଉଁମାନେ ଯେଉଁ-ରୋଗ ନିମିତ୍ତ ତାବିଜ ଧାରଣ କରିବେ ତାଙ୍କର ନାମ ଓ ରୋଗର ନାମ ଲେଖିପେ ଆମଠାକୁ ଲେଖିବେ ।

ଶ୍ରୀମତ୍ୟା ଯଶୋଦାସୁନ୍ଦରୀ ଦେବ୍ୟା ।
ନବଦ୍ୱୀପ, ନଦିଆ

Digitized by srujanika@gmail.com

## ବନାରସୀମାଲ ।

ବନାରସ ନଗରରେ ଅମ୍ଭର ଗୋଟିଏ ବାଣିଜ୍ୟ କୋଠୀ ଅଛି ଏବଂ ଅନେକ ରାଜା, ମହାରାଜା ଏବଂ ଜମିଦାରମାନଙ୍କ ସହିତ ଅମ୍ଭର କାରବାର ଅଛି । ଅମ୍ଭ କୋଠୀରେ ବନାରସୀ ଜରଦାର କପଡ଼ା ପ୍ରଭୃତି ଅଶାନୁରୂପ ସୁଲଭ ମୂଲ୍ୟରେ ବିକ୍ରୟ ହୁଅଇ ।

କେହି କୌଣସି ପଦାର୍ଥ ମଗାଇଲେ ଭେଲ୍ୟୁପେବଲ ପାର୍ଶଲରେ ପଠାଇ ଦିଆଯାଏ ମାତ୍ର ସେହି ପଦାର୍ଥ ମନୋମତ ନ ହେଲେ କିମ୍ବା ଅଧିକ ମୂଲ୍ୟର ବୋଧ ହେଲେ ଉକ୍ତ ପଦାର୍ଥ ଅମ୍ଭ ନିକଟକୁ ଓ୍ୟାପସ ନେଇ ଦେଲେ ଅବଶ୍ୟ ଗ୍ରହଣ କରୁ ପସନ୍ଦମୁତାବକ ପଦାର୍ଥ ପୁଣି ପଠାଇ ଦେବୁଁ କିମ୍ବା ଟଙ୍କା ଓ୍ୟାପସ ଦେବୁଁ । କେବଳ ମାଲ ମଗାଇବା ବ୍ୟକ୍ତିଙ୍କୁ ପଦାର୍ଥ ଫିରାଇ ଦେବାର ଡାକମାସୁଲ ସହିବାକୁ ହେବ ।

ନିମ୍ନଲିଖିତ ପଦାର୍ଥମାନ ଅମ୍ଭର କୋଠୀରେ ବିକ୍ରୟ ନିମିତ୍ତ ସର୍ବଦା ପ୍ରସ୍ତୁତ ଥାଏ ।;—

ବନାରସୀ ଜରିଦାର ଶାଢ଼ୀ, ଜରଦାର ଯୋଡ଼ ଚଦର, ସାଦା ଯୋଡ଼ ଚଦର, ଜରଦାର ଟୋପି, କୋଟ, ଚୋଗା, କନଟାପ, ବାସ୍ତା, ସାଟୀ, ବନାରସୀ ଦୋପଟ୍ଟା, ମଣ୍ଡିଲ, କିଂଖାପ କାଙ୍ଗା ଫେଟା, ରୁମାଲ, ଶାଲ, ନାନାପ୍ରକାର ମୂର୍ତ୍ତି । ଏତଦ୍ଭିନ୍ନ ଅନ୍ୟ ଯେ କୌଣସି ପ୍ରକାରର ପଦାର୍ଥ ବରାତ କଲେ ତାହା ମଧ୍ୟ ପଠାଇ ଦିଆଯିବ ।

ରୂପାର ଗିଲ୍ଟି କରା କାମଦାନୀ ପ୍ରଭୃତି ଜିନିଷର ବରାତ ଦେଲେ ଅଗ୍ରିମ ସ୍ୱରୂପ ଚତୁର୍ଥାଂଶ କର ପଠାଇ ଦିଆଯିବ ମାତ୍ର କେତୋଟି ଜିନିଷର ଅନୁମାନିକ ଚତୁର୍ଥାଂଶ ମୂଲ୍ୟ ଅଗ୍ରିମ ପଠାଇବାକୁ ହେବ ।

ଅମ୍ଭ ନିକଟକୁ କେହି ପତ୍ର ଲେଖିବାକୁ ଇଚ୍ଛା କଲେ ହିନ୍ଦୀ କିମ୍ବା ଇଂରେଜୀ-ଭାଷାରେ ଲେଖି ଅପଣାର ପୂରା ନାମ ଧାମ ସୁସ୍ପଷ୍ଟରୂପେ ଉଲ୍ଲେଖ କରିଥିବେ ।

ଶ୍ରୀ ପାଲୁମଲ ଭୋଲାନାଥ ।
କୃଷ୍ଣଗଲୀଫାଟକ, ବନାରସ ।

## ଶ୍ରୀମଦ୍‌ଭଗବଦ୍‌ଗୀତା ।

ଦ୍ୱିତୀୟସଂସ୍କରଣ ।

ବହୁଳ ଟୀକା ଓ ସରଳ ଭାଷାନୁବାଦସହିତ ମୁଦ୍ରିତ ହୋଇ କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି । ମୂଲ୍ୟ ପୂର୍ବପ୍ରାପ୍ୟ ଅଠଅଣା ଓ ମୋଫସଲକୁ ଡାକମାଶୁଲ ଦୁଇପଇସା ।

ଶ୍ରୀବ୍ରଜମଣ୍ଡଳକରନସ୍କ ।

## ସଂଗୀତସାର

### ନୂତନ ନୂତନ ନୂତନ

ସୁଲଭ ଉତ୍କଳ ସଙ୍ଗୀତ ପୁସ୍ତକ
ସଙ୍ଗୀତ ସଂଖ୍ୟା ଶତାଧିକ ।
ମୂଲ୍ୟ ଟ ୦ ୵୬ ଛଅଅଣା ମାତ୍ର ।

ଓଡ଼ିଆ ସଙ୍ଗୀତମାନଙ୍କରୁ କେତେକ ସାର ସଂଗୃହୀତ ହୋଇ ଏହି ନୂତନ ପୁସ୍ତକ ମୁଦ୍ରିତ ହୋଇଅଛି । ଏଥିରେ ନାନାପ୍ରକାର ସ୍ୱରବର୍ଣ୍ଣନା ଓ ନୂତନ ସଙ୍ଗୀତ ସନ୍ନିବେଶିତ ହୋଇଅଛି । କଟକ ପ୍ରିଣ୍ଟିଂକୋମ୍ପାନିଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ।

## ତୃତୀୟପାଠର ବ୍ୟାଖ୍ୟା ।

ଏଥିରେ ପୁସ୍ତକାନ୍ତର୍ଗତ କଠିନ ଶବ୍ଦମାନଙ୍କର ଅର୍ଥ, ବ୍ୟୁତ୍ପତ୍ତି, ସମାସ ପ୍ରଭୃତି ଓ ଦୁର୍ବୋଧ ସ୍ଥଳମାନଙ୍କର ଭାବ ବୃତ୍ତ ଏବଂ ଐତିହାସିକ ଓ ଭୌଗୋଳିକ ବିବରଣ ସନ୍ନିବେଶିତ ହୋଇଅଛି । ଇଂରାଜୀ ମିଡିଲ ସ୍କୁଲର ପ୍ରଥମଶ୍ରେଣୀର ଛାତ୍ରମାନଙ୍କ ଓ ଛାତ୍ରବୃତ୍ତି ସ୍କୁଲର ତୃତୀୟଶ୍ରେଣୀର ଛାତ୍ରମାନଙ୍କ ପକ୍ଷରେ ଏ ପୁସ୍ତକ ଅତିବ ପ୍ରୟୋଜନୀୟ । ଅନେକ ଶିକ୍ଷକ ମଧ୍ୟ ଏଥିରୁ ସାହାଯ୍ୟ ପାଇ ପାରିବେ । ମୂଲ୍ୟ ଚାରିଅଣା । କଟକ ବରଦାବଜାର ପ୍ରିଣ୍ଟିଂକମ୍ପାନିଙ୍କ ଛାପାଖାନାରେ ବିକ୍ରୟ ହେଉଅଛି ।

## ଶୀଘ୍ର ନିଅ ! ନିଅ ! ନିଅ !!

ପୁସ୍ତକ ସଂଖ୍ୟା ଅଳ୍ପ ଅଛି ।

ଗ୍ରାହକମାନଙ୍କ ସୁବିଧା ନିମନ୍ତେ ଅମ୍ଭ ପ୍ରଣୀତ ଓ ପ୍ରକାଶିତ ପୁସ୍ତକମାନ ଅଜଠାରୁ ଅର୍ଦ୍ଧ ମୂଲ୍ୟରେ ବିକ୍ରୟ ହେଲ ।

| | | |
|---|---|---|
| ସଙ୍ଗୀତ ସାଗର ପ୍ରଥମ ତରଙ୍ଗ | | ଟ ୦ ୵୦ |
| ଏତନ | ଦ୍ୱିତୀୟ ଏତନ | ଟ ୦ ୵୦ |
| ଏତନ | ତୃତୀୟ ଏତନ | ଟ ୦ ୵୦ |
| ଏତନ | ଚତୁର୍ଥ ଏତନ | ଟ ୦ ୵୦ |
| ଜୀବ-ଚମ୍ପୂ | | ଟ ୦ ୵ |
| କବିତାବ କ୍ଷେତ୍ର | | ଟ ୦ ୵ |

ଏହି ପୁସ୍ତକମାନ କଟକ ପ୍ରିଣ୍ଟିଂକମ୍ପାନିଙ୍କ ଛାପାଖାନାରେ, ଚକ୍ ଏଜେଣ୍ଟ ବାବୁ ଶ୍ରୀ ରାମପ୍ରସନ୍ନ ମୁଖୋପାଧ୍ୟାୟଙ୍କ ଦୋକାନରେ, ଚୌଧୁରୀବଜାରସ୍ଥ ବାବୁ ଲକ୍ଷ୍ମୀନାରାୟଣ ଦାସଙ୍କ ଡାକ୍ତରଖାନାରେ ଏବଂ ବାଲୁବଜାରସ୍ଥ ଶ୍ରୀ ଗୋବିନ୍ଦରଥଙ୍କ ଦୋକାନରେ ମିଳିବ ।

କଟକ } ଶ୍ରୀ ଦାମୋଦର ପଟ୍ଟନାୟକ ।
୨୧।୧୨।୯୭ }

## ବିଚ୍ଚମସାହେବଙ୍କ ବଟିକା ।

### ( BEECHAM'S PILLS. )

ଫଲପ୍ରଦତାରେ ଏକ ୨ ଗିନିଅର ମୂଲ୍ୟ ଏକ ୨ ମୋହରକୁ ଶସ୍ତା ବୋଲିଯାଇ ପାରେ ଏ ବଟିକା କେବଳ ଉଦ୍ଭିଦପଦାର୍ଥରେ ପ୍ରସ୍ତୁତ ହୋଇ ଅଛି । ଏଥିରେ ପାରଦ ଇତ୍ୟାଦି ବିଷାକ୍ତ ବା ଧର୍ମହାନିକର ଦ୍ରବ୍ୟ ଦିଆଯାଇ ନାହିଁ । ଏହା ସବୁ ହାତରେ ପ୍ରସ୍ତୁତ ହୋଇ ନାହିଁ କଳରେ ପ୍ରସ୍ତୁତ ହୋଇଅଛି ।

ସକଳ ବୟସର ସ୍ତ୍ରୀ ପୁରୁଷଙ୍କ ପକ୍ଷରେ ସମାନ ଉପକାରୀ ବୋଲି ପୃଥିବୀରେ ବିଖ୍ୟାତ । ପରୀକ୍ଷା କଲେ ଏଥିର ଗୁଣ ଜାଣି ପାରିବ ।

ଉଦରାମୟ, ପାକସ୍ଥଳୀରେ ବ୍ୟଥା, ମୂତ୍ରବ୍ୟଥା, ମୂତ୍ରକୃଚ୍ଛ୍ର, ଭୋଜନ ଉତ୍ତାରୁ ଉଦରର ସ୍ଫୀତି ଓ ପୀଡ଼ା, ନିଦ୍ରାଲୁତା, ଶୈତ୍ୟ, ରକ୍ତୋଦ୍‌ଗମ, କ୍ଷୁଧାମାନ୍ଦ୍ୟ, ଶ୍ୱାସ, କୋଷ୍ଠବଦ୍ଧତା, ଚର୍ମରୋଗ ଇତ୍ୟାଦି ସକଳପ୍ରକାର ସ୍ନାୟବିକ ଓ ଦୈହିକ ପୀଡ଼ାରେ ଏହି ବଟିକା ଅମୋଘ ଔଷଧ । ଏବଂ ଉକ୍ତ ପରିବାର ଓ ଦେଶଭ୍ରମଣପ୍ରିୟଙ୍କ ପକ୍ଷରେ ଅତ୍ୟନ୍ତ ହିତକାରୀ ।

ହୋମିଓପ୍ୟାଥିକ ଔଷଧାଳୟରେ ପ୍ରାପ୍ତ ହୁଅଇ । ମୂଲ୍ୟ ପ୍ରତି ବାକ୍ସ ଆକାର ଅନୁସାରେ ଟ ୦ ୵୦ ଟ ୦ ୵୦ ଓ ଟ ୦ ୵୦ ଅଟଇ । ଡାକଖର୍ଚ୍ଚ ପୃଥକ ଦେବାକୁ ହେବ ।

ଉତ୍କଳଦୀପିକାର ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା।—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ଟ ୦ ୵ |
| ଅର୍ଦ୍ଧସ୍ତମ୍ଭକୁ | ଟ ୨୲ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ ୩୲ |

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ ହେଁ ଖର୍ଚ୍ଚ ଟ ୦ ୵ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚ ପ୍ରଥମଥରର ଦେଢ଼ା ଓ ଦୁଇଗୁଣ ଯଥାକ୍ରମେ ହେବ ।

ଅଧିକ ଦିନର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ଅଗ୍ରିମ ପଠାଇବାକୁ ହେବ ।

କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ।

Split by PDF Splitter
Digitized by srujanika@gmail.com